READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ | ସଂଖ୍ୟା-୩୦ | ୦୯ - ୧୫ ଅଗଷ୍ଟ, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-30 | 09th - 15th AUGUST, 2021 | BHUBANESWAR | ₹ 5/- (8 Pages)

## ସରିଲା ରିମାଣ୍ଡ, ଜେଲ୍ ଫେରିଲେ ବିରଞ୍ଚି

### ପତ୍ନୀ ସାଜିଥିଲେ ବୀମା କମ୍ପାନୀ ଏଜେଣ୍ଟ



**ଭୁବନେଶ୍ୱର :** ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସସି) ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ ବିରଞ୍ଚି ନାରାୟଣ ସାହୁଙ୍କ ରିମାଣ୍ଡ ଅବଧି ଶେଷ ହୋଇଛି । ଏହି ସମୟରେ ପଚରାଉଚରା କାଳରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ନେଇ ଭିଜିଲାନ୍ସ ଏସପି ସୂଚନା ଦେଇଛନ୍ତି । ରିମାଣ୍ଡ ଅବଧି ସରିବା ପରେ ବିରଞ୍ଚି କୋର୍ଟ ଚାଲାଣ ହୋଇଛନ୍ତି । ଭିଜିଲାନ୍ସ ଏସପିଙ୍କ ସୂଚନା ଅନୁଯାୟୀ, ତଦନ୍ତ ବେଳେ ବିରଞ୍ଚିଙ୍କ ଘରୁ ୧୧୪ଜଣ ପରୀକ୍ଷାର୍ଥୀଙ୍କର ଆଡମିଟ କାର୍ଡ ଜବତ କରାଯାଇଥିଲା । ସେଥିମଧ୍ୟରୁ ୧୦୭ଜଣ କେଉଁଠି ଚାକିରି ପାଇ ନଥିବା ତଦନ୍ତରୁ ଜଣା ପଡିଛି, ହେଲେ ବାକି ୭ଜଣଙ୍କୁ ନେଇ ତଦନ୍ତ ଚାଲିଛି । ସେହି ୭ଜଣ କେଉଁଠି ଚାକିରି ପାଇଛନ୍ତି କି ନାହିଁ ତାହା ତଦନ୍ତ ଘେରରେ ରହିଛି । ସୂଚନାଯୋଗ୍ୟ, କେଉଁଠି ପୁଞ୍ଜି ନିବେଶ, ଅନୈତିକ ଉପାର୍ଜନ ଆଉ ଆୟ ବ୍ୟୟର ଆକଳନ ଏହି ତିନିଟି ତଥ୍ୟ ହାସଲ ପାଇଁ ବିରଞ୍ଚିଙ୍କୁ ରିମାଣ୍ଡରେ ଆଣିଥିଲା ଭିଜିଲାନ୍ସ । ଏଥିରେ ସ୍ପଷ୍ଟ ହୋଇଛି ଯେ ବିରଞ୍ଚିଙ୍କ ଅନେକଗୁଡ଼ିଏ ଅଣ୍ଡର ଭ୍ୟାଲୁ ପ୍ରପର୍ଟି ରହିଛି, ଯାହାର ମୂଲ୍ୟ ଆଗକୁ ବଢ଼ିପାରେ । ଇନ୍ସ୍ୟୁରାନ୍ସ ପଲିସି କରିବାରେ ଆକ୍ଟିଭ ଥିଲେ ବିରଞ୍ଚି । ସେ ତାଙ୍କ ସ୍ତ୍ରୀଙ୍କ ଆଡୁଆଳରେ ମୋଟ ୯୦୦ଟି ଇନ୍ସ୍ୟୁରାନ୍ସ କରାଇଥିଲେ । ସେଥିମଧ୍ୟରୁ ୨୧ଜଣ ପ୍ରାର୍ଥୀ ପଲିସି କରିଛନ୍ତି । କେବେ ଓ କାହିଁକି କଲେ ସେ ବାବଦରେ ଅଧିକ ଖୋଳତାଡ଼ ହେଉଛି । ଖାଲି ସେତିକି ନୁହେଁ,

➤ ପୃ-୬

## ‘ଖେଳରତ୍ନ ପୁରସ୍କାର’ - ରାଜୀବ ଗାନ୍ଧୀଙ୍କ ନାଁ ହଟିଲା



**ନୂଆଦିଲ୍ଲୀ :** ଦେଶର କ୍ରୀଡ଼ାବିତ୍ ମାନଙ୍କୁ ପ୍ରଦାନ କରାଯାଉଥିବା ସମ୍ମାନଜନକ ‘ଖେଳରତ୍ନ ପୁରସ୍କାର’ର ନାଁ ବଦଳିଲା । ପୂର୍ବରୁ ଏହାକୁ ‘ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର’ କୁହାଯାଉଥିବା ବେଳେ ଏବେ ଏଥିରୁ ରାଜୀବ ଗାନ୍ଧୀଙ୍କ ନାଁକୁ ହଟାଇ ଦିଆଯାଇଛି । ତା’ସହିତ ଏହାକୁ ‘ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର’ ନାଁରେ ନାମିତ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏହି ଘୋଷଣା କରିଛନ୍ତି । ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ଗୁରୁବାର ବ୍ରୋଞ୍ଜ ପଦକ ଜିତି ଥିବା ବେଳେ ପ୍ରଧାନମନ୍ତ୍ରୀ ଆଜି ଏହି ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ଅଲିମ୍ପିକ୍ସରେ ୪୦ ବର୍ଷ ପରେ ପୁରୁଷ ହକି ଦଳ ପଦକ ଜିତିଛି । ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି, ଖେଳରତ୍ନ ପୁରସ୍କାରକୁ ମେଜର ଧ୍ୟାନ ଚାନ୍ଦଙ୍କ ନାଁରେ ନାମିତ କରିବାକୁ ସାରା ଦେଶରୁ ଅନେକ ନାଗରିକ ମୋତେ ଅନୁରୋଧ କରିଥିଲେ । ସେମାନଙ୍କ ମତାମତ ପାଇଁ ମୁଁ ଧନ୍ୟବାଦ ଦେଉଛି । ସେମାନଙ୍କ ଭାବନାକୁ ସମ୍ମାନ ଦେଇ ଏବେଠାରୁ ଖେଳ ରତ୍ନ ପୁରସ୍କାରକୁ ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର କୁହାଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆହୁରି କହିଛନ୍ତି, ମେଜର ଧ୍ୟାନ ଚାନ୍ଦ ଭାରତର ପ୍ରମୁଖ

➤ ପୃ-୬

## ଟିକା ନେଲେ ବି ସଂକ୍ରମଣ ଆଶଙ୍କା



**ଭୁବନେଶ୍ୱର :** ସରକାର ଯାତାୟାତକୁ ଖୋଲନ୍ତୁ ବା ବନ୍ଦ ରଖନ୍ତୁ, ଯେଉଁଭଳି ସର୍ଭେଲାନ୍ସ ଚାଲିଛି ସେମିତି ଜାରି ରହିଲେ ସଂକ୍ରମଣକୁ ନିୟନ୍ତ୍ରଣରେ ରଖାଯାଇପାରିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି । ଟିକାକରଣ ଜାରି ରଖିବା, ସର୍ଭେଲାନ୍ସ ଜାରି ରଖିବା । ଯଦି ସର୍ଭେଲାନ୍ସ ଦୃଷ୍ଟିରୁ କିଛି ଅଧିକ ଦରକାର ପଡେ, ପଦକ୍ଷେପ ନିଆଯିବ । ଟିକାକରଣ ୧୦୦% ସୁରକ୍ଷା ଦେଉନାହିଁ । ଟିକା ନେଲେ ବି ସଂକ୍ରମଣ ହେବାର ଆଶଙ୍କା ରହିଛି । ତେବେ ସର୍ଭେ ମୁତାବକ, ଏହି ସଂକ୍ରମଣର ସଂଖ୍ୟା ବହୁତ କମ୍ । ଟିକା ନେବାପରେ ଯେଉଁମାନେ ସଂକ୍ରମଣ ହେଉଛନ୍ତି, ସେମାନଙ୍କ ମଧ୍ୟରୁ ନଗଣ୍ୟ ରୋଗୀ ଗୁରୁତର ହେଉଛନ୍ତି । ସେଥିଲାଗି ଟିକା ନେବା ପରେ ବି ଆମକୁ କୋଭିଡ୍ ଅନୁରୂପ ନିୟମ ମାନିବାକୁ ହେବ । ସାମାଜିକ ଦୂରତା ରଖିବା, ମାସ୍କ ବ୍ୟବହାର କରିବା, ଭିଡ଼ କରିବାନି, ଟିକା ଓ କୋଭିଡ୍ ନିୟମ ମାନିଲେ ହିଁ ତାହା କରୋନାଠୁ ଦୂରରେ ରଖିବ । ଆମେ ଦ୍ୱିତୀୟ ଲହରରେ ଅଛେ । ତୃତୀୟ ଲହର ଆସିନାହିଁ । ଯଦି ତୃତୀୟ ଲହର ଆସିବ, ଯାହା ପଦକ୍ଷେପ

➤ ପୃ-୬

### ତୃତୀୟ ଲହର ସମ୍ପର୍କରେ ରାଜ୍ୟବାସୀଙ୍କୁ ସତର୍କ କରାଇଲେ ମୁଖ୍ୟମନ୍ତ୍ରୀ

## ନିୟମ ନମାନିଲେ ସମ୍ପୂର୍ଣ୍ଣ ଲକ୍‌ଡାଉନ



**ଭୁବନେଶ୍ୱର, :** ତୃତୀୟ ଲହର ସମ୍ପର୍କରେ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସତର୍କ କରିସାରିଲେଣି । ବିଶ୍ୱର ବିଭିନ୍ନ ସ୍ଥାନରେ ତୃତୀୟ ଲହର ଭୟଙ୍କର ହେବାରେ ଲାଗିଛି । ତେଣୁ ଏପରି ପରିସ୍ଥିତିରେ କୋଭିଡ୍ ନିୟମ ପାଳନରେ କୌଣସି ଢ଼ିଲା ଗୁରୁତର ହୋଇପାରେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି । ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଅନ୍‌ଲକ୍ ପରେ କେତେକ ମାର୍କେଟରେ ବହୁତ ଭିଡ ହେଉଛି । ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ । ଏହାଦ୍ୱାରା ଆମେ ନିଜ ପାଇଁ ଓ ନିଜ ପ୍ରିୟଜନଙ୍କ ପାଇଁ ବିପଦକୁ ଆମନ୍ତ୍ରଣ କରୁଛୁ । ଆମେ କିଛି ଜାଣିବା ପୂର୍ବରୁ ସଂକ୍ରମଣ ବହୁଭାବରେ ବଢ଼ିଯାଇପାରେ । ତେଣୁ ସରକାର ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି । ଯଦି ସରକାର ଅନୁଭବ କରନ୍ତି ଯେ ଲୋକମାନେ କୋଭିଡ୍ ନିୟମକୁ ଠିକ୍ ଭାବରେ ପାଳନ କରୁନାହାନ୍ତି, ତେବେ ପୁଣିଥରେ ସମ୍ପୂର୍ଣ୍ଣ ଲକଡାଉନ୍ ଘୋଷଣା କରିବାକୁ ସରକାର ବାଧ୍ୟ ହେବେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରିଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁଦ୍ଧ ଏପର୍ଯ୍ୟନ୍ତ ସରିନାହିଁ । ଦେଶର ଅନ୍ୟ ରାଜ୍ୟ ମାନଙ୍କରେ କୋଭିଡ୍ କେସ୍ ବଢୁଛି । ଭୁବନେଶ୍ୱରରେ ସଂକ୍ରମଣ ସ୍ଥିର ଅବସ୍ଥାରେ ଅଛି । ଜୀବନ ଓ ଜୀବିକା ଉଭୟକୁ ଗୁରୁତ୍ୱ ଦେଇ ଓଡ଼ିଶା ଧୀରେ ଧୀରେ ଅନଲକ ହେଉଛି । କିନ୍ତୁ ବିପଦ ଏପର୍ଯ୍ୟନ୍ତ ଦୂର ହୋଇନାହିଁ । କରୋନା ଭାଇରସ ଏବେ ବି ଆମ ଆଖପାଖରେ ରହିଛି ଓ ରୂପ ବଦଳାଇ ଗୁରୁତର ଆକ୍ରମଣ କରିବା ଶକ୍ତି ମଧ୍ୟ ତାର ରହିଛି । ତେଣୁ ମାସ୍କ

➤ ପୃ-୬

### ବକ୍ରବାଣୀ



କିଏ ସେ ଖାଇଲା ଖଜା ପଣସ
ବୋଲିଦେଲା ଅଠା ବିରଞ୍ଚି ମୁଣ୍ଡେ
କିରାଣୀ ଏକେଲା ଚୋରଟେ ଥିଲା
ଡିଣ୍ଡିମ ବାଜୁଚି ସବୁରୀ ତୁଣ୍ଡେ
ଘୁରି ଯାଉଅଛି ମଥାଟି ମୋର
ପରତେ ଯାଉନି ଏଇ କଥାଟି
ପାରିଲେନି ଜାଣି ହାକିମବାବୁ
କାମ କରୁଥିଲେ ଯେତେ ସେଇଠି
ଯେ ଗୋଟେ ନୂଆ ଟ୍ରେଣ୍ଡ ଆଇଟିରେ
ବଗ ଆଖି ବୁଜିକି ବଇଟିରେ ।

——— ଟୁଟୁ

### ବିଦ୍ୟୁତ୍ ବିଲ୍‌ରେ ବଡ କାରସାଦି

## ଉପଭୋକ୍ତାଙ୍କୁ ଭୁଆଁ ବୁଲାଇ କୋଟି କୋଟି ଲୁଟ୍



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବିଦ୍ୟୁତ୍ ସବ୍‌ଷ୍ଟେସନ୍‌ରେ ଟାଟା ପାୱାର କର୍ମଚାରୀଙ୍କ ଦ୍ୱାରା ବିଦ୍ୟୁତ୍ ବିଲ ପ୍ରସ୍ତୁତିରେ ହେଉଛି ବଡ ଧରଣର କାରସାଦି । ମାସର ନିର୍ଦ୍ଦିଷ୍ଟ ସମୟରେ ବିଲ ଦିଆନଯାଇ ଜାଣି ଜାଣି ବିଳମ୍ବରେ ଦିଆଯାଉଅଛି । ଫଳରେ ଗ୍ରାହକ ଯେଉଁଠି ୟୁନିଟ୍ ୩ ଟଙ୍କା ହିସବରେ ବିଲ ପଇଠ କରିବା କଥା , ସେଠାରେ ବେସ୍ କିଛି ୫ ଟଙ୍କା ୮୦ ହିସାବରେ ବିଲ ଆଦାୟ ହେଉଅଛି । ବିଜୁଳି ବିଲ୍‌ର ଏଭଳି କାରସାଦିରେ ଜଣେ ଉପଭୋକ୍ତା ମାସକୁ ବିଲ୍ ପରିମାଣରୁ ୧୦୦ ଟଙ୍କାରୁ ଅଧିକ ଠକାମିର ସିକାର ହେଉଛି । ଏପରି ଯୋଜନାବଦ୍ଧ ଭାବେ ଉପଭୋକ୍ତାଙ୍କୁ ଭୁଆଁ ବୁଲାଇ ଟାଟା ପାୱାର କମ୍ପାନି କୋଟି କୋଟି ଟଙ୍କା ହରିଲୁଟ୍ କରୁଛି । ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଏଭଳି ମାଳ ମାଳ ଅଭିଯୋଗ ଆସିଛି ବିଦ୍ୟୁତ୍ ବଣ୍ଟନ ଓ ବିଲିଂ ଦାୟିତ୍ୱରେ ଥିବା ଟିପିସିଓଡିଏଲ୍ ( ଟାଟା ପାୱାର ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ) ବିରୋଧରେ ଟିପିସିଓଡଏଲ୍ ଏବେ ଅସ୍ତରଙ୍ଗ ବ୍ଲକର ୧୫ ଗୋଟି ପଂଚାୟତରେ ବିଦ୍ୟୁତ୍ ଯୋଗାଣ ବିଲ ଆଦାୟ ଦାୟିତ୍ୱ ନେଇଛି । ଏହି ସବୁ ପଂଚାୟତରେ ୧୫ ହଜାର ୩ ଶହ ଉପଭୋକ୍ତା ରହିଛନ୍ତି । ଉଚିତ୍ ସମୟରେ ବିଲ୍ ନଦେଲେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ସଂସ୍ଥା ଉପଭୋକ୍ତା ମାନଙ୍କୁ ଧମକ ଦେଉଅଛି । ବିଚ୍ଛିନ୍ନ ହେବା ଭୟରେ ଉଚିତ୍ ସମୟରେ ବିଲ ଦେବାପାଇଁ ତତ୍ପର ଅଛନ୍ତି । ଅର୍ଥାତ୍ ବିଦ୍ୟୁତ୍ ବିଲ ନେଇ ସଂସ୍ଥା ସହ ମୁହାଁମୁହିଁ ହେବା ପାଇଁ ଚାହୁଁ ନଥିବା ବେଳେ ଏହାର ସୁଯୋଗ ନେଇ ସଂସ୍ଥା ବିଲିଂରେ ଠକିବା ପାଇଁ ଏଭଳି କାରସାଦି କରିଛି । ଅନୁସନ୍ଧାନ ବେଳେ କମ୍ପାନିର ଏଭଳି ଯୋଜନାବଦ୍ଧ ଚଂଚକତାର ପ୍ରମାଣ ଲାଗିଛି । ଅସ୍ତରଙ୍ଗ ଅଂଚଳର ଧଡେଶ୍ୱର ବିଶ୍ୱାଳ, ପ୍ରଶନ୍ନ ସ୍ୱାଇଁ ( ଡାଲୁଅକଣି), ଭରତ ବେହେରା ,

➤ ପୃ-୬




### ଘରୋଇ ସ୍କୁଲ ବିରୋଧରେ ସଙ୍ଗୀନ ଅଭିଯୋଗ

## ଟଙ୍କା ଦିଅ, ମାର୍କ ନିଅ




**ଭୁବନେଶ୍ୱର :** ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଅଭିଭାବକ । ପିଲାଙ୍କୁ ଅଧିକ ମାର୍କ ଦେବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଟଙ୍କା ମାଗୁଥିବା ନେଇ ଏହି ଅଭିଯୋଗ ହୋଇଛି । ଏହି ସ୍କୁଲରେ ଦଶମ ପାଠପଢ଼ା ସରିବା ପରେ ସେହି ସ୍କୁଲରେ ପୁଣି ଏକାଦଶ ଶ୍ରେଣୀରେ ପିଲାଙ୍କ ନାମ ଲେଖାଇବା ପାଇଁ ଅଭିଭାବକମାନଙ୍କୁ ସ୍କୁଲ ତରଫରୁ ପ୍ରଲୋଭନ ଦିଆଯାଇଥିଲା । ଯେଉଁମାନେ ଏହି ସ୍କୁଲରେ ନାମ ଲେଖାଇବାକୁ ଚାହିଁଲେ ସେହି ପିଲାମାନଙ୍କୁ ଅଧିକ ମାର୍କ ମିଳିଥିଲା ବେଳେ ଅନେକ ମେଧାବୀ ଛାତ୍ର ଯେଉଁମାନେ ଏଠାରେ ନାମ ଲେଖାଇବାକୁ ରାଜି ହେଲେ ନାହିଁ ସେମାନଙ୍କ ମାର୍କ କାଟି ଦିଆଯାଇଛି । ଯାହାଫଳରେ ପଟିଆ ସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ କ୍ଷତିଗ୍ରସ୍ତ ଅଭିଭାବକମାନେ ଧାରଣା ଦେଇଥିଲେ । ନବମ ଓ ପ୍ରି ଟେଷ୍ଟ ପରୀକ୍ଷାରେ ଭଲ ଫଳାଫଳ ରଖିଥିଲେ ମଧ୍ୟ ବୋର୍ଡ ପରୀକ୍ଷାରେ କାହିଁକି ଭଲ ରେଜଲ୍ଟ ହେଲା ନାହିଁ ବୋଲି କିଛି ଅଭିଭାବକ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ନବମ ଶ୍ରେଣୀର ପିଲାମାନେ ୯୦%ରୁ ଅଧିକ ନମ୍ବର ରଖିଥିଲେ ମଧ୍ୟ ଦଶମ ବୋର୍ଡ ପରୀକ୍ଷାରେ ସେମାନଙ୍କୁ ମାତ୍ର ୬୦% ମାର୍କ ଦିଆଯାଇଛି । ସିବିଏସଇ ଦଶମ ପରୀକ୍ଷା ଫଳ ପ୍ରକାଶ ପରେ ମାର୍କିଂରେ ଏଭଳି ପାତର ଅନ୍ତର ହୋଇଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି । ସ୍କୁଲ କର୍ତ୍ତୃପକ୍ଷଙ୍କ ଏଭଳି ଷଡଯନ୍ତ୍ର ଫଳରେ ପିଲାମାନଙ୍କ ଭବିଷ୍ୟତ ବରବାଦ ହୋଇଛି ବୋଲି ଅଭିଯୋଗ ଆଣି ଏହାର ତଦନ୍ତ କରିବାକୁ ବହୁ ଅଭିଭାବକ ଭୁବନେଶ୍ୱର

➤ ପୃ-୬



ଦେଖନ୍ତୁ, କରୋନା ଯୋଗୁ ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆସିଛି । ସିବିଏସ୍‌ଇ ମଧ୍ୟ ଏହାର ଅନ୍ତର୍ଭୁକ୍ତ । କରୋନା ସମୟରେ ସ୍ୱତନ୍ତ୍ର ଗାଇଡଲାଇନ୍ ଦ୍ୱାରା ପରୀକ୍ଷା କରାଯାଇଥିଲା । ଏଥିରେ ସ୍ତରସ୍ତର କରି ଛାତ୍ରଛାତ୍ରୀଙ୍କ ପୂର୍ବ ୨ ବର୍ଷର ପରୀକ୍ଷା ଫଳାଫଳ ସହ ପିଟେଷ୍ଟ ପରୀକ୍ଷାର ଫଳକୁ ମଧ୍ୟ ପରଖା ଯାଇ ଚଳିତ ବର୍ଷ ଫଳାଫଳ ପ୍ରକାଶ ପାଇଛି । ଏଥିରେ ଟଙ୍କା ଦେଇ ମାର୍କ ପାଇବାର କୌଣସି ସତ୍ୟତା ନାହିଁ । ପିଲାଙ୍କ ମାନକ ଅନୁସାରେ ସେମାନେ ମାର୍କ ପାଇଛନ୍ତି । ସମଗ୍ର ଦେଶରେ ସିବିଏସ୍‌ଇ ଦ୍ୱାରା ହୋଇଥିବା ପରୀକ୍ଷାରେ ପିଲାମାନେ ଯେ ୯୯% ରଖିବେ ଏହାର କିଛି ଗ୍ୟାରେଣ୍ଟି ନଥାଏ । ଅତୀତରୁ ଆଜି ପର୍ଯ୍ୟନ୍ତ ସିବିଏସ୍‌ଇର ବିଶ୍ୱସନୀୟତା ଉପରେ କୌଣସି ସନ୍ଦେହ କରାଯାଇନାହିଁ । ବର୍ତ୍ତମାନ ସେଣ୍ଟ ଜାଭିୟର ସ୍କୁଲ ପରିପ୍ରେକ୍ଷୀରେ ଯେଉଁ ଅଭିଭାବକମାନେ ତାଙ୍କ ପିଲାଙ୍କ ମାର୍କ କମିଛି ବୋଲି କହୁଛନ୍ତି ସେମାନେ ଆଉ ଥରେ ପରୀକ୍ଷା ଦେବାକୁ ଚାହିଁଲେ ମଧ୍ୟ ଦେଇପାରିବେ । ଗାଡିର ଗଭର୍ଣ୍ଣର ବନ୍ଧା ହେଲା ଭଳି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ନିର୍ଦ୍ଦିଷ୍ଟ ନୀତି ନିୟମ ରହିଛି । ତେଣୁ ପଇସାପତ୍ର ନେଇ ମାର୍କ ବଢ଼ାଇଲା ଭଳିଆ କୌଣସି ବ୍ୟବସ୍ଥା ନାହିଁ । କରୋନା ସମୟରେ ଅନେକ ଐତିହାସିକ ପରିବର୍ତ୍ତନ ଘଟିଥିଲା ବେଳେ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଏହାର ପ୍ରଭାବ ପଡିଛି । ଯେଉଁ ମେଧାବୀ ଛାତ୍ରଙ୍କର ଦକ୍ଷତା ରହିଛି ସେମାନେ ଯେ କେବଳ ଦଶମ ଶ୍ରେଣୀ ମାର୍କ ଉପରେ ନିର୍ଭରଶୀଳ ନ ରହି ଦକ୍ଷତାର ବିକାଶ କରିପାରିଲେ ଆଗକୁ ବଢ଼ିବା ସହିତ ନିଯୁକ୍ତି ସୁଯୋଗ ପାଇପାରିବେ । ବିଷୟ ଭିତ୍ତିକ ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀ ଯେଭଳି ଲେଖନ୍ତି ତାଙ୍କୁ ସେହି ଅନୁସାରେ ମାର୍କ ମିଳିଥାଏ । ତେଣୁ କୌଣସି ଶିକ୍ଷାନୁଷ୍ଠାନ କେବେ ପିଲାଙ୍କ ଭବିଷ୍ୟତ ସହିତ ଖେଳିପାରିବେ ନାହିଁ । ତେଣୁ ଯେଉଁମାନେ ଭାବୁଛନ୍ତି ଟଙ୍କା ପଇସା କାରବାର ଦ୍ୱାରା ମାର୍କ ବଢ଼ାଯାଇପାରିବ ଏହା ତାଙ୍କର ଭ୍ରାନ୍ତଧାରଣା ବୋଲି ମୁଁ କହିବି ।

***ପବିତ୍ର ରାଉତରାୟ, ଚେୟାରମ୍ୟାନ୍, ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ, ଭୁବନେଶ୍ୱର***



ସେଣ୍ଟ ଜାଭିୟର ସ୍କୁଲ ବିରୋଧରେ ଅଭିଯୋଗ ଆଣିବା ଆମର ଉଦ୍ଦେଶ୍ୟ ନୁହେଁ । ଘଟଣାଟି ହେଉଛି ଆମ ପିଲାର ଗତ ତିନିବର୍ଷର ମାର୍କ ୯୫% ରହିଥିଲା ବେଳେ ଦଶମ ପରୀକ୍ଷାରେ ଏହା କମିଲା କିପରି । ସନ୍ଦେହ ଏଇଥିପାଇଁ ଉପୁଜୁଛି ଯେ, ଫଳାଫଳ ବାହାରିବା ପୂର୍ବରୁ ସ୍କୁଲ ତରଫରୁ ଯେଉଁ ଫୋନ୍ କଲ ଆସିଥିଲା ଏଥିରେ ଟଙ୍କା କାରବାରର ପ୍ରସଙ୍ଗ ରହିଥିଲା ଏବଂ ଟଙ୍କା ଦେଲେ ମାର୍କ ବଢ଼ିପାରିବ ବୋଲି ଆମକୁ କୁହାଯାଇଥିଲା । ଜଣେ ମେଧାବୀ ଛାତ୍ର କେବେ ଜାଣିଶୁଣି ନିଜ ମାର୍କ କମ କରିବାକୁ ଚାହିଁବ କି ? ତେଣୁ ସିବିଏସ୍‌ଇ ଦ୍ୱାରା ଏହି କାରସାଦି ହୋଇଛି କିମ୍ବା ସ୍କୁଲ କର୍ତ୍ତୃପକ୍ଷ ଏହା କରିଛନ୍ତି ତାହା କହି ନହେଲେ ବି ଏଭଳି ହୋଇଥିବା ବିଶ୍ୱାସ କରାଯାଉଛି । କାରଣ ଅନେକ ମେଧାବୀ ଛାତ୍ରଛାତ୍ରୀ ତାଙ୍କ ଦଶମ ପରୀକ୍ଷା ମାର୍କରେ ସନ୍ତୁଷ୍ଟ ନାହାନ୍ତି । ୨୪୮ ଜଣ ପିଲାଙ୍କ ମଧ୍ୟରୁ ଯେଉଁ ୧୩୨ଜଣ ସ୍କୁଲ କଥାରେ ରାଜି ହୋଇ ସେହି ସ୍କୁଲରେ ଏକାଦଶ ଶ୍ରେଣୀରେ ନାମ ଲେଖାଇଲେ ସେମାନଙ୍କୁ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ମିଳିଲା । ଅଥଚ ଯେଉଁମାନେ ସେଣ୍ଟ ଜାଭିୟର ସ୍କୁଲରେ ଏକାଦଶ ଶ୍ରେଣୀରେ ନାମ ଲେଖାଇବାକୁ ଆଗ୍ରହ ପ୍ରକାଶ କଲେନାହିଁ ତାଙ୍କର ମାର୍କ କମିଛି । କାରଣ ନବମ ଶ୍ରେଣୀ ଓ ପ୍ରି ବୋର୍ଡ ପରୀକ୍ଷାରେ ୯୭% ମାର୍କ ରଖିଥିବା ପିଲା ଦଶମ ପରୀକ୍ଷାରେ ୯୦% ତଳକୁ ମାର୍କ ରଖିଲା କିପରି । ତେଣୁ ସ୍କୁଲ କର୍ତ୍ତୃପକ୍ଷ ଜାଣିଶୁଣି ଏଭଳି ଅନେକ ପିଲାଙ୍କ ମାର୍କ ୩୦% କାଟି ସିବିଏସ୍‌ଇକୁ ପଠାଇଥିଲେ । ତେଣୁ ଏହି ଖବର ମିଳିବା ପରେ କ୍ଷତିଗ୍ରସ୍ତ ଅଭିଭାବକମାନେ ଭୁବନେଶ୍ୱର ଡିସିପି ଓ ଶିଶୁ ସୁରକ୍ଷା ଅଧିକାରୀଙ୍କ ପାଖରେ ସିବିଏସ୍‌ଇ ବିରୁଦ୍ଧରେ ଅଭିଯୋଗ କରିଛନ୍ତି ।

***ଅକ୍ଷୟ କୁମାର ଦାସ, ଅଭିଭାବକ***

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ତାଜା ଫଳ ଓ ପତ୍ର ସେବନ କରନ୍ତୁ। ଅତୀତର ସଞ୍ଚିତ ଧନ ବର୍ତ୍ତମାନ କାମରେ ଆସିବ। ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି। ବାଣୀ ଉପରେ ଲଗାମ ଦିଅନ୍ତୁ। ଛାତ୍ରମାନେ ଶୁଭଫଳ ପାଇବେ। ପ୍ରେମ ଜୀବନ ଦୃଢ଼ ରହିବ।

**ବୃଷ** ସ୍ୱାସ୍ଥ୍ୟ ଭଲ ରହିବ। ଖର୍ଚ୍ଚରେ ବୃଦ୍ଧି ହେବ। ପିତା କ୍ରୋଧିତ ହୋଇପାରନ୍ତି। ନୂଆ ଯୋଜନା କରିପାରନ୍ତି। ଉଚ୍ଚଶିକ୍ଷାରେ ସଫଳତା ମିଳିବ। ଦମ୍ପତିମାନେ ଉଭୟଙ୍କୁ ସମୟ ଦେବେ। ଗୃହରେ ଶାନ୍ତି ବଜାୟ ରହିବ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା ରହିବ ନାହିଁ। ଧନର ଅଭାବ ଅନୁଭବ କରିପାରନ୍ତି। ଅନ୍ୟମାନେ ଆପଣଙ୍କ ଆଲୋଚନା କରିପାରନ୍ତି। ମନ ଅସ୍ଥିର ରହିବ। ଛାତ୍ରମାନଙ୍କ ଠାରୁ ବହୁତ ଖାଲି ସମୟ ପାଇବେ। ପ୍ରେମରେ ଦାୟିତ୍ୱ ନିଅନ୍ତୁ।

**କର୍କଟ** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଆପଣଙ୍କ ସହଭାଗୀଦାର ବ୍ୟବସାୟ କରୁଥିବା ଲୋକ ଧୋକା ଦେଇପାରନ୍ତି। ହଠାତ କୌଣସି ଅସୁବିଧାରେ ପଡିପାରନ୍ତି। ଉଚ୍ଚଶିକ୍ଷା ପାଇଁ ମନୋନୀତ ହୋଇପାରନ୍ତି।

**ସିଂହ** ମନ ଅଶାନ୍ତି ରହିବ। ଧର୍ମକର୍ମ କାର୍ଯ୍ୟରେ ମନ ଲଗାନ୍ତୁ। ଅଚାନକ ଦନ ପ୍ରାପ୍ତି ହେବ। ବ୍ୟବସାୟ ପାଇଁ ବଡମାନଙ୍କ ଠାରୁ ଉପଦେଶ ନିଅନ୍ତୁ। ପୂର୍ବରୁ କାର୍ଯ୍ୟରେ ଥିବା ପ୍ରତିବନ୍ଧକ ଦୂର ହେବ।

**କନ୍ୟା** ଜୀବନରେ ଅନେକ ପ୍ରକାରର ଆବାଞ୍ଛିତ ପରିବର୍ତ୍ତନ ଆପଣଙ୍କୁ ବିବ୍ରତ କରିପାରେ। ଆର୍ଥିକ ସ୍ଥିତି ଭଲ ରହିବ। ପରିବାରରେ ଅଶାନ୍ତି ଦେଖାଦେବ। ବ୍ୟବସାୟର ଯୋଜନାକୁ କାହାକୁ କୁହନ୍ତୁ ନାହିଁ।

**ତୁଳା** ମାନସିକ ଅଶାନ୍ତି ଆପଣ ସ୍ୱାସ୍ଥ୍ୟ ବିଗାଡିପାରେ। ତାଜା ଅର୍ଥ ପ୍ରାପ୍ତି ଯୋଗ ଅଛି। ନୂଆ ବନ୍ଧୁ ହୋଇପାରନ୍ତି। ଘରର ବିବାହ ଯୋଗ୍ୟ ପିଲାଙ୍କ ବିବାହ ସ୍ଥିର ହୋଇପାରେ। ନୂଆ ରୋଜଗାର ମିଳିପାରେ।

**ବିଛା** ଅର୍ଥ ନେଣଦେଣ ସମୟରେ ସାବଧାନ ରହନ୍ତୁ। ଯେଉଁ ଛାତ୍ରମାନେ ଘର ଠାରୁ ଦୂରରେ ରହୁଛନ୍ତି ସେମାନେ ବିବ୍ରତ ରହିବ। କାର୍ଯ୍ୟକ୍ଷେତ୍ରରେ ଦୂରଯାତ୍ରା କରିପାରନ୍ତି। ଏ ସପ୍ତାହରେ ଆପଣ ଅଳସୁଆ ଅନୁଭବ କରିବେ।

**ଧନୁ** ସୁନ୍ଦର ସ୍ୱାସ୍ଥ୍ୟ ଅନୁଭବ କରିବେ। ନିଜ ଲୋକଙ୍କୁ ଅର୍ଥ ସାହାଯ୍ୟ କରନ୍ତୁ ନାହିଁ। ପିତାମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ। ବାହାନ କ୍ରୟ କରିପାରନ୍ତି। ଛାତ୍ରମାନଙ୍କ ସମୟ ଶୁଭ ଫଳ ପ୍ରଦାନ କରିବ।

**ମକର** ଖର୍ଚ୍ଚରେ ଅନାବଶ୍ୟକ ବୃଦ୍ଧି ହେବ। ଆର୍ଥିକ ସ୍ଥିତି ଦୋହଲିଯିବ। ବାପା ମାଆଙ୍କ ସ୍ୱାସ୍ଥ୍ୟ ବସ୍ଥାରେ ଉନ୍ନତି ହେବ। ବ୍ୟବସାୟରେ ଅନ୍ୟର ପରାମର୍ଶ ନିଅନ୍ତୁ ନାହିଁ। ଛାତ୍ରମାନଙ୍କ ସୁଖବର ମିଳିବ।

**କୁମ୍ଭ** ପୁରାତନ ରୋଗରୁ ମୁକ୍ତି ମିଳିବ। କୌଣସି ଧନହାନୀ ବା ଚୋରୀର ସମ୍ଭାବନା ଅଛି। କୌଣସି କଥା ପାଇଁ ପରିବାରରେ ଲଜ୍ଜିତ ହୋଇପାରନ୍ତି। ଛାତ୍ରମାନଙ୍କ ମନ ପାଠରୁ ଦୂରେଇ ଅନ୍ୟ କାର୍ଯ୍ୟରେ ଲାଗିବ। ପ୍ରେମୀମାନେ ଉଭୟଙ୍କୁ ନିଜ ମନର କଥା କହିପାରିବେ।

**ମୀନ** ପେଟ ସମ୍ବନ୍ଧୀୟ ବେମାରୀ ହୋଇପାରେ। ବିଦେଶ ଧନପ୍ରାପ୍ତିର ଯୋଗ ଅଛି। ବଡ ଆର୍ଥିକ ନିଷ୍ପତ୍ତି ନେଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ମନ ଲାଗିବ ନାହିଁ। ପାଠ ପାଇଁ ବିଦେଶ ଯିବାକୁ ଇଚ୍ଛା କରୁଥିବା ଛାତ୍ରମାନେ ବାଧାର ସମ୍ମୁଖୀନ ହେବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### କାଶ୍ମୀର ବିବାଦକୁ ମିଳୁଛି ପାକିସ୍ତାନି ପ୍ରୋତ୍ସାହନ

# ବିଶ୍ୱବ୍ୟାପୀ ଭାରତକୁ ବଦନାମ କରିବାକୁ ଚାଲିଛି ଷଡଯନ୍ତ୍ର

**ନୂଆଦିଲ୍ଲୀ :** କାଶ୍ମୀର ବିବାଦ ପାକିସ୍ତାନର କିଛି ପରିବାରଗୁଡିକ ଦ୍ୱାରା ସ୍ଥାପିତ ସଂସ୍ଥା ପାଇଁ ଏକପ୍ରକାର ପାରିବାରିକ ବ୍ୟବସାୟରେ ପରିଣତ ହୋଇଛି। ଉକ୍ତ ପରିବାରଗୁଡିକ ପିଢି ପରେ ପିଢି କାଶ୍ମୀର ବିବାଦ ଜାରି ରଖିବାକୁ ନାନା ଉପାୟରେ ଉଦ୍ୟମ କରୁଛନ୍ତି। ଡିସଇନଫୋ ଲାବ୍ ପକ୍ଷରୁ 'ଦି କାଶ୍ମୀର କନଫ୍ଲିକ୍ଟ ଇଣ୍ଡଷ୍ଟ୍ରି ନେଟୱର୍କ' ଶୀର୍ଷକ ଏକ ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନର ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ସଂସ୍ଥାଦ୍ୱାର ବିଶ୍ୱସ୍ତରରେ କାଶ୍ମୀର ବିବାଦକୁ ପ୍ରୋତ୍ସାହନ ଦିଆଯାଉଛି। ଏହି ବିବାଦକୁ ଏଭଳି ସୃଷ୍ଟି କରାଯାଉଛି ଯେ, ସେଥିରେ ଶ୍ୱେତାଙ୍ଗ ରାଜନୈତିକ ବ୍ୟକ୍ତିଙ୍କ ପରିବାର ଠାରୁ ନେଇ ପାକିସ୍ତାନ ସଂସ୍ଥା ପର୍ଯ୍ୟନ୍ତ ଅନେକ ଏଭଳି ସଂପୃକ୍ତ ରହୁଛନ୍ତି, ଯାହା ସେମାନଙ୍କୁ ଏହି ବିବାଦକୁ ସବୁ ସମୟରେ ତେଜେଇ ରଖିବା ସହଜ ହେଉଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ୨୦୧୬ ପରବର୍ତ୍ତୀ ସମୟରେ କାଶ୍ମୀର ବିରୋଧୀ କାର୍ଯ୍ୟକଳାପର କେନ୍ଦ୍ର ସାଉଦି ଆରବରୁ ତୁର୍କୀକୁ ସ୍ଥାନାନ୍ତରିତ ହୋଇଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ କାଶ୍ମୀର ଉପତ୍ୟକାରେ ବିଶୃଙ୍ଖଳା ଏବଂ ସେଠାରେ ପ୍ରତିଟି ତଥାକଥିତ ମାନବାଧିକାର ପ୍ରସଙ୍ଗ ଉଠାଇବା ପଛରେ ଯେଉଁ ଷଡଯନ୍ତ୍ର କାମ କରୁଛି ସେଥିରେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ମୁଖ୍ୟ ଭୂମିକା ନେଉଛି। କାଶ୍ମୀର ଜନସାଧାରଣଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ପାଇଁ କାଶ୍ମୀର କିଭଳି ଚିନ୍ତାର ବିଷୟ ପାଲଟିଛି ତାହା ଏହି ରିପୋର୍ଟରେ ଦର୍ଶାଯାଇଛି। କାଶ୍ମୀର ପ୍ରସଙ୍ଗକୁ ନେଇ ଯେତେ ଆଲୋଚନା ହେଉଛି ସେଥିରେ ବସ୍ତୁତଃ କେହି କାଶ୍ମୀର ଲୋକ ସାମିଲ ନାହାନ୍ତି। ଯଦି କେହି ଅଛନ୍ତି, ତେବେ ସେମାନଙ୍କୁ ଏକପାଖିଆ କରିଦିଆଯାଉଥିବା ରିପୋର୍ଟରେ କୁହାଯାଇଛି। ପାକିସ୍ତାନ ସିନେଟ ପକ୍ଷରୁ ୨୦୧୬ ଅକ୍ଟୋବର ୩ ତାରିଖରେ ଏକ ରିପୋର୍ଟ ପ୍ରକାଶ କରାଯିବା ପରେ କାଶ୍ମୀର ପ୍ରସଙ୍ଗକୁ ନେଇ ବିଶ୍ୱସ୍ତରରେ ଆଲୋଚନା ତ୍ୱରାନ୍ୱିତ ହୋଇଥିଲା। ଉକ୍ତ ସିନେଟ ରିପୋର୍ଟରେ ବିଶ୍ୱସ୍ତରର ଲବି କରୁଥିବା ଗୋଷ୍ଠୀଙ୍କୁ ନିୟୋଜିତ କରାଯିବା ଏବଂ ଭାରତ ବିରୁଦ୍ଧରେ ବିଶ୍ୱବାସୀଙ୍କର ରହିଥିବା ଦୃଷ୍ଟିକୋଣ ପରିବର୍ତ୍ତନ କରିବାକୁ ସମସ୍ତ ଲବି ଗୋଷ୍ଠୀଗୁଡିକୁ ପୁନଃସକ୍ରିୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ପାକିସ୍ତାନର ଉକ୍ତ ରିପୋର୍ଟରେ ଯାହା କୁହାଯାଇଥିଲା ତାହାକୁ ପଲିସ ପ୍ରୋଜେକ୍ଟ, ଇକ୍ୱାଲିଟି ଲାବ୍ ଏବଂ ଜଷ୍ଟିସ ଫର କାଶ୍ମୀର ଭଳି ନୂଆ ସଂଗଠନ ମଧ୍ୟ କହିବା ଆରମ୍ଭ କରିଥିଲେ। ମିଛ ଖବର ଏବଂ ଭ୍ରାନ୍ତ ସୂଚନା ଜରିଆରେ ପାକିସ୍ତାନ ନାନା ଅପପ୍ରଚାର କରିଚାଲିଛି। ସେଥିମଧ୍ୟରେ କାଶ୍ମୀରରେ ଅଶାନ୍ତ ଅବସ୍ଥା ଲାଗି ରହିଥିବା, ଭାରତୀୟ ସେନା ଉପତ୍ୟକାରେ ଅତ୍ୟାଚାର କରୁଥିବା ଏବଂ ଜମ୍ମୁ କାଶ୍ମୀରର ଭୌଗୋଳିକ ଦୃଶ୍ୟପଟ୍ଟରେ ପରିବର୍ତ୍ତନ କରିବାକୁ ଧାରା ୩୭୦ ଧାରା ଉଚ୍ଛେଦ କରାଯାଇଥିବା ଭଳି ଅପପ୍ରଚାର କରାଯାଉଛି। ଭାରତୀୟ ସେନାଙ୍କ ଦ୍ୱାରା ଉପତ୍ୟକାରେ ହିଂସାତ୍ମକ ଘଟଣା ଘଟାଯାଉଥିବା ଖବର ବାରମ୍ବାର ପ୍ରଚାର କରାଯାଇ ଏହି ପରିସ୍ଥିତି ପ୍ରତି ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରିବାର ଅପଚେଷ୍ଟା କରାଯାଉଛି। ଏସବୁ ସହିତ ଭାରତରୁ ଷ୍ଟାଣ୍ଡୱିଥକାଶ୍ମୀର, କାଶ୍ମୀରବ୍ଲିଡ୍ସ, କାଶ୍ମୀରଲାଇଭ୍ସମ୍ୟାଟର, କାଶ୍ମୀରମାର୍ଟିସଡେ ଭଳି ଟ୍ୱିଟର ହ୍ୟାଣ୍ଡଲ ଜରିଆରେ ମଧ୍ୟ ନାନା ମିଥ୍ୟା ଖବର ପ୍ରଚାର କରାଯାଉଛି। ଏହି ଲୋକମାନେ ବିଶ୍ୱସ୍ତରରେ କାଶ୍ମୀର ପ୍ରସଙ୍ଗ ଉପରେ ଅନ୍ୟମାନଙ୍କୁ ନିୟୋଜିତ କରିବା ସହିତ ଏହା ଉପରେ ଜନମତ ସୃଷ୍ଟି କରୁଥିବା ରିପୋର୍ଟରେ କୁହାଯାଇଛି। ଏଥିରେ କୁହାଯାଇଛି ଯେ ପାକିସ୍ତାନ ସରକାର ତିଷ୍ଠି ରହିବା ପାଇଁ କାଶ୍ମୀର ଏକ ମୁଖ୍ୟ ପ୍ରସଙ୍ଗ ହୋଇଛି। ବିଶେଷକରି ସେ ଦେଶର ସେନା ବାହିନୀ ପାକିସ୍ତାନ ଜନସାଧାରଣଙ୍କ ମଧ୍ୟରେ ଆସ୍ଥାଭାଜନ ହେବା ପାଇଁ ସେମାନଙ୍କୁ କାଶ୍ମୀର ପ୍ରସଙ୍ଗରେ ନାନା ମନଗଢା କଥା କହିଚାଲୁଛି। ସ୍ଥାନୀୟ ଜନସାଧାରଣ ଘରୋଇ ପ୍ରସଙ୍ଗ ଅଥବା ବିକାଶମୂଳକ କଥା ଉଠାଇବାବେଳେ ସେମାନଙ୍କୁ କାଶ୍ମୀର ବିରୁଦ୍ଧରେ କୁହାଯାଇ ସେମାନଙ୍କ ଦୃଷ୍ଟି ଅନ୍ୟତ୍ର ନେବାକୁ ଉଦ୍ୟମ କରାଯାଉଛି।

## ଦୁର୍ଗା ପୂଜା ଯାଏ କଟକଣା ଲଗାଇବାକୁ କେନ୍ଦ୍ରର ପରାମର୍ଶ

**ନୂଆଦିଲ୍ଲୀ :** ମହାମାରୀ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ଏବେ ରାଜ୍ୟ ସରକାରମାନେ ଅନଲକ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିଭିନ୍ନ ସେବାକୁ ଅନୁମତି ଦେବା ସହ ଦୋକାନ ବଜାର ଖୋଲିବାକୁ ମଧ୍ୟ ଅନୁମତି ଦିଆଯାଉଛି। ତେବେ ରାଜ୍ୟଗୁଡ଼ିକ ଅନଲକ କରିବା ପୂର୍ବରୁ ଆଉ ଥରେ ଚିନ୍ତା କରିବାକୁ କେନ୍ଦ୍ର ସରକାର କହିଛନ୍ତି। ଏଥିସହ କରୋନାର ତୃତୀୟ ୱେଭ ଆସିବାର ଥିବାରୁ ଦୁର୍ଗା ପୂଜା ଯାଏ ସ୍ଥାନୀୟ କଟକଣା ଲାଗୁ କରିବାକୁ କେନ୍ଦ୍ର ସରକାର ସବୁ ରାଜ୍ୟ ସରକାରମାନଙ୍କୁ ପରାମର୍ଶ ଦେଇଛନ୍ତି। ଅକ୍ଟୋବର ମଧ୍ୟ ଭାଗରେ ଦୁର୍ଗା ପୂଜା ପାଳନ ହେବାକୁ ଥିବାରୁ ସେ ଯାଏ କଟକଣା ସପକ୍ଷରେ କେନ୍ଦ୍ର ସରକାର ରହିଛନ୍ତି। ଆଗକୁ ଦୁର୍ଗା ପୂଜା ସହ ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ବିଭିନ୍ନ ସ୍ଥାନରେ ଭିଡ଼ ଜମିବ। ଏହି ସମୟରେ ସଂକ୍ରମଣ ମଧ୍ୟ ବିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟି ରଖି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ସତର୍କ ସୂଚନା ଜାରି କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଚିଠି ଲେଖି କହିଛନ୍ତି ଯେ ଆଗକୁ ପାର୍ବଣ ଋତୁ ଆସୁଛି। ଏହି ସମୟରେ ଭଡ଼ ଜମିବାର ଆଶଙ୍କା ରହିଛି। ତେଣୁ ରାଜ୍ୟ ସରକାରମାନେ ବେଶ ସକ୍ରିୟ ଓ ଗୁରୁତ୍ୱର ସହ ସ୍ଥାନୀୟ କଟକଣା ଲାଗୁ କରିବାକୁ ବିଚାର କରନ୍ତୁ। ସବୁ କ୍ଷେତ୍ରରେ ପୂର୍ଣ୍ଣ କୋହଳ ନୀତି ଲାଗୁ କରନ୍ତୁ ନାହିଁ ସେହିପରି ଯଥା ସମ୍ଭବ ଭିଡ଼ କମ କରିବାକୁ ପଦକ୍ଷେପ ଗ୍ରହଣ କରନ୍ତୁ। ଅଗଷ୍ଟ ୧୯ରୁ ମହରମ ସହ ପାର୍ବଣ ଋତୁ ଆରମ୍ଭ ହେବ। ଅକ୍ଟୋବର ୧୫ ଦୁର୍ଗା ପୂଜା ଯାଏ ପାର୍ବଣ ଚାଲିବ। ତେଣୁ ଏଥିପ୍ରତି ସମସ୍ତେ ସତର୍କ ରହିବା ଦରକାର। ଆଇସିଏମଆର ଓ ଏନସିଡି ପାର୍ବଣ ବେଳେ ଜମୁଥିବା ଭିଡ଼ ସୁପର ସ୍ପ୍ରେଡ ଇଭେଣ୍ଟରେ ପରିଣତ ହେବାର ଆଶଙ୍କା କରି ଚିନ୍ତା ପ୍ରକଟ କରିଛନ୍ତି। ସୁପର ସ୍ପ୍ରେଡର ଇଭେଣ୍ଟକୁ ରୋକିବା ପାଇଁ କଟକଣା ହିଁ ଏକମାତ୍ର ଉପାୟ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ବେଶ ଗୁରୁତ୍ୱର ସହ ସ୍ଥାନୀୟ କଟକଣା ଉପରେ ବିଚାର କରନ୍ତୁ ବୋଲି ଶ୍ରୀ ଭୂଷଣ ଚିଠିରେ ଉଲ୍ଲେଖ କରିଛନ୍ତି।

## ୮ ରାଜ୍ୟରେ ବଢୁଛି ଆର୍ ଫ୍ୟାକ୍ଟର

**ନୂଆଦିଲ୍ଲୀ :** ମହାମାରୀ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଏଯାଏ ଦେଶରେ ସରିନି। ଏବେବି ସଂକ୍ରମଣ ବଢୁଛି। ସେହିପରି ୮ଟି ରାଜ୍ୟରେ ଆର ଫ୍ୟାକ୍ଟର କ୍ରମାଗତ ବୃଦ୍ଧି ପାଉଛି। ଏହା ନିଶ୍ଚିତ ପକ୍ଷେ ଏକ ଚିନ୍ତା ଓ ସମସ୍ୟାର ବିଷୟ ବୋଲି କେନ୍ଦ୍ର ସରକାର କହିଛନ୍ତି। ଦେଶର ୪୪ଟି ଜିଲ୍ଲାରେ ପଜିଟିଭିଟି ରେଟ୍ ଏବେବି ୧୦% ଉପରେ ରହିଥିବା ବେଳେ ଡେଲ୍ଟା ଭାରିଏଣ୍ଟ ଯୋଗୁ ସୃଷ୍ଟି ହୋଇଥିବା କରୋନାର ଦ୍ୱିତୀୟ ୱେଭ ଏଯାଏ ଶେଷ ହୋଇନାହିଁ। ସେହିପରି ୧୮ଟି ଜିଲ୍ଲାରେ ଗତ ୪ ସପ୍ତାହ ହେଲାଣି ସଂକ୍ରମଣ ବୃଦ୍ଧି ପାଉଛି ବୋଲି ନୀତି ଆୟୋଗ ସଦସ୍ୟ ଡା ଭିକେ ପଲ ସମସ୍ତଙ୍କୁ ସତର୍କ କରାଇଛନ୍ତି। ଆର ଫ୍ୟାକ୍ଟର ବଢୁଥିବାରୁ ଡା ପଲ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଡେଲ୍ଟା ଭାରିଏଣ୍ଟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ସଂକ୍ରମଣ ଏବେବି ବଢୁଛି ଓ ମହାମାରୀ ଏବେବି ଆମ ଦେଶରେ ରହିଛି। ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ ଆର ଭ୍ୟାଲୁ ୦.୬ କିମ୍ବା ଏହାଠାରୁ ତଳେ ରହିବା ଦରକାର। ଯଦି ଏହା ୧ ଟପିଗଲା,



ତା'ହେଲେ ଏହା ପୁଣି ସମସ୍ୟା ସୃଷ୍ଟି କରିବ। ଭାଇରସ ସଂକ୍ରମଣ ବୃଦ୍ଧି କରିବାକୁ ଚାହେଁ। ତେଣୁ ଆମକୁ ଅଧିକରୁ ଅଧିକ ସତର୍କ ରହିବାକୁ ପଡିବ ବୋଲି ସେ କହିଛନ୍ତି। ସଂକ୍ରମଣ ବଢୁଥିବା ୧୮ ଜିଲ୍ଲା ମଧ୍ୟରୁ କେରଳର ୧୦ଟି, ମହାରାଷ୍ଟ୍ରର ୩ଟି, ମଣିପୁରର ୨ଟି, ଅରୁଣାଚଳ, ମେଘାଳୟ ଓ ମିଜୋରାମର ଗୋଟିଏ ଲେଖାଏ ଜିଲ୍ଲା ରହିଛନ୍ତି। ଆର ଫ୍ୟାକ୍ଟର ୧ରୁ ଅଧିକ ଥିବା ରାଜ୍ୟ ଗୁଡିକ ମଧ୍ୟରେ ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର, ଲକ୍ଷାଦ୍ୱୀପ, ତାମିଲନାଡୁ, ମିଜୋରାମ, କର୍ଣ୍ଣାଟକ, ପୁଡୁଚେରୀ ଓ କେରଳ ରହିଛି। କେବଳ ଆନ୍ଧ୍ର ପ୍ରଦେଶ ଓ ମହାରାଷ୍ଟ୍ରରେ ସଂଖ୍ୟା ହ୍ରାସ ପାଉଥିବା ବେଳେ ବେଙ୍ଗଲ, ନାଗାଲାଣ୍ଡ, ହରିଆଣା, ଗୋଆ, ଦିଲ୍ଲୀ ଓ ଝାଡଖଣ୍ଡରେ ଆର ଫ୍ୟାକ୍ଟର ୧ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲଭ ଅଗ୍ରୱାଲ କହିଛନ୍ତି, ଆର ନମ୍ବର ଯଦି ୧ରୁ ଅଧିକ ରହିବ, ତା'ହେଲେ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବ। ଆମକୁ ସବୁ କିଛି ନିୟନ୍ତ୍ରଣ କରିବାକୁ ପଡିବ। ଆମେରିକା, କାନାଡା, ଅଷ୍ଟ୍ରେଲିଆ ଓ ଭାରତରେ ଆର ଫ୍ୟାକ୍ଟର ହାରାହାରି ୧.୨ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଆର ଫ୍ୟାକ୍ଟରକୁ ସାରା ବିଶ୍ୱରେ ଭାଇରସକୁ ରୋକିବା ଓ ନିୟନ୍ତ୍ରଣ କରିବା ପାଇଁ ବ୍ୟବହାର କରାଯାଉଛି। ଜଣେ ସଂକ୍ରମିତ ବ୍ୟକ୍ତି କେତେ ଜଣଙ୍କୁ ସଂକ୍ରମଣ କରୁଛନ୍ତି, ତା'ର ଆକଳନ ଏହି ଆର ଫ୍ୟାକ୍ଟରରୁ ହୋଇଥାଏ। ଅନ୍ୟପଟେ ଦେଶର ୧୮ ଜିଲ୍ଲାରେ ଏବେ ଦୈନିକ ସଂକ୍ରମଣ ବଢ଼ିଚାଲିଛି। ଏସବୁ ଜିଲ୍ଲା ମଧ୍ୟରୁ କେବଳ କେରଳର ୧୦ଟି ଜିଲ୍ଲା ରହିଛି। ଦେଶର ମୋଟ ଦୈନିକ ସଂକ୍ରମଣର ୪୭.୫% କେବଳ ଏହି ୧୮ଟି ଜିଲ୍ଲାରୁ ଆସୁଛି ବୋଲି ସେ କହିଛନ୍ତି।

## 'ବିବାହ ପାଇଁ ଧର୍ମ ପରିବର୍ତ୍ତନ ଠିକ୍ ନୁହେଁ'

**ଲକ୍ଷ୍ନୌ :** କେବଳ ଧର୍ମ ପରିବର୍ତ୍ତନ ପାଇଁ ବିବାହ ଠିକ୍ ନୁହେଁ ବୋଲି ଆହ୍ଲାବାଦ ହାଇକୋର୍ଟ ଏକ ମାମଲାର ଶୁଣାଣି କରି କହିଛନ୍ତି। ଲଭ୍ ଜିହାଦ ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଜଣେ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାକଚ କରି ହାଇକୋର୍ଟ ଏଭଳି କହିଛନ୍ତି। ହାଇକୋର୍ଟ ଜାମିନ ଆବେଦନର ଶୁଣାଣି କରି ବିଚାରପତି ମୋଗଲ ବାଦଶାହା ଆକବର ଓ ଯୋଧାବାଇଙ୍କ ବିବାହର ଉଦାହରଣ ଦେଇ କହିଥିଲେ ଯେ, ଆକବର ଯୋଧାଙ୍କୁ ବିବାହ କରିଥିଲେ ମଧ୍ୟ ତାଙ୍କ ଧର୍ମ ପରିବର୍ତ୍ତନ କରିନଥିଲେ। ଉଭୟ ପରସ୍ପରର ଧର୍ମୀୟ ବିଶ୍ୱାସର ସମ୍ମାନ କରୁଥିଲେ ଓ ପରସ୍ପର ପ୍ରତି ସେମାନଙ୍କ ସମ୍ମାନଭାବ ମଧ୍ୟ ଥିଲା। ଏଟା ଜିଲ୍ଲାର ଜାଭେଦ ନାମକ ବ୍ୟକ୍ତି ଲଭ ଜିହାଦ ଅଭିଯୋଗରେ ଜେଲରେ ଅଛନ୍ତି। ଜାଭେଦଙ୍କ ଜାମିନ ଆବେଦନର ଶୁଣାଣି ବେଳେ ବିଚାରପତି କହିଥିଲେ ଯେ, ଧର୍ମ ବ୍ୟକ୍ତିଗତ ଆସ୍ଥାର ବିଷୟ ଓ ଏହା ଆପଣଙ୍କ ଜୀବନଶୈଳୀକୁ ଦର୍ଶାଇଥାଏ।



ଈଶ୍ୱରଙ୍କ ପ୍ରତି ଆସ୍ଥା ପ୍ରଦର୍ଶନ କରିବାକୁ କୌଣସି ବିଶେଷ ପୂଜାପଦ୍ଧତିର ଆବଶ୍ୟକତା ନାହିଁ। ବିବାହ ପାଇଁ ସମାନ ଧର୍ମର ହେବା ଜରୁରୀ ନୁହେଁ। ଏମିତିରେ କେବଳ ବିବାହ କରିବା ପାଇଁ ଧର୍ମ ପରିବର୍ତ୍ତନ କରିବା ଉଚିତ ନୁହେଁ। ଅଦାଲତ କହିଛନ୍ତି ଯେ, ଧର୍ମ ପରିବର୍ତ୍ତନରେ ଧର୍ମ ପରିବର୍ତ୍ତନ କରୁଥିବା ବ୍ୟକ୍ତିଙ୍କର କୌଣସି ଆସ୍ଥା କି ବିଶ୍ୱାସ ନଥାଏ। ଏହା କେବଳ ଚାପ, ଭୟ କିମ୍ବା ଲୋଭ ଦ୍ୱାରା ହୋଇଥାଏ। କେବଳ ବିବାହ ପାଇଁ ଧର୍ମ ପରିବର୍ତ୍ତନକୁ କୌଣସି ସାମ୍ବିଧାନିକ ମାନ୍ୟତା ନାହିଁ। ବ୍ୟକ୍ତିଗତ ଲାଭ ପାଇଁ କରାଯାଇଥିବା ଧର୍ମ ପରିବର୍ତ୍ତନ କେବଳ ବ୍ୟକ୍ତିଗତ ଭାବେ କ୍ଷତିକାରକ ହୋଇନଥାଏ ଏହା ମଧ୍ୟ ସମାଜ ପାଇଁ ବିପଜ୍ଜନକ ହୋଇଥାଏ। ଏଭଳି ଧର୍ମପରିବର୍ତ୍ତନ ଦ୍ୱାରା ଧର୍ମାନ୍ଧଙ୍କୁ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ବଳ ମିଳିଥାଏ ବୋଲି ଅଦାଲତ ନିଜ ବକ୍ତବ୍ୟରେ କହିଥିଲେ। ସୂଚନାନାଥାଉ କି, ଏଟା ଜିଲ୍ଲାର ଜାଭେଦଙ୍କ ବିରୋଧରେ ଅଭିଯୋଗ ରହିଛି ଯେ, ସେ ଜଣେ ହିନ୍ଦୁ ଝିଅଙ୍କୁ ବିବାହ କରିବା ପରେ ତାଙ୍କ ଅଜାଣତରେ କିଛି କାଗଜପତ୍ରରେ ଦସ୍ତଖତ କରି ନେଇ ତାଙ୍କର ଧର୍ମ ପରିବର୍ତ୍ତନ କରିଥିଲେ। ହିନ୍ଦୁ ଯୁବତୀ ଜଣକ ପରେ ଏନେଇ ଅଦାଲତରେ ଅଭିଯୋଗ କରିଥିଲେ। ଜାଭେଦ ଏହି ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି। ଜାମିନରେ ଆସିବା ପାଇଁ ଜାଭେଦ ଆବେଦନ କରିଥିଲେ ମଧ୍ୟ ଅଦାଲତ ତାଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି।

## ଭାରତରେ ସୁଧୁରୁଛି ବେକାରୀ ସମସ୍ୟା !

**ନୂଆଦିଲ୍ଲୀ :** ମହାମାରୀ କରୋନା ପାଇଁ ଉତ୍କଟ ସ୍ଥିତିରେ ପହଞ୍ଚିଥିବା ଦେଶର ବେକାରୀ ସମସ୍ୟାରେ ସାମାନ୍ୟ ସୁଧାର ଆସିଛି। ଜୁଲାଇ ମାସରେ ବେକାରୀ ହାରରେ ସୁଧାର ଆସିଛି। ୪ ମାସ ମଧ୍ୟରେ ଭାରତର ବେକାରୀ ସମସ୍ୟା ସବୁଠାରୁ ଭଲ ସ୍ଥିତିରେ ରହିଛି। ଏହାର ଅର୍ଥ କିଛି ସାମଗ୍ରୀର ବିକ୍ରି ଓ ଚାହିଦା ବର୍ତ୍ତମାନ ବୃଦ୍ଧି ପାଇଛି। କରୋନା ପାଇଁ ଏସବୁ ଧିମା ହୋଇଯାଇଥିଲା। ଟିକସ ସଂଗ୍ରହ ମଧ୍ୟ ହ୍ରାସ ପାଇଥିବାରୁ ନିଯୁକ୍ତିହାନୀ ଘଟିଥିଲା। ହେଲେ ଏବେ ଭଲ ଖବର ସାମ୍ନାକୁ ଆସିଛି। ଜୁଲାଇ ମାସରେ ବେକାରୀ ହାର ୬.୯୫% ରହିଥିବା ବେଳେ ପୂର୍ବ ମାସରେ ଏହା ୯.୧୭% ରହିଥିଲା। ଘରୋଇ ରିସର୍ଚ୍ଚ ଫାର୍ମ ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି ପ୍ରାଇଭେଟ ପକ୍ଷରୁ ଏଭଳି ତଥ୍ୟ ପ୍ରକାଶ କରାଯାଇଛି। ରିପୋର୍ଟ ଅନୁସାରେ, ଗ୍ରାମାଞ୍ଚଳରେ ବେକାରୀ ହାର ୬.୩% ଥିବା ବେଳେ ସହାରାଞ୍ଚଳରେ ଏହା ୮% ଉପରେ ରହିଛି। ମେ' ମାସରେ ଦେଶରେ ବେକାରୀ ହାର ପ୍ରାୟ ୧୨% ଥିବା ବେଳେ ଜୁନ୍ ମାସରେ ଏହା ୯.୧୭%କୁ ଖସିଥିଲା। କିନ୍ତୁ ଜୁଲାଇ ମାସରେ ଏଥିରେ ଆହୁରି ସୁଧାର ଆସିଛି। ଜୁଲାଇ ମାସରେ ବେକାରୀ ହାର ୬.୯୫% ରହିଛି। ବେକାରୀ ହାରରେ ସୁଧାର ଆସିବା ଦେଶର ଅର୍ଥନୀତି ପାଇଁ ଭଲ ଖବର। କାରଣ ଦେଶର ଜିଡିପିରେ ଘରୋଇ ଖର୍ଚ୍ଚର ଯୋଗଦାନ ପ୍ରାୟ ୬୦% ରହିଥାଏ। ଏହା ଗତ ଆର୍ଥିକ ବର୍ଷ ତୁଳନାରେ ଏବେ ଦେଶର ଅର୍ଥନୀତି ଆଶାତୀତ ଭାବେ ଭଲ ପ୍ରଦର୍ଶନ କରିବାରେ ଲାଗିଛି। ଅନ୍ୟପକ୍ଷରେ ଜୁନ ମାସ ତୁଳନାରେ ଜୁଲାଇ ମାସରେ ଜିଏସ୍‌ଟି ସଂଗ୍ରହ ମଧ୍ୟ ବୃଦ୍ଧି ପାଇଛି। ଭାରତର ଫ୍ୟାକ୍ଟ୍ରୀ କାର୍ଯ୍ୟକଳାପ ମଧ୍ୟ ଗତ ମାସ ତୁଳନାରେ ଜୁଲାଇରେ ଅଧିକ ଭଲ ପ୍ରଦର୍ଶନ କରିଛି। କରୋନା ସଂକ୍ରମଣକୁ ରୋକିବାକୁ ଜାରି କଟକଣା ପାଇଁ ଏଗୁଡ଼ିକ ଧିମା ପଡ଼ିଯାଇଥିଲା। ହେଲେ କଟକଣା କୋହଳ ହେବା କ୍ଷଣି ଏସବୁ କ୍ଷେତ୍ରରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି।

# 'ଏଲୋପାଥି, ହୋମିଓପାଥି ଏବଂ ଆୟୁର୍ବେଦ ଡାକ୍ତରଙ୍କ ଦରମା ଅଲଗା ହୋଇପାରିବନି'

**ନୂଆଦିଲ୍ଲୀ :** କୌଣସି ସରକାର ଏଲୋପାଥି, ହୋମିଓପାଥି, ଆୟୁର୍ବେଦ ଏବଂ ଯୋଗ ଓ ନାଚ୍ୟୁରପାଥି, ଉନାନି, ସିଦ୍ଧ ଏବଂ ହୋମିଓପାଥି ମଧ୍ୟରେ ଭେଦଭାବ କରିପାରିବେ ନାହିଁ। ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି କରିବା ବେଳେ ଏପରି କହିଛନ୍ତି। ତେଣୁ ଚିକିତ୍ସା ପ୍ରଣାଳୀ ଭିନ୍ନ କହି ଏହି ସମସ୍ତ ଡାକ୍ତରଙ୍କ ମଧ୍ୟରେ ଦରମା ଏବଂ ଅନ୍ୟାନ୍ୟ ସୁବିଧା ମଧ୍ୟରେ ଭେଦଭାବ କରିବା ସମ୍ବିଧାନର ଧାରା ୧୪କୁ ଅବମାନନା ହେବ। ତେଣୁ ସମସ୍ତ ସରକାର ଗୋଟିଏ ନିୟମରେ ଡାକ୍ତର ମାନଙ୍କୁ ସୁବିଧା ଯୋଗାଇ ଦେବେ। ସୁପ୍ରିମକୋର୍ଟର ବିଚାରପତି ଏଲ ଏନ ରାଓ ଏବଂ ହୃଷିକେଶ ରୟ ଦିଲ୍ଲୀ ମ୍ୟୁନିସିପାଲଟି କର୍ପୋରେସନର ଏକ ମାମଲାର ଶୁଣାଣି କରି ଏପରି କହିଛନ୍ତି। ଚିକିତ୍ସା ପ୍ରଣାଳୀ ଭିନ୍ନ ରହିଥାଇ ପାରେ କିନ୍ତୁ ଏହାର ଅର୍ଥ ନୁହେଁ ଏଲୋପାଥିକ ଏବଂ ଆୟୁର୍ବେଦିକ ଡାକ୍ତରଙ୍କ ଅବସର ସମୟ ଅଲଗା ରହିବ। ଏପରି ହୋଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଏହା କରିବା ଭେଦଭାବର ଉଲ୍ଲଂଘନ ଏବଂ ସମ୍ବିଧାନରେ ଦର୍ଶାଯାଇଥିବା ସମାନତାର ଅଧିକାର ବିରୋଧରେ ଯିବ। ଦିଲ୍ଲୀର ମ୍ୟୁନିସିପାଲିଟି କର୍ପୋରେସନର ଆୟୁର୍ବେଦିକ ଡାକ୍ତରଙ୍କ ମାମଲାରେ କୋର୍ଟ ଏହି ରାୟ ପ୍ରଦାନ କରିବାବେଳେ କହିଛନ୍ତି ଯେ ଆୟୁର୍ବେଦିକ ଡାକ୍ତରଙ୍କ ଅବସର ସୀମାର ୬୫ ହେବା ଦରକାର। ଯାହାକି ଏଲୋପାଥି ଚିକିତ୍ସାରେ ରହିଛି। ମେ ୩୧,୨୦୧୬ ଠାରୁ ଏହି ନିୟମ ଲାଗୁ ହୋଇଛି। ଆୟୁର୍ବେଦ ଡାକ୍ତରଙ୍କ ପାଇଁ ମଧ୍ୟ ଏହି ନିୟମ ଲାଗୁ ହେବ। ସୂଚନାଯୋଗ୍ୟ, ଦିଲ୍ଲୀ



ମ୍ୟୁନିସିପାଲିଟି କର୍ପୋରେସନ୍ ଆୟୁର୍ବେଦିକ ଡାକ୍ତରଙ୍କ ଅବସର ସୀମା ୬୦ ହେବା ଦରକାର କହି ସୁପ୍ରିମକୋର୍ଟରେ ସେଣ୍ଟ୍ରାଲ୍ ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ୍ (କ୍ୟାଟ୍) ଏବଂ ଦିଲ୍ଲୀ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲା। ସୁପ୍ରିମକୋର୍ଟ ମ୍ୟୁନିସିପାଲିଟି କର୍ପୋରେସନର ଆବେଦନକୁ ଖାରଜ କରି କ୍ୟାଟ୍ ଏବଂ ଦିଲ୍ଲୀ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ଯେଉଁଥିରେ କୁହାଯାଇଥିଲା ଯେ ଆୟୁଷ ଅଧୀନରେ ଆସୁଥିବା ଆୟୁର୍ବେଦିକ ଡାକ୍ତରମାନେ ମଧ୍ୟ ଏଲୋପାଥିକ ଡାକ୍ତରଙ୍କ ପରି ଅବସର ବୟସ ୬୦ ରୁ ୬୫କୁ ବୃଦ୍ଧି କରିବାର ସୁବିଧା ପାଇବାକୁ ହକଦାର। ସୁପ୍ରିମକୋର୍ଟ କହିଛନ୍ତି ଯେ ଏଲୋପାଥିକ ଏବଂ ଆୟୁର୍ବେଦିକ ଡାକ୍ତରଙ୍କ ଉଦ୍ଦେଶ୍ୟ ଲୋକଙ୍କ ଚିକିତ୍ସା କରିବା। ଏହି ପ୍ରସଙ୍ଗରେ ଦିଲ୍ଲୀ ହାଇକୋର୍ଟର ଅନ୍ତରୀଣ ଆଦେଶ ଅନୁଯାୟୀ ଆୟୁର୍ବେଦିକ ଡାକ୍ତରମାନେ ୬୦ ବର୍ଷ ପରେ ମଧ୍ୟ କାମ କରୁଥିଲେ। କିନ୍ତୁ ସେମାନଙ୍କୁ ଦରମା ଦିଆଯାଇନଥିଲା। ସୁପ୍ରିମକୋର୍ଟରେ ଦିଲ୍ଲୀ ମ୍ୟୁନିସିପାଲଟି କର୍ପୋରେସନ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ ଆୟୁର୍ବେଦିକ ଡାକ୍ତରମାନେ ଏହି ଅବଧିରେ ଦରମା ପାଇବାକୁ ଯୋଗ୍ୟ ନୁହଁନ୍ତି। ସରକାର ଦରମା ଦେଲେ ଏହା ଏକ ପ୍ରକାର ବୋଝ ହେବ। କୋର୍ଟ କହିଛନ୍ତି ଯେ ଆୟୁର୍ବେଦିକ ଡାକ୍ତରଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ଯୋଜନାର ଡାକ୍ତରଙ୍କ ପରି ଦରମା ଏବଂ ଅନ୍ୟାନ୍ୟ ସୁବିଧା ନ ଦେବା ସେମାନଙ୍କ ପ୍ରତି ଭେଦଭାବ ହେବ। ବର୍ଦ୍ଧିତ ଅବସର ବୟସ ଅନୁଯାୟୀ, ଆୟୁର୍ବେଦିକ ଡାକ୍ତରଙ୍କ ବକେୟା ଦରମା ଏବଂ ଅନ୍ୟାନ୍ୟ ସୁବିଧା ଆଠ ସପ୍ତାହ ମଧ୍ୟରେ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଧାର୍ଯ୍ୟ ସମୟଠାରୁ ଦେୟ ବିଳମ୍ବ ହୁଏ, ତେବେ ସୁଧ ହାର ସହିତ ଦେବାକୁ ହେବ।

୩
ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୦୯ - ୧୫ ଅଗଷ୍ଟ, ୨୦୨୧
ପରିକ୍ରମା

# '୧୦ ବର୍ଷରେ ଓଡ଼ିଶାରେ ଶିଶୁ ଯୌନ ଉତ୍ପୀଡ଼ନ ମାମଲା ୧୮ ଗୁଣା ବୃଦ୍ଧି'

**ଭୁବନେଶ୍ୱର :** ଶିଶୁ ଯୌନ ଉତ୍ପୀଡ଼ନ ବୃଦ୍ଧିରେ ଓଡ଼ିଶା ଦେଶରେ ଚତୁର୍ଥ। ଗତ ୧୦ ବର୍ଷ ଭିତରେ ରାଜ୍ୟରେ ଏଭଳି ମାମଲା ୧୮ ଗୁଣା ବଢ଼ିଛି। ୨୦୦୯ରେ ଓଡ଼ିଶାରେ ୮୭ଟି ଶିଶୁ ଯୌନ ନିର୍ଯାତନା ମାମଲା ଥିଲା। ୨୦୧୯ରେ ଏହି ସଂଖ୍ୟା ୧୬୪୮ରେ ପହଞ୍ଚିଛି। ଯେଉଁଥିରେ ୨୩୧ଟି ଶିଶୁ ଦୁଷ୍କର୍ମ ମାମଲା ଓ ପୋକ୍ସୋ ଆଇନ୍ ଅଧୀନରେ ୧୪୧୭ଟି ମାମଲା ରୁଜୁ ହୋଇଛି। ଦେଶରେ ୨୦୦୯ରେ ଶିଶୁ ଯୌନ ନିର୍ଯାତନା ମାମଲା ୫୩୬୮ ଥିଲା ବେଳେ ୨୦୧୯ରେ ଏହା ୫ ଗୁଣା ବଢି ୩୧ ହଜାର ୧୩୨ରେ ପହଁଚିଛି। ଏହାର ଅର୍ଥ ଜାତୀୟ ହାରଠାରୁ ରାଜ୍ୟରେ ଶିଶୁ ଯୌନ ନିର୍ଯାତନା ମାମଲା ବୃଦ୍ଧି ହାର ଢେର ଅଧିକ। ଲୋକସଭାରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀଙ୍କ ଲିଖିତ ଉତ୍ତରରୁ ଓଡ଼ିଶାର ଏପରି ବିକଳ ଚିତ୍ର ସାମ୍ନାକୁ ଆସିଛି। ଶିଶୁ ଅଧିକାର ସୁରକ୍ଷା କର୍ମୀଙ୍କ ମତରେ, ମୋବାଇଲ, ଟେଲିଭିଜନ, ଇଣ୍ଟରନେଟ୍ ବହୁଳ ବ୍ୟବହାର ଶିଶୁ ଯୌନ ଉତ୍ପୀଡ଼ନ ବୃଦ୍ଧିର ମୁଖ୍ୟ କାରଣ। ଅଭିଭାବକ ଓ ପୁଲିସ୍‌ର ଦାୟିତ୍ୱହୀନତା ମଧ୍ୟ ଏଥିପାଇଁ କିଛି ପରିମାଣରେ ଦାୟୀ। ରାଜ୍ୟରେ ଶିଶୁ ଯୌନ ଉତ୍ପୀଡ଼ନ ବୃଦ୍ଧିକୁ ନେଇ ଚିନ୍ତା ବଢିଥିବା ବେଳେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସଂଧ୍ୟାବତୀ ପ୍ରଧାନ କହିଛନ୍ତି, ପୋକ୍ସୋ ଆଇନ ଆସିବା ପରେ ସଚେତନତା ବଢ଼ିଛି। ତେଣୁ ଅଧିକ ଶିଶୁ ଯୌନ ଉତ୍ପୀଡ଼ନ ମାମଲା ଦାଖଲ ହେଉଛି। କିଭଳି ପୋକ୍ସୋ କୋର୍ଟରେ ଶିଶୁ ଯୌନ ଉତ୍ପୀଡ଼ନ ମାମଲାର ତୁରନ୍ତ ସମାଧାନ କରାଯିବ ଓ ପୀଡିତାଙ୍କୁ ଉପଯୁକ୍ତ ନ୍ୟାୟ ଦିଆଯିବା ସହ ଦୋଷୀ ଦଣ୍ଡିତ ହେବେ, ସେ ଦିଗରେ କମିଶନ କାମ କରୁଛି। ମହିଳା ଥାନା ଭଳି ଶିଶୁଙ୍କ ଲାଗି ସ୍ୱତନ୍ତ୍ର ଶିଶୁ ଥାନା ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ସଂଧ୍ୟାବତୀ ପ୍ରଧାନ କହିଛନ୍ତି।

# ଅପେକ୍ଷାର ଅନ୍ତ, ୧୬ରୁ ଖୋଲିବ ଶ୍ରୀମନ୍ଦିର

**ପୁରୀ :** ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଆସନ୍ତା ୧୬ ତାରିଖ ସୋମବାର ଠାରୁ ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀମନ୍ଦିର। ଏହି ଖବର ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳାଇ ଦେଇଛି। ସୂଚନା ଅନୁଯାୟୀ ୧୬ ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ପୁରୀ ସହରବାସୀଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ରହିବ। ୨୧ ଓ ୨୨ ସଟଡାଉନ ଥିବାରୁ ଭକ୍ତମାନେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିପାରିବେ ନାହିଁ ଓ ଏହି ସମୟରେ ମନ୍ଦିରକୁ ସାନିଟାଇଜ୍ କରାଯିବ। ଯେଉଁମାନେ ୨ଟି ଡୋଜ୍ ଟିକା ନେଇଥିବେ ଅଥବା ୯୬ ଘଣ୍ଟା ପୂର୍ବରୁ ଆରଟିପିସିଆର ପରୀକ୍ଷାରେ ରିପୋର୍ଟ ନେଗେଟିଭ୍ ରହିଥିବ, କେବଳ ସେମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ଲାଗି ଅନୁମତି ଦିଆଯିବ। ୨୩ ତାରିଖରୁ ସମସ୍ତ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲିବ



ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମୁଖ୍ୟ ପ୍ରଶାସକ ଡ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସମନ୍ୱୟ କମିଟି ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷ ହେବା ପରେ ମୁଖ୍ୟ ପ୍ରଶାସକ ଡ. କୁମାର କହିଲେ ରାଜ୍ୟ ସରକାରଙ୍କର କରୋନା କଟକଣା ଯୋଗୁ ଶ୍ରୀମନ୍ଦିରକୁ ଅଣସେବାୟତଙ୍କ ପ୍ରବେଶ ବନ୍ଦ ରହିଛି। ହୋଇଥିବା ନିଷ୍ପତ୍ତି ଅନୁଯାୟୀ ସେବାୟତ ଓ କର୍ମଚାରୀଙ୍କ ସମେତ ସେମାନଙ୍କର ପରିବାର ବର୍ଗଙ୍କୁ ଆସନ୍ତା ୮ ତାରିଖ ଠାରୁ ୩ ଦିନ ଧରି ଟିକାକରଣ କରାଯିବ। ଆସନ୍ତା ୧୫ ଦିନ ମଧ୍ୟରେ ଯେପରି ସମସ୍ତେ ଦୁଇ ଡୋଜ୍ ଟିକା ନେବେ ସେ ଦିଗରେ ପଦକ୍ଷେପ ନିଆଯିବ। ଜନ୍ମାଷ୍ଟମୀ ଭଳି ବିଶେଷ ପର୍ବପର୍ବାଣୀ ଦିନ ଗୁଡ଼ିକରେ ଦର୍ଶନାର୍ଥୀଙ୍କ ସଂଖ୍ୟା ଅଧିକ ହେବାର ଆଶଂକା ଥିବାରୁ ଏହିସବୁ ଦିନ ଗୁଡ଼ିକରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିବ। ଶ୍ରଦ୍ଧାଳୁମାନେ ସମ୍ପୂର୍ଣ୍ଣ କୋଭିଡ୍ ଗାଇଡ୍ ଲାଇନକୁ ମାନି ସକାଳ ୬ଟା ଠାରୁ ରାତି ୮ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରେ ଶ୍ରୀଜୀଉଙ୍କୁ ଦର୍ଶନ କରିପାରିବେ। ଏଥିଲାଗି ଶ୍ରୀମନ୍ଦିରର ଚାରି ଦ୍ୱାରରେ ସାନିଟାଇଜର ଲଗାଯାଇଛି। ୬୫ ବର୍ଷରୁ ଅଧିକ ଓ ୧୦ ବର୍ଷରୁ କମ୍ ବୟସ୍କ, ଗର୍ଭବତୀ ଓ ବହୁବିଧ ରୋଗରେ ପୀଡିତଙ୍କ ପ୍ରବେଶ ଉପରେ କଟକଣା ରହିଛି। ଭକ୍ତମାନେ ମନ୍ଦିର ଭିତରକୁ ପୂଜା ସାମଗ୍ରୀ ନେଇ ଯାଇ ପାରିବେ ନାହିଁ ଓ ମନ୍ଦିର ଭିତରେ ଦୀପ ବସାଇ ପାରିବେ ନାହିଁ। ସେହିପରି ଶ୍ରଦ୍ଧାଳୁମାନେ ଆନନ୍ଦ ବଜାରରୁ ମହାପ୍ରସାଦ କିଣିପାରିବେ ମାତ୍ର ସେଠାରେ ବସି ଖାଇବା ଉପରେ କଟକଣା ଜାରୀ କରାଯାଇଛି। ବିଶେଷ ପର୍ବପର୍ବାଣୀ ଦିନ ଗୁଡ଼ିକରେ ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ ଯୋଗାଇ ଦେବା ଲାଗି ପ୍ରଶସାନ ଓ ସୂପକାର ନିଯୋଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ, ଏସ୍‌ପି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ବିଭିନ୍ନ ନିଯୋଗର କର୍ମକର୍ତ୍ତା ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ୨୫ ସୁଦ୍ଧା ଅତିରିକ୍ତ ବଜେଟ୍ ପାଇଁ ପ୍ରସ୍ତାବ ପଠାଅ: ଅର୍ଥ ବିଭାଗ

**ଭୁବନେଶ୍ୱର :** କରୋନା ମହାମାରୀର ତୃତୀୟ ଲହର ଆଶଙ୍କା ମଧ୍ୟରେ ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ଅତିରିକ୍ତ ବଜେଟ୍ ପାଇଁ ଆବଶ୍ୟକ ପ୍ରସ୍ତାବ ପଠାଇବାକୁ ସମସ୍ତ ବିଭାଗକୁ ଅର୍ଥ ବିଭାଗ କହିଛି। ଚଳିତମାସ ୨୫ତାରିଖ ସୁଦ୍ଧା ଅନଲାଇନରେ ପ୍ରସ୍ତାବ ପଠାଇବାକୁ କୁହାଯାଇଛି। ଅତିରିକ୍ତ ବଜେଟ ପ୍ରସ୍ତୁତ ସମୟରେ କେବଳ ସାନି ପ୍ରାଥମିକତା ଧାର୍ଯ୍ୟ ଓ ବଜେଟରେ ଆବଣ୍ଟିତ ଅର୍ଥକୁ ସାନି ଆବଣ୍ଟନ କରିବାକୁ ଅର୍ଥ ବିଭାଗ କହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ୩.୫% ରହିଥିବାରୁ ଅଧିକ ଅର୍ଥ ଆବଣ୍ଟନ ସମ୍ଭବପର ନୁହେଁ କିମ୍ବା ଋଣ କରିବା ମଧ୍ୟ ଉଚିତ୍ ନୁହେଁ ବୋଲି ଅର୍ଥ ବିଭାଗ କହିଛି। ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ସମସ୍ତ ବିଭାଗର ସଚିବମାନଙ୍କୁ ଚିଠି ଲେଖି ଅଗଷ୍ଟ ୨୫ତାରିଖ ସୁଦ୍ଧା ଅତିରିକ୍ତ ବଜେଟ ପାଇଁ ପ୍ରସ୍ତାବ ଅନଲାଇନରେ ପଠାଇବାକୁ କହିଛନ୍ତି। ଅର୍ଥ ବିଭାଗକୁ ପ୍ରଶାସନିକ ବ୍ୟୟର ପ୍ରସ୍ତାବ ଏବଂ ଯୋଜନା ଓ ସଂଯୋଜନ ବିଭାଗକୁ କାର୍ଯ୍ୟକ୍ରମ ବ୍ୟୟର ପ୍ରସ୍ତାବ ପଠାଇବାର ଶେଷ ତାରିଖ ଅଗଷ୍ଟ ୨୫ଧାର୍ଯ୍ୟ ହୋଇଛି। ପ୍ରଶାସନିକ ବିଭାଗଗୁଡ଼ିକ ଯୋଜନାୱାରି ଅର୍ଥ ଆବଣ୍ଟନ କରି ସେହି ପ୍ରସ୍ତାବକୁ ଯୋଜନା ଓ ସଂଯୋଜନ ବିଭାଗରେ ଦାଖଲ କରିବେ। ଆଉ ସମସ୍ତ କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବକୁ ଯୋଜନା ଓ ସଂଯୋଜନ ବିଭାଗର ଅନୁମୋଦନ ପରେ ହିଁ ଅର୍ଥ ବିଭାଗରେ ଦାଖଲ କରିବାର ସୁଯୋଗ ମିଳିବ। ଅର୍ଥ ସଚିବ ଶ୍ରୀ ଦେବ ଆହୁରି ମଧ୍ୟ କହିଛନ୍ତି ଯେ, ଦ୍ୱିତୀୟ ଲହର ଆଶଙ୍କା ମଧ୍ୟରେ ୨୦୨୧-୨୨ ଆଥିକ ବର୍ଷର ବଜେଟ ଫେବୃୟାରୀ ୨୨ତାରିଖରେ ବିଧାନସଭାରେ ଉପସ୍ଥାପିତ ହୋଇଥିଲା। ଚଳିତବର୍ଷ ବଜେଟରେ ସରକାର ମେଡିକାଲ ଭିତ୍ତିଭୂମି, ସ୍ୱାସ୍ଥ୍ୟ ସେବାରେ ସୁଧାର, ଶିଳ୍ପାୟନ, ଦକ୍ଷତା ବିକାଶ, ପର୍ଯ୍ୟଟନର ବିକାଶ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସଂସ୍କାରମୂଳକ କାର୍ଯ୍ୟକ୍ରମ ଉପରେ ପ୍ରାଥମିକତା ଦେଇଛନ୍ତି। ତେବେ ବାର୍ଷିକ



ବଜେଟ ପ୍ରସ୍ତୁତି ବେଳେ ବିତ୍ତୀୟ ନିଅଣ୍ଟର ସୀମା ସର୍ବାଧିକ ୩.୫%କୁ ଛୁଇଁ ସାରିଛି। ଅବଶ୍ୟ ଚଳିତ ଆର୍ଥିକ ବର୍ଷରେ ଅଧିକ ଋଣ କରିବାର ସମ୍ଭାବନା ରହିଛି କିନ୍ତୁ ତୃତୀୟ ଲହରର ଆଶଙ୍କା ଓ ରାଜ୍ୟ ଜିଡିପିରେ ସୁଧାର ସମ୍ଭାବନା କମ୍ ଥିବାକୁ ଦୃଷ୍ଟିରେ ରଖି ସରକାର ଋଣ କରି ଅର୍ଥବ୍ୟବସ୍ଥା ଉପରେ ଚାପ ପକାଇବାକୁ ଚାହୁଁନାହାନ୍ତି। ତେଣୁ ଅତିରିକ୍ତ ବଜେଟ୍ ପ୍ରସ୍ତାବ ପ୍ରସ୍ତୁତ ସମୟରେ ଯୋଜନାଗୁଡ଼ିକର ପ୍ରାଥମିକତାକୁ ଚିହ୍ନଟ କରି ସେସବୁର ଅର୍ଥକୁ ପୁନଃ ସ୍ଥାନାନ୍ତର ଓ ସାନି ପ୍ରାଥମିକତା ନିର୍ଦ୍ଧାରଣ କରିବାର ସୁଯୋଗ ବିଭାଗଗୁଡ଼ିକ ପାଖରେ ରହିଛି। ଅବଶ୍ୟ କୋଭିଡ୍-୧୯ ପରିଚାଳନା ବ୍ୟୟ, ଜୀବିକାମିଶନ ସଂକ୍ରାନ୍ତ ବ୍ୟୟ, ଚାଲିଥିବା କାପେକ୍ସ ପ୍ରୋଜେକ୍ଟ ଆଦି ପାଇଁ ଅର୍ଥ ବରାଦ ଗୁଡ଼ିକ ପ୍ରଭାବିତ ହେବ ନାହିଁ। ଅର୍ଥ ବିଭାଗ ଆହୁରି ମଧ୍ୟ କହିଛି ଯେ, ପ୍ରଚଳିତ ବ୍ୟବସ୍ଥାରେ ଅତିରିକ୍ତ ବଜେଟ୍ ପାଇଁ ପଠାଯାଉଥିବା ପ୍ରସ୍ତାବ ଠିକ୍ ଭାବେ ପ୍ରସ୍ତୁତ ହେଉନଥିବାରୁ ଅନେକ ସମୟରେ ବିଭାଗଗୁଡ଼ିକ ବର୍ଷ ଶେଷରେ ଅର୍ଥ ଫେରସ୍ତ କରୁଛନ୍ତି। ଯାହାକୁ ନେଇ ସିଏଜି ଅଧିକାଂଶ ସମୟରେ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରତିକୂଳ ମନ୍ତବ୍ୟ ଦେଉଛନ୍ତି। ତେଣୁ ବଜେଟ ପ୍ରସ୍ତୁତ ସମୟରେ ଏସବୁ ଦିଗ ପ୍ରତି ଯତ୍ନବାନ ହୋଇ ଆବଶ୍ୟକ ପରିମାଣର ପ୍ରସ୍ତାବ ପଠାଇବାକୁ ଅର୍ଥ ବିଭାଗ ପରାମର୍ଶ ଦେଇଛି।

# ଓଡ଼ିଶା ସରକାର ଗରିବଙ୍କ ସାଥି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଦୁଗ୍‌ଧ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ଏକଲକ୍ଷ ଦୁଗ୍‌ଧ ଚାଷୀ ୬୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇଛନ୍ତି। ସମୁଦାୟ



୧୧ କୋଟି ଟଙ୍କାର ସହାୟତା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଓମ୍‌ଫେଡ ଜରିଆରେ ରାଜ୍ୟର ୩୭୦୦ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଏବଂ ୨.୬୩ଲକ୍ଷ ଦୁଗ୍ଧ ଚାଷୀ ଏହା ଜରିଆରେ ଦୁଗ୍ଧ ଉତ୍ପାଦନ କରୁଛନ୍ତି। ଏଥିରେ ୧୨୯୨ଟି ମହିଳା ସମବାୟ ସମିତି ରହିଛି ଏବଂ ୧ଲକ୍ଷ ୫ ହଜାର ମହିଳା ଚାଷୀ ମଧ୍ୟ ଦୁଗ୍ଧ ଉତ୍ପାଦନରେ ଯୋଗଦାନ ରଖିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଥମେ ଅଲିମ୍ପିକ୍ସରେ ଭାରତର ସଫଳତା ପାଇଁ ଭାରତୀୟ ଟିମ୍‌କୁ ଅଭିନନ୍ଦନ ଜଣାଇ କହିଲେ ଯେ, ଭାରତୀୟ ହକି ଦଳର ଅନନ୍ୟ ସଫଳତା ପାଇଁ ଆମେ ସମସ୍ତେ ଗର୍ବିତ। ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟ ସରକାର ସବୁବେଳେ ଗରିବ ଲୋକଙ୍କ ସାଥିରେ ଅଛନ୍ତି ଓ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାମ କରୁଛନ୍ତି। ଗରିବ ଲୋକଙ୍କ ଉପରେ କୋଭିଡ ମହାମାରୀର ପ୍ରଭାବ କମ କରିବା ପାଇଁ ରାଜ୍ୟ ସରକାର ଛୋଟ ଦୋକାନୀ, ଛୋଟ ଚାଷୀ, ମିଶନ ଶକ୍ତିର ମା' ସମସ୍ତଙ୍କ ଆକାଉଣ୍ଟରେ ୨୦୦୦ କୋଟିରୁ ଅଧିକ ଟଙ୍କା ଜମା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଛୋଟ ଚାଷୀଙ୍କ ରୋଜଗାରରେ ଗୋପାଳନର ଅବଦାନ ବିଷୟ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହା ସେମାନଙ୍କ ରୋଜଗାର ବଢ଼ାଇବା ସହିତ ଗ୍ରାମ ଅର୍ଥନୀତିକୁ ଚଳଚଞ୍ଚଳ କରେ। ମା' ମାନଙ୍କ ରୋଜଗାର ବଢ଼ାଇବା ସହିତ ସାଧାରଣ ଲୋକଙ୍କ ବିଶେଷକରି ପିଲାମାନଙ୍କ ପୁଷ୍ଟି ସାଧନରେ ଦୁଗ୍‌ଧର ବହୁତ ବଡ ଭୂମିକା ରହିଛି ବୋଲି ସେ କହିଥିଲେ। ତେଣୁ ଦୁଗ୍ଧ ଉତ୍ପାଦନରେ ଅଭିବୃଦ୍ଧି ଆଣି ରାଜ୍ୟର ପୁଷ୍ଟି ସ୍ତରକୁ ଆହୁରି ଉନ୍ନତି ଆଣିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ୫-ଟି ଓ ମୋ ସରକାର ରାଜ୍ୟ ପ୍ରଶାସନର ମୂଳମନ୍ତ୍ର ବୋଲି ପ୍ରକାଶ କରି ସେ କହିଲେ ଯେ, ଏହାର ପ୍ରୟୋଗ ଦ୍ୱାରା ରାଜ୍ୟ ପ୍ରାଣୀ ସମ୍ପଦ କ୍ଷେତ୍ରରେ ପରିବର୍ତ୍ତନର ଧାରା ଆସିପାରିଛି। ହକିରେ ଭାରତର ବିଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ମଧ୍ୟ କୃତଜ୍ଞତା ପ୍ରକାଶ କରି ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଯୋଗୁ ଆଜି ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଗୌରବାନ୍ୱିତ ହୋଇପାରିଛି। ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଓ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟରେ ଚାଷୀ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ, ନବରଙ୍ଗପୁର ଓ କଟକର ୩ଜଣ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇ ସ୍ୱତନ୍ତ୍ର ସହାୟତା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ବରଗଡରୁ ସତ୍ୟବତୀ ସାହୁ, ନବରଙ୍ଗପୁରରୁ ଖୋକନ ବିଶ୍ୱାସ ଓ କଟକରୁ ବିଜୟଲକ୍ଷ୍ମୀ ସ୍ୱାଇଁ ଆଲୋଚନାରେ ଭାଗ ନେଇ କହିଥିଲେ ଯେ, ରାଜ୍ୟ ସରକାର ସେମାନଙ୍କ ଦୁଗ୍ଧ ଚାଷ ପାଇଁ ଅନେକ ପ୍ରକାର ସହାୟତା ଦେଉଛନ୍ତି। ଗୋଖାଦ୍ୟ, ଔଷଧ, କ୍ୟାଲସିଅମ, ମିନେରେଲ ମିକ୍ସଚର ଆଦି ଅନେକ ସହାୟତା ମିଳୁଛି। ଦୁଗ୍‌ଧ ଚାଷ ଦ୍ୱାରା ସେମାନଙ୍କ ଆର୍ଥିକ ଉନ୍ନତି ହେବା ସହିତ ସେମାନେ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ଦେଇପାରିଛନ୍ତି ଏବଂ ଘର ଖଣ୍ଡେ ଖଣ୍ଡେ କରିପାରିଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସଚିବ କେ.ରଘୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆରକେ ଶର୍ମା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ଆସିବାକୁ ଦରକାର ନାହିଁ ପ୍ରମାଣପତ୍ର

**ଭୁବନେଶ୍ୱର :** ବାହାର ରାଜ୍ୟରୁ ଓଡ଼ିଶା ଆସୁଥିବା ବ୍ୟକ୍ତିଙ୍କ ପାଇଁ ଖୁସି ଖବର। ଏଣିକି ଓଡ଼ିଶା ମାଟିରେ ପାଦ ଦେବା ପୂର୍ବରୁ ଆଉ କୌଣସି କଟକଣାର ସମ୍ମୁଖିନ ହେବାକୁ ପଡ଼ିବନି। କରୋନା କୋପ କମିଥିବାରୁ ସମସ୍ତ କଟକଣାକୁ ପ୍ରତ୍ୟାହାର କରି ନେଇଛନ୍ତି ରାଜ୍ୟ ସରକାର। ଏଣିକି ବାହାର ରାଜ୍ୟରୁ ଓଡ଼ିଶା ଆସୁଥିବା ବ୍ୟକ୍ତିଙ୍କୁ କରୋନା ଟେଷ୍ଟ ରିପୋର୍ଟ(ଆଣ୍ଟିଜେନ୍/ ଆରଟିପିସିଆର ନେଗେଟିଭ ରିପୋର୍ଟ) କିମ୍ବା କରୋନା ଟିକାର ଦ୍ୱିତୀୟ ଡୋଜ୍ ପ୍ରମାଣପତ୍ର ଦେବା ଆବଶ୍ୟକ ନାହିଁ। ଏନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସୂଚନାଥାଉ କି, ପୂର୍ବରୁ ଉପରମୁହାଁ କରୋନା ସଂକ୍ରମଣକୁ ନିୟନ୍ତ୍ରଣକୁ ଆଣିବାକୁ ବିଭିନ୍ନ ନିୟମ ଲାଗୁ କରିଥିଲେ ସରକାର। ବିଶେଷ କରି ବାହାର ରାଜ୍ୟରୁ ଓଡ଼ିଶା ଆସୁଥିବା



ଲୋକେ କଡ଼ା ଯାଞ୍ଚର ସମ୍ମୁଖିନ ହେଉଥିଲେ। ସେମାନଙ୍କୁ ଆଣ୍ଟିଜେନ୍ ଟେଷ୍ଟ କିମ୍ବା ଆରଟସିପିସିଆର ଟେଷ୍ଟ ରିପୋର୍ଟ ନେଗେଟିଭ୍ ଦେଖାଇବା ବାଧ୍ୟତାମୂଳକ କରାଯାଇଥିଲା। ଏହା ଦେଖାଇ ନ ପାରିଲେ କରୋନା ଟିକାର ଦ୍ୱିତୀୟ ଡୋଜ୍ ପ୍ରମାଣପତ୍ର ଦେଖାଇବାକୁ ପଡୁଥିଲା। ହେଲେ ଆଉ ଏସବୁ ପ୍ରମାଣପତ୍ରର କୌଣସି ଆବଶ୍ୟକତା ପଡ଼ିବ ନାହିଁ। ସୂଚନାଯୋଗ୍ୟ, ରାଜ୍ୟରେ ଏବେ କରୋନାର ଦ୍ୱିତୀୟ ସଂକ୍ରମଣ ନିୟନ୍ତ୍ରଣରେ ଥିବା ବେଳେ ସେପ୍ଟେମ୍ବର, ଅକ୍ଟୋବରରେ ତୃତୀୟ ଲହର ପିକ୍‌ରେ ରହିପାରେ ବୋଲି ଭବିଷ୍ୟବାଣୀ କରି ସାରିଲେଣି ଡିଏମ୍‌ଇଟି ସିବିକେ ମହାନ୍ତି। ତେବେ ଏହା ଦ୍ୱିତୀୟ ଲହର ଭଳି ସେତେଟା ମାରାତ୍ମକ ହେବନି। କାରଣ ରାଜ୍ୟରେ ଟିକାକରଣ ଜୋରଦାର ଚାଲିଛି। ଏହାଦ୍ୱାରା ଅଧିକାଂଶ ଲୋକଙ୍କ ଦେହରେ ଆଣ୍ଟିବଡି ବୃଦ୍ଧି ହୋଇଛି ବୋଲି କହିଛନ୍ତି ଡିଏମ୍‌ଇଟି। ଅପରପକ୍ଷେ ରାଜ୍ୟରେ ତୃତୀୟ ଲହର ରୋକିବାକୁ ସରକାର ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି। କୌଣସି ଲହର ରୋକିବାକୁ ଦୁଇଟି ଜିନିଷ ଆବଶ୍ୟକ। ପ୍ରଥମତଃ ରୋଗୀ ଚିହ୍ନଟ, ସର୍ଭେଲାନ୍ସ ଜାରି ରଖିବା ଏବଂ ଦ୍ୱିତୀୟରେ ଗୁରୁତରଙ୍କୁ ସଠିକ୍ ଟ୍ରିଟମେଣ୍ଟ କରିବା। ରାଜ୍ୟ ସରକାର ଏହି ଦୁଇଟି ଦିଗ ସହ ଟିକାକରଣ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର।

# ୧୬ରୁ ୯ମ ଶ୍ରେଣୀ କ୍ଲାସ

**ଭୁବନେଶ୍ୱର :** ଅଗଷ୍ଟ ୧୬ରୁ ୯ମ ଶ୍ରେଣୀ ପିଲାଙ୍କ ପାଇଁ ଖୋଲିବ ସ୍କୁଲ। କରୋନା କଟକଣା ମଧ୍ୟରେ ୯ମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବା ନେଇ ଅନୁମତି ଦେଇଛନ୍ତି ରାଜ୍ୟ ସରକାର। ଅଗଷ୍ଟ ୧୬ରୁ ସରକାରୀ, ସରକାରୀ ସହାୟତା ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ୯ମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍କୁଲରେ ପାଠପଢ଼ା ଆରମ୍ଭ ହେବ। ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ୯ମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଗଷ୍ଟ ୧୬ରୁ ପାଠପଢ଼ା ଆରମ୍ଭ ହେବ। କରୋନା କଟକଣା ମଧ୍ୟରେ ସ୍କୁଲ ଖୋଲିବା ସହ ରବିବାର ଓ ଛୁଟିଦିନକୁ ଛାଡି ବାକି ଦିନ ସକାଳ ୯ଟାରୁ ଦିନ ୧୨.୩୦ ପର୍ଯ୍ୟନ୍ତ ପାଠପଢ଼ା ହେବ। ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପିତାମାତାଙ୍କ ପରାମର୍ଶରେ ଅନଲାଇନ ମୋଡ କିମ୍ବା ଅଫଲାଇନ ମୋଡରେ କ୍ଲାସରେ ଯୋଗଦେବାକୁ ଅନୁମତି ଦିଆଯାଇଛି।

**ରାଜ୍ୟରେ କୋଭିଡ୍ ମୃତ୍ୟୁ ଲୁଚାଇବା ପ୍ରସଙ୍ଗ**

# ସରକାରଙ୍କ ରିପୋର୍ଟକୁ ଗ୍ରହଣ କରୁନାହାନ୍ତି ଉଚ୍ଚନ୍ୟାୟଳୟ : କଂଗ୍ରେସ

**ଭୁବନେଶ୍ୱର, :** ରାଜ୍ୟରେ ବର୍ତମାନ ସ୍ଥିତିରେ କୋଭିଡ ସଂକ୍ରମଣ ଧିରେ ଧିରେ କମୁଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ପ୍ରତ୍ୟେକ ଦିନ ମୃତ୍ୟୁହାର ବଢ଼ିବଢ଼ି ଚାଲିଛି। ରାଜ୍ୟ ସରକାର କୋଭିଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ପ୍ରକୃତ ତଥ୍ୟ ପ୍ରଦାନ କରିବାରେ ଆରମ୍ଭରୁ ଅନିୟମିତତାକୁ ପ୍ରୋତ୍ସାହନ ଦେଇଛନ୍ତି ଏବଂ ଜାଣିସୁଣି କୋଭିଡ ମୃତ୍ୟୁର ସତ୍ୟକୁ ଚାପିଦେବାପାଇଁ ଅପଚେଷ୍ଟା କରୁଛନ୍ତି। ପ୍ରଦେଶ କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋଭିଡ ମୃତ୍ୟୁକୁ ନେଇ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ମୁଖପାତ୍ର ନିଶିକାନ୍ତ ମିଶ୍ର ରାଜ୍ୟ ସରକାରଙ୍କ ନୀତି ଓ ନିଷ୍ପତିକୁ ନେଇ ପ୍ରଶ୍ନ କରିଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ଅଫିସିଆଲ ପୋର୍ଟାଲ ଏବଂ ନୟାଗଡ଼ ସିଡିଏମଓଙ୍କ ତଥ୍ୟ ଆଧାରରେ ମିଛି କୋଭିଡ ମୃତ୍ୟୁର ପ୍ରଦେଶ କଂଗ୍ରେସ ତରଫରୁ ପର୍ଦାଫାସ କରାଯାଇଥିଲା । ଆଶ୍ଚର୍ଯ୍ୟର କଥା ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ କୋଭିଡ



ମୃତ୍ୟୁର ତଥ୍ୟକୁ ନେଇ ଭିନ୍ନ ଭିନ୍ନ ତଥ୍ୟ ରଖାଯାଇଥିବା କଥା ସାମନାକୁ ଆସିବା ପରେ ବର୍ତମାନ ରାଜ୍ୟ ସରକାର ଦାଖଲ କରିଥିବା ସତ୍ୟପାଠକୁ ନେଇ ମାନ୍ୟବର ଉଚ୍ଚନ୍ୟାୟଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଗତ ଜୁଲାଇ ୫ ତାରିଖରେ ସମୟ ନେଇଥିଲେ ରିପୋର୍ଟ ଦାଖଲ କରିବାପାଇଁ ଏବଂ ଜୁଲାଇ ୨୦ ତାରିଖରେ ସତ୍ୟପାଠ ଜରିଆରେ ରିପୋର୍ଟ ଦାଖଲ କରିଥିଲେ। ଜୁଲାଇ ୨୮ ତାରିଖରେ ମାନ୍ୟବର ହାଇକୋର୍ଟ ରିପୋର୍ଟକୁ ତର୍ଜମା କଲାପରେ ଏହା ସଂପୂର୍ଣ୍ଣ ନୁହେଁ ବୋଲି କହିବା ସହିତ ଜିଲ୍ଲା ସ୍ତରରେ କୋଭିଡ ମୃତ୍ୟୁର ସରକାର ଯେଉଁ ଅଡିଟ କରୁଛନ୍ତି ତାହାର ପ୍ରକାରଭିତି (ମୋଡାଲିଟି) ସଂପର୍କରେ କାହିଁକି ନୀରବ, ସେ ସମ୍ପର୍କରେ ପ୍ରଶ୍ନ କରିଥିଲେ। ଗତ ଦୁଇମାସ ଭିତରେ ଗୋଟିଏ ଜିଲ୍ଲା ନୟାଗଡ଼ରେ ୧୧୭ କୋଭିଡ ମୃତ୍ୟୁ ସମ୍ପର୍କରେ ରାଜ୍ୟ ସରକାର ମାନ୍ୟବର ହାଇକୋର୍ଟଙ୍କ ପାଖରେ ଦାଖଲ କରିଥିବା ରିପୋର୍ଟରେ କିଛିବି ତଥ୍ୟ ଉପସ୍ଥାପନ କରିନାହାନ୍ତି। ଏଥିରୁ ସ୍ପଷ୍ଟ ପ୍ରତିୟମାନ ହେଉଛି ଯେ ରାଜ୍ୟ ସରକାର କୋଭିଡ ମୃତ୍ୟୁର ସଂଖ୍ୟାକୁ ନେଇ ରାଜ୍ୟବାସୀଙ୍କୁ ମିଛତଥ୍ୟ ପ୍ରଦାନ କରିବା ପରେ ବର୍ତମାନ ମାନ୍ୟବର ହାଇକୋର୍ଟଙ୍କୁ ମଧ୍ୟ ଭୁଲ ତଥ୍ୟ ପ୍ରଦାନ କରି ଭ୍ରମିତ କରିବାକୁ ଚେଷ୍ଟାକରୁଛନ୍ତି। କୋଭିଡ ମୃତ୍ୟୁ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଏବଂ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ପରିବାର ବର୍ଗଙ୍କୁ ସରକାରଙ୍କ ତରଫରୁ ମିଳିବାକୁ ଥିବା କ୍ଷତିପୂରଣ ରାଶି ଏହା ଦ୍ୱାରା ପ୍ରଭାବିତ ହେବ ଏବଂ କ୍ଷତିପୂରଣ ରାଶି ପାଇବା ପାଇଁ ହକଦାର ଥିବା ଆଇନଗତ ଉତରାଧିକାରୀ ମାନଙ୍କ ପ୍ରତି ଏହା ନବୀନ ବାବୁଙ୍କ ଚରମ ଉପହାସ। ସମଗ୍ର ଓଡ଼ିଶାବାସୀ ମୋ ପରିବାର ର ନାରା ଦେଉଥିବା ମୁଖ୍ୟମନ୍ତ୍ରୀ ଏହାଦ୍ୱାରା ତାଙ୍କ ନିଜ ପରିବାର ସଦସ୍ୟଙ୍କ ପ୍ରତି ଅନ୍ୟାୟ କରୁନାହାନ୍ତିକି ? ଏହାର ଜବାବ ଦେବାକୁ ଶ୍ରୀ ମିଶ୍ର ସରକାରଙ୍କୁ ଆହ୍ୱାନ ଦେବା ସହିତ କୋଭିଡ ମୃତୁର ସ୍ୱତନ୍ତ୍ର ଅଡିଟ ପାଇଁ ଦାବି ଦୋହରାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଶାନ୍ତ ଶତପଥି ଓ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତଥିଲେ।

# ଉପେନ୍ଦ୍ର ତ୍ରିପାଠୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉପଦେଷ୍ଟା

**ଭୁବନେଶ୍ୱର :** କର୍ଣ୍ଣାଟକ କ୍ୟାଡରର ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଉପେନ୍ଦ୍ର ତ୍ରିପାଠୀଙ୍କୁ ରାଜ୍ୟ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ତଥା କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର କାର୍ଯ୍ୟନିର୍ବାହୀ କମିଟିର ଅଧ୍ୟକ୍ଷ ମଧ୍ୟ ରହିବେ। ତାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧା ସୁଯୋଗ ମଧ୍ୟ ମିଳିବ। ଶିକ୍ଷାବିତ୍ ବିଜୟ କୁମାର ସାହୁଙ୍କ ମୃତ୍ୟୁ ପରେ ଏହି ପଦବୀ ଖାଲି ପଡିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୧୯୮୦ ବ୍ୟାଚ୍ ଅବସରପ୍ରାପ୍ତ ଆଇଏଏସ୍ ଶ୍ରୀ ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା (ଶିକ୍ଷା) ଭାବେ କାର୍ଯ୍ୟ କରିବେ। ସେ ସ୍ୱେଚ୍ଛାକୃତ ଭାବେ ନିଜର ଗୃହ ରାଜ୍ୟ ଓଡ଼ିଶା ପାଇଁ କାର୍ଯ୍ୟ କରିବେ ଓ କୌଣସି ଦରମା ନେବେନାହିଁ। ଆନ୍ତର୍ଜାତିକ ଓ ସ୍ଥାନୀୟସ୍ତରରେ ତାଙ୍କର ରହିଥିବା ଅଭିଜ୍ଞତାକୁ ଆଧାର କରି ଏହି ପଦବୀରେ ନିଯୁକ୍ତି ଦିଆଯାଇଛି। ଶ୍ରୀ ତ୍ରିପାଠୀ ଆର୍ନ୍ତାତିକ ସୋଲାର ଆଲାଏନ୍ସର ପ୍ରଥମ ତଥା ପ୍ରତିଷ୍ଠାତା ଡିଜି ଭାବେ କାର୍ଯ୍ୟ କରିଛନ୍ତି। ପବ୍ଲିକ ଆଡମିନିଷ୍ଟ୍ରେସନ (ସାଧାରଣ ପ୍ରଶାସନ) କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ସମ୍ମାନଜନକ ପ୍ରଧାନମନ୍ତ୍ରୀ ପୁରସ୍କାର ମଧ୍ୟ ମିଳିଛି। ସେ ପ୍ରଶାସନିକ ସେବାରେ ରହି ଅନେକ ଗୁଡିଏ



ପୁରସ୍କା ହାସଲ କରିଛନ୍ତି। ସେ କେନ୍ଦ୍ର ସରକାରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିବା ସହ ବ୍ରସେସ୍‌ସ୍ଥିତ ଭାରତୀୟ ଦୂତାବାସରେ ପରାମର୍ଶଦାତା ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଶ୍ରୀ ତ୍ରିପାଠୀଙ୍କ ଜନ୍ମ ଗଞ୍ଜାମ ଜିଲ୍ଲାର ରମ୍ଭା ନିକଟବର୍ତ୍ତୀ କାହାକାପୁର ଗାଁରେ। ସେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଜେଏନ୍‌ୟୁ ବିଶ୍ୱବିଦ୍ୟାଳୟ ଓ କାନାଡାର ସେରଲଟନ୍ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଦିଗରେ ସେ ନିଜର ଦକ୍ଷତାର ଉପଯୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୯ - ୧୫ ଅଗଷ୍ଟ, ୨୦୨୧

# ବଡ ମୁଣ୍ଡ ପଦାକୁ ଆସୁ

**ମ**ଣିଷ ମନରେ ଅତ୍ୟଧିକ ଲୋଭ ଜାଗ୍ରତ ହେଲେ ଏହାର ଭବିଷ୍ୟତ ପରିଣାମ ନିଶ୍ଚୟ ଖରାପ ହୋଇଥାଏ। ଅନ୍ୟାୟ ଅନୀତି କରି ଉପାର୍ଜନ କରିଥିବା ସମ୍ପତ୍ତି ସମ୍ମାନ ବଢ଼ାଇବା ବଦଳରେ ଦିନେ ନା ଦିନେ ସମ୍ମାନ ହରାଏ ଏ କଥା ବୁଝିବା ବ୍ୟକ୍ତି ଦୁର୍ନୀତି କଲାବେଳେ ଭାବିବା ଉଚିତ। ଶାସ୍ତ୍ର କର୍ମ ଅନୁସାରେ ଫଳ ନିର୍ଦ୍ଧାରଣ କରିଥିଲା ବେଳେ ଟଙ୍କା ପ୍ରତି ଅତ୍ୟନ୍ତ ମୋହ ଜୀବନର ଚଲାପଥ କେତେମାତ୍ରାରେ କଳୁଷିତ କରିଦିଏ ତାହା ବୁଝିବା ହେଉଛି ସଂସ୍କାର। ହେଲେ ବର୍ତ୍ତମାନ ସମାଜରେ ଏଭଳି କିଛି ଘଟଣା ଘଟିଚାଲିଛି ଯାହାକି ଅତ୍ୟନ୍ତ ଲଜ୍ଜାଜନକ ଓ ନିନ୍ଦନୀୟ। ଅଭାବ ପୂରଣ ପାଇଁ ହୁଏତ କିଛି ତ୍ରୁଟି ହୋଇପାରେ, ମାତ୍ର ବସ୍ତୁବାଦର ମାତ୍ରାଧିକ ମୋହ, ବିଳାସ ବ୍ୟସନରେ ଜୀବନ ଜିଇବା ପାଇଁ ଦୁର୍ନୀତି କରିବା ମଧ୍ୟରେ ଢ଼େର ପାର୍ଥକ୍ୟ ଅଛି। ବଞ୍ଚିବା ପାଇଁ ସଂଗ୍ରାମ ଓ ଧନୀ ହେବା ପାଇଁ ନୀତିହୀନ ଉଦ୍ୟମ ଭିତରେ ଯେଉଁ ପାର୍ଥକ୍ୟ ରହିଛି ତାହାର ବିଚାର ନକରି ନିଜ ବସ୍ତୁବାଦ ସ୍ୱପ୍ନ ସାକାର କରିବାକୁ ଅନ୍ୟାୟ ମାର୍ଗ ବାଛିନେବା ହୁଏତ ସହଜ ହୋଇପାରେ। ମାତ୍ର ଏହାର କୁଫଳ ଏତେ ଅଧିକ ମିଳେ ଯେ, ଜୀବନ ଦୁର୍ବିସହ ହୋଇପଡେ। ନିଜ ପ୍ରତି ନିଜର ଘୃଣା ବଢ଼ିଚାଷଲ ସିନା ଆଉ ମାନସିକ ଶାନ୍ତି ମିଳିନଥାଏ। ଆଜିର ସମାଜରେ କଳେବଳେ କୌଶଳ ଖଟାଇ ଯେଉଁମାନେ ଦୁର୍ନୀତିକୁ ନୀତି ବୋଲି ଧରିନେଇଛନ୍ତି ସେମାନଙ୍କ କ୍ଷେତ୍ରରେ ଏଭଳି କିଛି ଘଟେ। ବାରୁଦ ନିଜ ଜାଗାରେ ରହିଛି ବୋଲି ମଣିଷ ଶାନ୍ତିରେ ଟିକେ ନିଶ୍ୱାସ ନେଉଛି। ଯେତେବେଳେ ବାରୁଦ ଗଦାରେ ନିଆଁ ଲାଗେ ତାହା କେତେ ଭୟାନକ ହୋଇପାରେ ଏହାର ପୂର୍ବାନୁମାନ ଓ ଆକଳନ ଆଦୌ ସହଜ ହୋଇନପାରେ। ଭ୍ରମରେ ଭ୍ରମିତ ବ୍ୟକ୍ତି ଲୋଭର ବଶବର୍ତ୍ତୀ ହେଲେ ଏଭଳି କିଛି କାଣ୍ଡକାରଖାନା କରିବସେ। ଯାହାର ପରିଣାମ ବିଷୟ ତାର ମଗଜରେ ନଥାଏ। ଯେତେବେଳେ ମଗଜକୁ ଏହା ପ୍ରବେଶ କରେ ସେତେବେଳେ ନେଡିଗୁଡ କହୁଣିକୁ ବହିଯାଇଥାଏ। ଦୁର୍ନୀତିଗ୍ରସ୍ତ ନେତା, ମନ୍ତ୍ରୀ, ଯନ୍ତ୍ରୀ, କର୍ମଚାରୀ ସମାଜ ପାଇଁ କଳଙ୍କ ବୋଲି ବିଚାରବୋଧ ନଥିବା ହେତୁ ଆଜି ସାମାଜିକ ବ୍ୟବସ୍ଥା ବିପନ୍ନ ହୋଇପଡିଛି। ସମସ୍ତେ ଧନୀ ହେବାର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ହେଲେ କେହି ଜଣେ ଭଲ ମଣିଷ ହେବାର ନାଁ ଧରୁନାହାନ୍ତି। କ୍ଷମତା ଲୋଭରେ ହେଉ କି ଅପର୍ଯ୍ୟାପ୍ତ ଧନ ସମ୍ପତ୍ତି ଲୋଭରେ ଅନ୍ଧ ମଣିଷ ସମାଜକୁ ଦିଗହରା କରିଚାଲିଛନ୍ତି। ଯୁଆଡେ ଦେଖ ଲାଞ୍ଚ, ମିଛ ଓ ଅସତ୍ୟର ସୌଦାଗରମାନେ ନିଜର କାୟା ବିସ୍ତାର କରିଚାଲିଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅସାଧୁ ମଣିଷର ମେଣ୍ଟ ପ୍ରତି ସଂସ୍ଥାକୁ ଖୋଳ କରିଚାଲିଛନ୍ତି। ବାଡ ଫସଲ ଖାଇଲା ଭଳି ବ୍ୟବସ୍ଥାକୁ ପଙ୍ଗୁ କରି ସ୍ୱାର୍ଥ ହାସଲର ଯେଉଁ ଧାରା ଆରମ୍ଭ ହୋଇଛି ଏହାର ଶେଷ ପରିଣତି କେତେ ମାରାତ୍ମକ ହୋଇପାରେ ତାହା ସମସ୍ତେ ବିଚାର ନକରିବା ଯାଏ ଆଉ ସମାଜ ବ୍ୟବସ୍ଥାରେ ସୁଧାର ଆସିପାରିବ ବୋଲି ମନେହୁଏନାହିଁ। ଯେଉଁ ଦପ୍ତର ଗଲେ ଏଭଳି ଲାଞ୍ଚଖିଆ ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଅସଦ ଉପାୟରେ ଉପାର୍ଜନ ପାଇଁ ଲାଗିପଡିଥିବା ଦେଖିବାକୁ ମିଳେ। ହେଲେ କାଁ ଭାଁ ଏମାନଙ୍କ ମଧ୍ୟରୁ କେହି ଧରାପଡିଲେ ତଥ୍ୟ ଲୋକଲୋଚନକୁ ଆସେ। କୋହଳ ଦଣ୍ଡ ବିଧାନ ହେତୁ ବ୍ୟବସ୍ଥାର ଭଙ୍ଗକାରୀ ନିରାପଦରେ ରହୁଥିବାରୁ ଦୁର୍ନୀତି କରୁଥିବା ବ୍ୟକ୍ତି ଆଇନକୁ ଡରୁନାହାନ୍ତି। ନିଜେ ନିଯୁକ୍ତ ହୋଇଥିବା ଦାୟିତ୍ୱ ପାଇଁ ରାଜକୋଷରୁ ଟଙ୍କା ପାଉଥିଲା ବେଳେ ଜନତାର ସେବକ କିନ୍ତୁ ଏଥିରେ ସନ୍ତୁଷ୍ଟ ରହୁନାହାନ୍ତି। କେଉଁ ଉପାୟରେ ଆଇନକୁ ମୋଡି ମକଚି ନିଜ ପକେଟ ଉଚ୍ଚ କରିବାର ଲାଳସା କାର୍ଯ୍ୟକାରୀ ହେବା ଫଳରେ ଉପଯୁକ୍ତ ବ୍ୟକ୍ତି ଉପଯୁକ୍ତ ନ୍ୟାୟ ପାଇପାରୁନାହାନ୍ତି। ଆଜି ଚର୍ଚ୍ଚାରେ ଥିବା ବିରଞ୍ଚି ସେହି ଅସାଧୁ ମେଣ୍ଟର ଛୋଟିଆ ଉଦାହରଣ ମାତ୍ର। କିନ୍ତୁ ଏହାର ଚେର ମାଟିରେ କେତେ ଭିତରେ ବା ଆକାଶର କେତେ ତଳେ ରହିଛି ତାହାର ତର୍ଜମା ହୁଏନାହିଁ। ସାମୟିକ ଖୋଳତାଡ ମଧ୍ୟରେ ତଥ୍ୟ ଆଦାୟ, ଦଣ୍ଡ ବିଧାନ ଓ ମାମଲାର ଭବିଷ୍ୟତ ସତେ ଯେପରି ନିର୍ଦ୍ଧାରିତ ହୋଇଥାଏ। ଯିଏ ଦୁର୍ନୀତି କରି ଟଙ୍କା ନେଲା ତାକୁ ଦୁର୍ନୀତି କରିବାକୁ ସୁଯୋଗ ଆମେ ତ ଦେଇଛେ। କାରଣ ପ୍ରତ୍ୟେକ ବ୍ୟକ୍ତି ନିଜେ ସତର୍କ ରହୁଥିଲେ ଦୁର୍ନୀତି ମୂଳପୋଛ ନହେଲେବି ପରିମାଣ ନିଶ୍ଚୟ କମିଯାଆନ୍ତା। ଯେହେତୁ ଆମର ସ୍ୱାର୍ଥ ହାସଲ ପାଇଁ ଆମେ ଲାଞ୍ଚ ଦେଉଛେ ଓ କାର୍ଯ୍ୟ ହାସଲ କରୁଛେ। ତେଣୁ ଅନ୍ୟକୁ ଦୁର୍ନୀତିଗ୍ରସ୍ତ କରିବାରେ ଆମର ଭୂମିକା କେତେ ତାହା ମଧ୍ୟ ବିଚାରଯୋଗ୍ୟ।



ସମ୍ପାଦକୀୟ
ତାରକ ମହାନ୍ତି

ତେବେ ବର୍ତ୍ତମାନ ଅସଲ ପ୍ରସଙ୍ଗକୁ ଆସିବା। ଚାକିରିରୁ ବହିଷ୍କୃତ ଆଇଏଫ୍ଏସ୍ ଅଭୟ ପାଠକଙ୍କ ଭିଜିଲାନ୍ସ ରେଡ ପରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନର ଜଣେ ପିଏସ୍‌କୁ ଭିଜିଲାନ୍ସ ଧରିବା ହେଉଛି ବଡ ଘଟଣା। କାରଣ ଦୁର୍ନୀତି ବିରୋଧରେ ଭିଜିଲାନ୍ସର ଏହା ଏକ ବଡ କାର୍ଯ୍ୟାନୁଷ୍ଠାନ ଓ ସଫଳତା। ରାଜ୍ୟ ସରକାରଙ୍କ ୫-ଟି' କାର୍ଯ୍ୟକାରୀ ହେବା ପରେ ଅନେକ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡିବା ନିଶ୍ଚୟ ଶାସନରେ ସ୍ୱଚ୍ଛତା ଆଣିଛି। କାରଣ ଏଭଳି ଅସାଧୁ କର୍ମଚାରୀଙ୍କ ଯୋଗୁ ସରକାର ବଦନାମ ହେବା ସହିତ ରାଜକୋଷରୁ ବିପୁଳ ଅର୍ଥ ମଧ୍ୟ କ୍ଷତି ହେଉଛି। ବିରଞ୍ଚି ସାହୁଙ୍କ ପରି ଅନେକ ଥାଇପାରନ୍ତି, ଯିଏ ସମାଜ ଓ ସରକାର ପାଇଁ କଳଙ୍କ ସୃଷ୍ଟି କରୁଛନ୍ତି। ପୂର୍ବରୁ ପିସି କାରବାରକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିଲା ବେଳେ ଏବେ ବିରଞ୍ଚିର କଳା କାରନାମାକୁ ନେଇ ପୁଣି ଥରେ ବିରୋଧୀ ଦଳ ସକ୍ରିୟ ହୋଇପଡିଛନ୍ତି। କଂଗ୍ରେସ ଓ ବିଜେପି ଏହାକୁ ନେଇ ସରକାରଙ୍କୁ ଟାର୍ଗେଟ କରିବା ସହ ଚାକିରି ବିକ୍ରି ହେଉଥିବା ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ବିରଞ୍ଚିଙ୍କ ବିରୋଧରେ ଅଭିଯୋଗକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିରଞ୍ଚିଙ୍କ ବିପୁଳ ସମ୍ପତ୍ତିକୁ ନେଇ ଇଡି ମଧ୍ୟ ଖୋଳତାଡ ଆରମ୍ଭ କରିଛି। ଘଟଣାରେ ବିରଞ୍ଚିଙ୍କ ବ୍ୟତୀତ ଆଉ କିଏ କିଏ ଅଛନ୍ତି ତାହା ତଦନ୍ତ ଅପେକ୍ଷାରେ ରହିଛି। ତେବେ ତଦନ୍ତ ବେଳେ ବିରଞ୍ଚି ସାହୁ ଚାକିରି ଆଶାୟୀଙ୍କ ଟଙ୍କାରୁ କିଏ କିଏ ଭାଗ ନେଇଥିବା ବିଷୟ କହିଥିବା ଜଣାପଡିଛି। ଯଦି ଏହା ସତ ହୋଇଥାଏ, ତେବେ ଭାଗ ନେଇଥିବା ଅଧିକାରୀ ତଦନ୍ତ ପରିସରଭୁକ୍ତ ହେବେ ତ? ଅସଲ ତଥ୍ୟ ପଦାକୁ ଆସିବାକୁ ହେଲେ ନିଯୁକ୍ତି କେଳେଙ୍କାରୀ ପଛରେ ଯେଉଁ ଅସାଧୁ ସରକାରୀ ବାବୁ ଅଛନ୍ତି ତାଙ୍କ ସତ ଚେହେରା ପଦାକୁ ଆସିପାରିବ। ଯାହାଫଳରେ ରାଜକୋଷରୁ ବେତନ ନେଉଥିବା ଦୁର୍ନୀତିଗ୍ରସ୍ତଙ୍କ ମୁଖା ଖୋଲାଯିବ ଓ ସରକାର ବଦନାମ ହେବାରୁ ରକ୍ଷାପାଇବେ। ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ରାଜ୍ୟ ସରକାରଙ୍କୁ ଯେଉଁ ଦୁର୍ନୀତିଗ୍ରସ୍ତ ସରକାରୀ ବାବୁ ଓ କର୍ମଚାରୀ ଅଡୁଆରେ ପକାଉଛନ୍ତି ତାଙ୍କ ସମ୍ପତ୍ତିର ଆକଳନ କରାଯାଇ ଦଣ୍ଡ ବିଧାନ କରାଯିବା ଆବଶ୍ୟକ ହୋଇପଡିଛି। ଚାରିଦିନିଆ ରିମାଣ୍ଡରେ ଆସିଥିବା ବିରଞ୍ଚି ଭିଜିଲାନ୍ସ ଆଗରେ ଯେଉଁ ତଥ୍ୟ ସବୁ ଦେଇଛନ୍ତି ସେହି ଆଧାରରେ ତଦନ୍ତ ଜାରି ରହିଲେ ଆଗକୁ ଦୁର୍ନୀତିରେ ସମ୍ପୃକ୍ତ ଅନେକ ଅଫିସରଙ୍କ ନାମ ପଦାକୁ ଆସିପାରେ। ହେଲେ ତଦନ୍ତ ଯଦି କେବଳ ବିରଞ୍ଚିଙ୍କ ପାଖରେ ଅଟକିଯାଏ ଦୁର୍ନୀତିଖୋର ସରକାରୀ ଚାକିରିଆଙ୍କୁ ଆଶ୍ୱସ୍ତି ମିଳିଯିବ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ନିଉଜ୍ କ୍ଲିକରେ ଚୀନର ଅର୍ଥ



ସୌମେନ୍ଦ୍ର ଜେନା

ଭାରତକୁ ଦଖଲ କରିବା ପାଇଁ ଚୀନ କେବଳ ଲଦ୍ଦାଖର ସୀମାରେ ଦୁଇଲକ୍ଷରୁ ଅଧିକ ସଂଖ୍ୟକ ସେନା ଯେ ଠିଆ କରାଇଛି, ତା ନୁହେଁ ଦେଶ ଭିତରେ ଅନେକ ଲୋକଙ୍କୁ କାର୍ଯ୍ୟକରିବା ଲାଗି ପ୍ରସ୍ତୁତ କରିସାରିଛି । ଯେମିତି ଅତୀତ ଦିନରେ କଂଗ୍ରେସ ଦଳ ଏବଂ ଚୀନର କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ସଂପର୍କ ସ୍ଥାପନା, ସହଯୋଗ ବୃଦ୍ଧି ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ଲାଗି ବେଜିଂଠାରେ ଦୁଇଦଳ ମଧ୍ୟରେ ଅଲମ୍ପିକ କ୍ରୀଡା ଚାଲିବା ସମୟରେ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଏକଦଳୀୟ ଶାସନ, ଜିନ୍‌ପିଙ୍ଗଙ୍କୁ ଆଜୀବନ ରାଷ୍ଟ୍ରପତି ରହିବା ବ୍ୟବସ୍ଥାକୁ ଗ୍ରହଣ କରିଥିବା ଏକଛତ୍ରବାଦୀ ଚୀନ କିପରି ଭାରତର ଗଣତନ୍ତ୍ରକୁ ସହଯୋଗ କରିବାକୁ କହିଲା ଏବଂ ଦେଶର ତତ୍‌କାଳୀନ ଶାସକଦଳ ତାକୁ ଗ୍ରହଣ କଲା ତାହା ଏବେବି ସନ୍ଦେହ ମଧ୍ୟରେ ରହିଛି । ଉକ୍ତ ମାମଲା ପଛରେ ଯେପରି ଆର୍ଥିକ କାରବାର ନେଇ ସନ୍ଦେହ ଉଠିଥିଲା ଠିକ୍ ସେମିତି ନିଉଜକ୍ଲିକ ନାମକ ଏକ ନିଉଜ୍ ପୋର୍ଟାଲ ବିରୋଧରେ ଚୀନା ସରକାର ସପକ୍ଷବାଦୀ ସମ୍ବାଦ ଭାରତରେ ପ୍ରସାର କରିବାପାଇଁ ଅର୍ଥ ଦେଣନେଣ ସଂକ୍ରାନ୍ତରେ ଇଡି (ପ୍ରବର୍ତ୍ତନ ମନ୍ତ୍ରଣାଳୟ) କର୍ତ୍ତୃପକ୍ଷଙ୍କ ନିକଟରେ ତଥ୍ୟ ପହଞ୍ଚିବା ପରେ ସେମାନେ ଚଢାଉ କରିଥିଲେ । ଚଳିତବର୍ଷ ଫେବୃଆରୀ ମାସରେ ଏହି ସଂସ୍ଥା ସହିତ ଜଡିତ ଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ଘର ଉପରେ ୯ଟି ସ୍ଥାନରେ ଚଢାଉ କରାଯାଇଥିଲା । ସେହି ସମୟରେ ଅନେତ ତଥ୍ୟ ସାଧାରଣଙ୍କୁ ଆସିଥିଲା । କିପରି ଯୋଜନାବଦ୍ଧ ଭାବେ ଚୀନା କମ୍ୟୁନିଷ୍ଟ ପାର୍ଟି ସହ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ମାଧ୍ୟମରେ ୩୦କୋଟିରୁ ଅଧିକ ଅର୍ଥ ଏକ ନିଉଜ୍ ପୋର୍ଟାଲ ସଂସ୍ଥା ପାଇଲା ତାହା ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । କେବଳ ସେତିକି ନୁହେଁ ଏବେ ଜେଲରେ ଥିବା ଜଣେ ବ୍ୟକ୍ତିଙ୍କୁ ଏହି ସଂସ୍ଥାରୁ କୋଟି କୋଟି ଟଙ୍କା ଦିଆଯିବା ମଧ୍ୟ ସନ୍ଦେହ ସୃଷ୍ଟି କରିଛି । ଗତ କିଛିଦିନ ତଳେ ଚୀନ ସରକାରଙ୍କ ଶହେ ବର୍ଷ ପୂର୍ତ୍ତି ଅବସରରେ ପ୍ରକାଶିତ ବିଜ୍ଞାପନ ମଧ୍ୟ ଦକ୍ଷିଣ ଭାରତରୁ ପ୍ରକାଶ ପାଉଥିବା ଦି ହିନ୍ଦୁ ଖବରକାଗଜର ମୁଖ୍ୟ ପୃଷ୍ଠାକୁ ମାଡିବସିଥିଲା । ବାରମ୍ବାର ଜିନପିଙ୍ଗଙ୍କ ସମର୍ଥନରେ ଏହି ଖବରକାଗଜ ଚୀନା ସରକାରଙ୍କ ସପକ୍ଷରେ କାହିଁକି ଧାରାବାହିକ ଲେଖିଆସିଛି ସେ ନେଇ ଏବେ ସମସ୍ତଙ୍କ ସନ୍ଦେହ ଦୂର ହୋଇଛି । ଭାରତରେ ଚୀନ ସରକାରଙ୍କ ସପକ୍ଷରେ ବ୍ୟାଟିଂ କରୁଥିବା ଅନେକ ଗୋଷ୍ଠୀ ମଧ୍ୟରୁ ଗଣମାଧ୍ୟମରେ ଯେ ଏକ ବଡ ଗୋଷ୍ଠୀ ରହିଛି ତା ଉପରୁ କଳାପରଦା ଉଠିବାରେ ଲାଗିଛି । ଅତୀତରେ ବାମପନ୍ଥୀ ରାଜନୀତିକ ଦଳ, ସେମାନଙ୍କ ଶ୍ରମିକ ସଂଗଠନ ଏବଂ ଉଗ୍ରବାଦୀ ଅସ୍ତ୍ରଧାରୀ ନକ୍ସଲମାନେ ଚୀନର ମୁଖ୍ୟଙ୍କୁ ନିଜର ମୁଖ୍ୟ ଭାବେ ସ୍ୱୀକାର କରି ଅନେକ ବକ୍ତବ୍ୟ ଦେଇଛନ୍ତି । ସେହିକ୍ରମରେ ଦେଶର କିଛି ଗଣମାଧ୍ୟମ ଚୀନା ଅର୍ଥରେ ଦେଶ ଭିତରେ ଚୀନ ସରକାରଙ୍କ ସପକ୍ଷରେ ଏବଂ ଭାରତ ସରକାରଙ୍କ ବିପକ୍ଷରେ ସମ୍ବାଦ ପ୍ରସାରିତ କରି ଭାରତୀୟଙ୍କୁ ଚୀନ ସପକ୍ଷବାଦୀ କରି ଛିଡା କରିବା କାର୍ଯ୍ୟରେ ଲାଗିପଡିଛନ୍ତି । ମୁକ୍ତମତ ରଖିବା ଆଳରେ ଅନେକ ମିଛ ଖବରକୁ ମଧ୍ୟ ସେମାନେ ଅତୀତରେ ପ୍ରସାରିତ କରି ଲୋକମାନଙ୍କୁ ବିଭ୍ରାନ୍ତ କରିଆସିଛନ୍ତି । ନିଉଜ୍ ପୋର୍ଟାଲଗୁଡିକ ପାଇଁ ପୂର୍ବେ ସେପରି କିଛି ଆଇନ ନଥିବାର ସୁବିଧା ନେଇ ଏହିସବୁ ସଂସ୍ଥା ଷଡଯନ୍ତ୍ର ପୂର୍ଣ୍ଣ କାର୍ଯ୍ୟ କରିଆସିଛନ୍ତି ତେବେ ଜାଲିଆତି ଉପାୟରେ ବିଦେଶୀ ଅର୍ଥ ଦେଶକୁ ଆଣି ଏମାନେ ଅନେକ ଆନ୍ଦୋଳନଜୀବୀଙ୍କୁ ଦେଇଥିବା ବିଷୟ ଏବେ ଜଣାପଡିଛି । ମହାରାଷ୍ଟ୍ରର ଭୀମା କୋରେଗାଉଁ ଦଙ୍ଗାରେ ସଂପୃକ୍ତ ସେଠାକାର ସଂଗଠନ ଏଲଗାର ପରିଷଦ ସହ ସଂପର୍କ ରଖିଥିବା ଗୌତମ ନବଲଖାଙ୍କୁ କୋଟି କୋଟି ଟଙ୍କା ନିଉଜ କ୍ଲିକ ଖାତାରୁ ପ୍ରଦାନ କରାଯିବା ଜଣାପଡିଛି ।

ଇଡି ସୂଚନାରୁ ଜଣାଯାଏ ଯେ ପ୍ରବୀର ପୁରକାୟସ୍ତଙ୍କ ଦ୍ୱାରା ସ୍ଥାପିତ ପିପିକେ ନିଉଜକ୍ଲିକ ଷ୍ଟୁଡିଓ ପ୍ରାଇଭେଟ ଲିମିଟେଡକୁ ୨୦୧୮-୨୦୨୧ ମଧ୍ୟରେ ଶ୍ରୀଲଙ୍କା-କ୍ୟୁବାରେ କାର୍ଯ୍ୟରତ ବ୍ୟବସାୟୀ ନେଭିଲେ ରୟ ସିଙ୍ଘମଙ୍କ ମାଧ୍ୟମରେ ୩୮ କୋଟି ଟଙ୍କା ଆସିଥିଲା । ଚୀନ କମ୍ୟୁନିଷ୍ଟ ପାର୍ଟିର ପ୍ରଚାର ବିଭାଗ ସହ ଏହି ସିଂହଳୀ ବ୍ୟକ୍ତିଙ୍କ ସଂପର୍କ ରହିଛି । ନିଉଜ୍ କ୍ଲିକ ସଂସ୍ଥାକୁ ଆମେରିକାର ଜଷ୍ଟିସ ଏଣ୍ଡ ଏଜୁକେସନ ଫଣ୍ଡରୁ ୨୭କୋଟି ୫୧ଲକ୍ଷ, ଜିଏସ୍ ପାନ ଏଲ୍ଏଲସି(ଆମେରିକା)ରୁ ୨୬.୯୮ଲକ୍ଷ, ଦି ଟ୍ରାଇ କଣ୍ଟିନେଣ୍ଟାଲ ଲିମିଟେଡ୍ (ଆମେରିକା)ରୁ ୪୯.୩୧ ଲକ୍ଷ ଏବଂ ବ୍ରାଜିଲର ସେଣ୍ଟ୍ରୋ ପପୁଲାର ଡେମିଡାସ ପକ୍ଷରୁ ୨.୦୩ ଲକ୍ଷଟଙ୍କା ଆସିଥିଲା । ଭିଡିଓ ଏବଂ ଲେଖା ଅପ୍‌ଲୋଡ କରିବା ପାଇଁ ୨୮ କୋଟି ୪୬ଲକ୍ଷ ଆସିଥିବା କୁହାଯାଉଛି । ନିଉଜ୍ କ୍ଲିକ ସଂସ୍ଥା ପକ୍ଷରୁ ଜେଲରେ ଥିବା ଅଭିଯୁକ୍ତ ନବଲଖାଙ୍କୁ ୨୦.୫୩ଲକ୍ଷ ଏବଂ ସିପିଏମ ଦଳର ଆଇଟି ସେଲ ସଦସ୍ୟ ବାପ୍ପାଦିତ୍ୟ ସିହ୍ନାଙ୍କୁ ୫୨.୦୯ ଲକ୍ଷ ଟଙ୍କା ଦିଆଯାଇଥିଲା । ଆମେରିକାର ଡେଲାୱେର ଠାରେ ବନ୍ଦ ଥିବା କମ୍ପାନୀ ୱାର୍ଲ୍ଡୱାଇଡ୍ ମିଡିଆ ହୋଲଡିଂସ୍ ଏଲ୍ଏଲସିରୁ ନିଉଜ କ୍ଲିକ ସଂସ୍ଥାକୁ ୯.୫୯ କୋଟିର ବିଦେଶୀ ଅର୍ଥ ଆସିଥିଲା । ପରେ ଏପ୍ରିଲ ୨୦୧୮ରେ ୨୦.୯୨ କୋଟି ଟଙ୍କା ରପ୍ତାନୀ ସେବା ବାବଦକୁ ମିଳିଥିବା ଉଲ୍ଲେଖ କରାଯାଇଛି । ଏପ୍ରିଲ ୨୦୧୮ରେ ନବଗଠିତ ଏହି ସଂସ୍ଥା ୧୧ଟଙ୍କା ମୂଲ୍ୟର ସେୟାରକୁ ଆମେରିକାର ୱାର୍ଲ୍ଡୱାଇଡ୍ ମିଡିଆକୁ ସେଆର ପିଛା ୧୧,୫୧୦ ଟଙ୍କାରେ ବିକ୍ରି କରିଥିବା ଜଣାପଡିଛି । ବିଦେଶୀ ନିବେଶକୁ ଦେଶକୁ ଅଣାଯିବା ଲାଗି କୃତ୍ରିମ ଉପାୟରେ ଅଂଶଧନର ମୂଲ୍ୟ ବୃଦ୍ଧି କରାଯାଇଥିବା ଏଥିରୁ ସ୍ପଷ୍ଟ ହୋଇଛି । ଟାଇମସ୍ ଅଫ ଇଣ୍ଡିଆରେ ପ୍ରକାଶିତ ସମ୍ବାଦରୁ ଜଣାପଡିଛି ଯେ ଆଫ୍ରିକାରେ ଚୀନର ଦମନଲୀଳା ଚାଲିଥିବା ବେଳେ ସେଠାରେ ଲୋକେ ପ୍ରବଳ ବିରୋଧ କରୁଥିଲେ । ସେହି ଅର୍ଥ ଚୀନ ସରକାରଙ୍କ ସମ୍ମାନରକ୍ଷା ପାଇଁ ଦିଆଯାଇଥିବା କଥା କୁହାଯାଉଛି । ତେବେ ସିଙ୍ଘମଙ୍କର ପୂର୍ବରୁ ଏକ ସଫ୍ଟୱେର କମ୍ପାନୀ ଆମେରିକାରେ ଥିବା ଏବଂ ସେଥିରୁ ସେ ୭୦୦ରୁ ୮୦୦ ମିଲିଅନ ଡଲାର ପାଇଥିବା କଥା ନିଉଜ କ୍ଲିକ୍ କହୁଛି । ସଂସ୍ଥା ପାଇଥିବା ଅର୍ଥରୁ ବିବାଦୀୟ ସମାଜସେବୀ ତିସ୍ତା ଶୀତଲୱାଡ, ଗୌତମ ନଭଲଖା, ପ୍ରରଞ୍ଜୟ ଗୁହା ଠାକୁରର୍ତ୍ତାଙ୍କ ପରି ପ୍ରମୁଖ କିଛି କିଛି ଲୋକ ଏଥିରୁ ଟଙ୍କା ନେଇଥିବା ଜଣାପଡିଛି ।

ପୁରକାୟସ୍ତ ସିପିଏମ୍‌ର ୱେବସାଇଟ ସମେତ କେତେକ ବାମବାଦୀ ପତ୍ରିକା ଏବଂ ସମ୍ବାଦପତ୍ରରେ ଲେଖା ଦେଇଥାନ୍ତି । ସେ ଅନ୍ୟ ଏକ ସଂସ୍ଥା ଷ୍ଟାର୍ଟାକସ ସଫ୍ଟୱେର ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ରହିଛନ୍ତି । ଏହି ସଂସ୍ଥାରେ ନଭଲଖା ମଧ୍ୟ ଅନ୍ୟ ଜଣେ ନିର୍ଦ୍ଦେଶକ ଅଛନ୍ତି । ନଭଲଖାଙ୍କ ସଂପର୍କ ପାକର ଆଇଏସ୍ଆଇ ଏବଂ ହିଜବୁଲ ମୁଜାହିଦୀନ ସହ ରହିଥିବା ଜଣାପଡିଛି । ନଭରଖା ଏବଂ ପୁରକାୟସ୍ତ ୧୯୯୩ ସେପ୍ଟେମ୍ବରରୁ ଷ୍ଟାର୍ଟାକସ୍ ସଫ୍ଟୱେୟର ନିର୍ଦ୍ଦେଶକ ରହିଛନ୍ତି । ପୁରକାୟସ୍ତଙ୍କ କୌଣସି ଦୋଷ ନାହିଁ ବୋଲି କହୁଥିବା ଡିଜିପବ୍ ନିଉଜ୍ ଇଣ୍ଡିଆ ଫାଉଣ୍ଡେସନ ସଂସ୍ଥାର ପୁରକାୟସ୍ତ ମଧ୍ୟ ଜଣେ ନିର୍ଦ୍ଦେଶକ ଥିଲେ । ଏହି ସଂସ୍ଥାଟି ଅଲଟ ନିଉଜ୍, ନିଉଜ କ୍ଲିକ୍, ନିଉଜ ଲଣ୍ଡ୍ରି, ସ୍କ୍ରଲ, ଦି ନିଉଜ ମିନୁଟ, ଦି କ୍ୱିଣ୍ଟ, ଦି ୱାୟାର, ଆକାଶ ବାନାର୍ଜୀ, ଫାୟେ ଡିସୁଜା, ପରଞ୍ଜୟ ଗୁହା ଠାକୁର୍ତ୍ତା, ନେହା ଦୀକ୍ଷିତଙ୍କୁ ନେଇ ଗଠିତ । ଡିଜିପବ୍‌ର ନିର୍ଦ୍ଦେଶକ ଭାବେ ପୁରକାୟସ୍ତଙ୍କ ଛଡା ନିଉଜ୍ ମିନୁଟର ଧନ୍ୟା ରାଜେନ୍ଦ୍ରନ, ନିଉଜଲଣ୍ଡ୍ରିର ଅଭିନନ୍ଦନ ସେଖ୍ ଏବଂ ଦି କ୍ୱିଣ୍ଟର ରିତୁ କପୁର ପ୍ରମୁଖ ରହିଛନ୍ତି । ଏହି ଗୋଷ୍ଠୀ ପ୍ରଚଣ୍ଡ ଭାବେ ଭାରତୀୟ ଧର୍ମ ଓ ସଂସ୍କୃତି, ହିନ୍ଦୁ ଧର୍ମ, ଗୋରକ୍ଷା, ନରେନ୍ଦ୍ର ମୋଦୀଙ୍କ ପ୍ରଚଣ୍ଡ ବିରୋଧୀ ରହି ଆସିଛନ୍ତି । ଗୋ ହତ୍ୟାରେ ସଂପୃକ୍ତ ବ୍ୟକ୍ତି ଅପରାଧୀ ନୁହେଁ ବରଂ ଗରିବ ବୋଲି ଏମାନେ ଦର୍ଶାଇ ଆସିଛନ୍ତି । ସାମ୍ବାଦିକର ଖୋଳପା ଭିତରେ ନୀଳବର୍ଣ୍ଣର ଶୃଗାଳ ପରି ଅନେକ ଅପରାଧୀ ଏବେ ପ୍ରଚଣ୍ଡ ବୁଦ୍ଧିଜୀବୀ ଭାବେ ନିଜକୁ ଜନସାଧାରଣରେ ପ୍ରତିଷ୍ଠା ଦେବାରେ ଲାଗିଛନ୍ତି । ସେହି ଆଳରେ ସେମାନଙ୍କୁ ସାତ ଖୁଣ ମାଫ୍ କରାଯିବା ଦରକାର ବୋଲି ବୁଝାଇ ଆସିଛନ୍ତି । ସେମାନଙ୍କ ଜାଲିଆତି, କର ଠକେଇକୁ ଧରିବାପାଇଁ ଯେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେତେବେଳେ ଏମାନେ ଗଣମାଧ୍ୟମର କଣ୍ଠରୋଧ କରାଯିବା ଅଭିଯୋଗ ଆଣି ନିଜର ଦୋଷକୁ ଲୁଚାଇ ଦେବାକୁ ଉଦ୍ୟମ କରିଆସିଛନ୍ତି ।

ଆଜି ଅର୍ଥ ପାଖରେ ସ୍ୱାର୍ଥକୁ ନେଇ ବିବେକର ବଳି ଚଢାଉଥିବା ଏହିସବୁ ଗଣମାଧ୍ୟମଗୁଡିକର ଜାଲିଆତି ପାଇଁ ସାଧାରଣରେ ଗଣମାଧ୍ୟମ ଉପରୁ ବିଶ୍ୱାସ ହ୍ରାସ ପାଇବାରେ ଲାଗିଛି । ଗଣମାଧ୍ୟମଗୁଡିକ ଦୁର୍ନୀତିରେ ବୁଡି ରହିଲେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସଙ୍କଟର ସମ୍ମୁଖୀନ ହେବ ଏଥିରେ ସନ୍ଦେହ ନାହିଁ । ଗଣମାଧ୍ୟମକୁ ଏପରି ଅପରାଧ ସହ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କଠାରୁ ମୁକ୍ତ ରଖାଯିବା ପାଇଁ ଉଦ୍ୟମ କରାଯିବାର ସମୟ ଆସି ପହଞ୍ଚିଛି, ସେଥିପାଇଁ ପଦକ୍ଷେପ ନିଆଯାଉ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# କେହି ଅନ୍ୟ ଉପରେ ଦୋଷ ଲଦି ଖସି ଯାଆନ୍ତୁ ନାହିଁ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସେ ରାଜ କରିବା ବ୍ୟକ୍ତି ହୁଅନ୍ତୁ, କରଦାତା ପ୍ରଜା ହୁଅନ୍ତୁ ସମସ୍ତେ ଏହି ପୃଥିବୀର ପେଣ୍ଡୁପରି ଗୋଲାକାର କ୍ଷେତ୍ରରେ ବାସ କରୁଛନ୍ତି। ପ୍ରଜାର ଛୋଟ ଯାଗାଟି ତାର ସଂସାର ରାଜ୍ୟ ରାଜାର ବଡ଼ ଯାଗାଟି ରାଜ୍ୟ ବା ତାଙ୍କ ସଂସାର। ପ୍ରଜାର ଭୂମିର ଦଶ ଦିଗ ଅଛନ୍ତି, ରାଜାର ଯାଗାର ଦଶ ଦିଗ ଅଛି, ଦଶ ଦିଗ ଛାଡ଼ି କାହାରି ବାସ ନାହିଁ। ଧର୍ମ ଚେତନାରେ ଅନେକ ଗୁରୁ ଆଦେଶ ଋଷି ଆଦେଶ ଶାସ୍ତ୍ର ଆଦେଶ ରଖାଯାଇଛି। ଏହାକୁ ମାନି ଚଳିଲେ କେବେ ପ୍ରକୃତି ତାର ତାଣ୍ଡବ କରିପାରିବ ନାହିଁ ମାତ୍ର ଏ ସବୁ ଆଦେଶକୁ ଦେଖି କାହାର କଣ ଭୁଲ ଭ୍ରମ ହେଲା ତାକୁ ଧର୍ମଦଣ୍ଡ ଦେବା ପ୍ରକ୍ରିୟା ଆସ୍ତେ ଆସ୍ତେ ଆମ ଦେଶରୁ ନୁହେଁ ସର୍ବତ୍ର ଉଠାଇ ଦିଆଗଲାଣି। କର୍ପୁର ଉଡ଼ି ଯାଇଛି କନାପଡ଼ିଛି ନ୍ୟାୟରେ କେବଳ ପୁରାଣଶାସ୍ତ୍ରାଦି ଧରି ଲୋକ ବସିଛନ୍ତି। ରାଜା କାନୁନ୍ କରି ଚାଲିଛନ୍ତି। ପ୍ରଜାପାଳନ ପାଇଁ ପ୍ରଜାଙ୍କ ଠାରୁ କର ଆଦାୟ ସହିତ ପ୍ରକୃତିର ଅଧିକାରକୁ ଲୁଟ ଜୋର ଜୁଲମ କରି କରାଇଲନ୍ତି। ଭଗବାନ ଗ୍ରାମ ବାନ୍ଧିଥିଲେ। ମନୁଷ୍ୟ ସହର ବାନ୍ଧିଛି। ପୁଣି ସର୍ବଦା ଲୋକ ସହରି ଚାକଚକ୍ୟ କୋଠାବାଡ଼ି ପ୍ରତି ଆକୃଷ୍ଟ ହୋଇ ଭଗବାନ ସୃଷ୍ଟ ଗ୍ରାମକୁ ଭାଙ୍ଗି ସହର ସୃଷ୍ଟିରେ ଲାଗିପଡ଼ିଛନ୍ତି। ଦୁଇଜଣ ଗୁରୁ ଥିବା ସୃଷ୍ଟିର ଐତିହ୍ୟ କହୁଛି ଦେବଗୁରୁ ବୃହସ୍ପତି, ଅସୁର ଗୁରୁ ଶୁକ୍ର। ଅସୁରମାନେ ସ୍ୱର୍ଗଭୂମି ଚିନ୍ତକ ଏ ପାଇଁ ଶୁକ୍ରଙ୍କ ଦତ୍ତବିଦ୍ୟାର ପରାକାଷ୍ଠାରେ ଚମତ୍କାର ଆଜିର ଗଗନଚୁମ୍ବୀ ପ୍ରସାଦ। ଗୃହରେ ଜଳ ପାଇବା ଯୋଗେ ଯୋଗାଣ ବିଦ୍ୟୁତ୍‌ର କରାମତି ଗରମ ପାଗ ଶୀତଳ ପବନ, ଅଲଟ ଚାମର ସମସ୍ତଙ୍କୁ କରୁଛନ୍ତି। ରାତ୍ରୀରେ ଅନ୍ଧକାର ନାହିଁ ଇତ୍ୟାଦି। ହେଲେ ଏଥିରେ ବିଧି ଲାଗେ ବିଧି ଗୁଡ଼ିକର ମାଲିକ ଦେବଗୁରୁ ବୃହସ୍ପତି। ବିଧି ଗୁଡ଼ିକୁ ଅଣଦେଖା ସର୍ବଦା ବା ଠକିବାରେ ଲଗାଯାଉଛି ବେଳକୁ ବେଳ ରାକ୍ଷସୀ ବିଦ୍ୟାର ପାଦୁର୍ଭାବ ଶୁକ୍ରାଚାର୍ଯ୍ୟ ଓ ବଳୀ ରାଜ (ରାକ୍ଷସରାଜ)ଙ୍କ କଥା ସମସ୍ତେ ଜାଣିଥିବେ ସେ ପ୍ରଜାଙ୍କୁ ଏତେ ଧନ କେଉଁଠୁ ଆଣି ନିତ୍ୟଦାନ କରୁଥିଲେ? ପାତାଳ ପା-ମାନେ ପାଦ ରଖିବା ସ୍ଥାନ ଯେଉଁଠି ଲୋକ ପାଦ ରଖନ୍ତି ହୋଇପାରେ ବା ଗୃହ ବୃକ୍ଷଲତା ପାହାଡ଼ର ଭୂମି ଆଧାର ଏପରି ସ୍ତର ଗୁଡ଼ିକ ପାତାଳ। ପାତାଳ ଏସବୁ ସ୍ଥାନର ଉପରସ୍ଥଳ ଏହାଠାରୁ ତଳକୁ ତଳକୁ ତାର ପରିସୀମା। ଏଇଥିରୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ତାକୁ ବିକ୍ରୟ କରି ଲକ୍ଷ୍ମଧନ ସେ ସବୁଦିନେ ନିଷ୍ଟେ ଦାନ କରୁଥିଲେ। ସରଳ କଥାରେ ସେ ଜଣେ ଯକ୍ଷଧନୀ ଖଣି ଖାଦାନ ମାଲିକ। ଯେଉଁ ସାର୍ବଜନୀନ ଅର୍ଥନୀତି ସଂସାରରେ ଅଛି ତାହାର ନିତ୍ୟ ବ୍ୟତିକ୍ରମ ହେବ ଯଦି ଖାଲିଧନ ଗୁଡ଼ାଏ ଶ୍ରମ ନକରି ଯଦି ମିଳିଯାଏ। ଶ୍ରମର ପରିବର୍ତ୍ତନରେ ଦ୍ରବ୍ୟର ପରିଦର୍ଶନ। ଦ୍ରବ୍ୟ ଓ ଶ୍ରମର ମଜୁରୀ ସମତୁଲ ପାଇଁ କ୍ରେତା ବିକ୍ରେତା ଶ୍ରମଜିବୀ ଓ ଶ୍ରମ କରାଇବା ବ୍ୟକ୍ତି ମଧ୍ୟରେ ଦ୍ୱନ୍ଦ୍ୱ ବିବାଦ ସରକାର ସମ୍ କରି ଦଣ୍ଡୀବଟକରା। ଶ୍ରମର ରକମ, ଶ୍ରମର ସମୟ, ଶ୍ରମର ମୂଲ୍ୟ ଆଦି ସଂଯୋଗ ରଖିଛନ୍ତି। ମାତ୍ର ଏହାବାଦ ବେଳକୁ ବେଳ କନ୍ଦି ସନ୍ଧି ରହିଛି ଯହିଁରେ ବିଶୁଦ୍ଧ ଖାଣ୍ଟି ଯୁକ୍ତଯୁକତ ଦ୍ରବ୍ୟ ମିଳୁନାହିଁ କି ଶ୍ରମିକ ଖଟାଉଥିବା ପୁଞ୍ଜିପତି ଶ୍ରମିକ ନାଯ୍ୟ ମଜୁରୀ ଦେଉନାହିଁ ବିଚାର ବିଭାଗ ମତ ଦେଇଛନ୍ତି ସମାନ କାମକୁ ସମାନ ମଜୁରୀ ପ୍ରକୃତରେ ଏହାକୁ ଅନେକ ସ୍ଥଳରେ ଅଣଦେଖା କରାଯାଉଛି।

ଧନୀ ହେବାପାଇଁ ବହୁଗଳାବାଟ ବର୍ତ୍ତମାନ ଖୋଲି ଯାଇଛି ଏ ମଧ୍ୟରେ ପ୍ରକୃତିକୁ ନଷ୍ଟ କରିବା ଏକ। ଜଙ୍ଗଲ କେତେ ଥିଲା। ଅସୁମାରୀ ଗଛରେ ଭରପୁର ଜଙ୍ଗଲ ଏବେ କାହିଁ? ପ୍ରତି ଗ୍ରାମରେ ଆମ୍ବତୋଟା ଥିଲା। ଲୋକେ ମହାଦ୍ରୁମ ଲଗାଇବା ଏକ ପୁଣ୍ୟ କାର୍ଯ୍ୟ ମନେକରି ବର ଅଶ୍ୱତଥ ବୃକ୍ଷ ଲଗାଇ ଭିନ୍ନ ଭିନ୍ନ ଜାତି ମଧ୍ୟରେ ସମୁଦି ହେଉଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର ପାଇଁ ନିମ୍ବଦାରୁ ଯୋଗାଡ଼ କରାଯାଏ। ଏହି ଏକ ସ୍ୱାରାବେଶ ପ୍ରକ୍ରିୟା ଜଡ଼ିତ ଅଛି। ପୁଣି ଏହି ପ୍ରକ୍ରିୟା ପାଇଁ ମାତ୍ର ଚଉଦ ମାସ ସମୟ ଧାର୍ଯ୍ୟ ଯୋଗୁ ମନ୍ଦିର ଠାରୁ ଅନେକ ଦୂରରୁ ଏହି ବୃକ୍ଷ ଅଣାଯିବାରେ ବାଧା ଅଛି ଅତଏବ ପୁରୀ ସହରରୁ ବେଶୀ ଦୂର ନୁହେଁ ଏମିତି ଏକ ଅର୍ଦ୍ଧବୃତ୍ତ ଭୂମି (ବାକି ଅଧକ ସମୁଦ୍ର)ରେ ଲୋକେ କାଳେ ପ୍ରଭୁଙ୍କର ଦାରୁରେ ତାଙ୍କର ଲଗାଇବା ଗଛ ଆସିପାରେ ଏ ପାଇଁ ଧର୍ମ ବିଶ୍ୱାସରେ ନିମ୍ବଗଛ ଲଗାଉଥିଲେ। ନିମ୍ବର ଔଷଧୀୟ ଗୁଣ କୁହାଯାଇନପାରେ ଅନେକ ଅନେକ ତାପରେ ଏମିତି ଅନେକ ଗଛ ଲୋକେ ପୂର୍ବେ ଲଗାଇ ଚାଲିଥିଲେ। ପାନ୍ଥ ମାନଙ୍କୁ ଛାୟା ପ୍ରଦାନ ପାଇଁ ରାସ୍ତାକଡ଼ରେ ଋତୁଫଳର ଗଛ ନହେଲେ ପବନରେ ଟଳିବ ନାହିଁ। ମୂଳ ଦୃଢ଼ ରଖିବା ଗଛ ଲଗାଯାଇଥିଲା। ପୁରୀ କଟକ ଜଗତ୍‌ସିଂହପୁର କେନ୍ଦ୍ରାପଡ଼ା ଗଞ୍ଜାମ ଜିଲ୍ଲାରେ ବ୍ୟାପକ ନଡ଼ିଆଗଛ ଥିଲା, ନଡ଼ିଆ ଏକ ଶୁଦ୍ଧଫଳ ସର୍ବଦା ମିଳେ ସବୁ ପୂଜା ପର୍ବରେ ଭୋଗରେ ଲାଗେ। ଏହାର ତେଲ ଭୋଜ୍ୟ ଓ ଶରୀରରେ ମାଖିବାରେ ଲାଗେ, ପୁଣି ମାଆ ତାରିଣୀଙ୍କ ବିଶେଷ ପ୍ରିୟ ଏଇ ନଡ଼ିଆ। ରଥଯାତ୍ରାରେ ରଥାରୁଢ଼ ଦିଅଁଙ୍କ ଉଦ୍ଦେଶ୍ୟରେ ନଡ଼ିଆ ଭୋଗ କରାଯାଏ। ଏମିତି ସମୟ ଆସିଛି ସବୁ ଗଛକଟା ଯାଇ ଶେଷ କରାଗଲାଣି। ଜଳଦାନ ମୂଳଉତ୍ସ କୂପ ଖନନ ପୁଷ୍କରିଣୀ ଖନନ ଏବେ ନାହିଁ ବରଂ ଏସବୁ ପୋତି ଦିଆଯାଉଛି। ପାହାଡ଼ ପର୍ବତଲୁ ତାଡ଼ି ଖଣ୍ଡ ଖଣ୍ଡ ଛୋଟ ପଥର କରି ଘର ରାସ୍ତା ପୋଲ ପ୍ରସ୍ତୁତରେ ଲଗାଯାଉଛି। ବଡ଼ ବଡ଼ ଲୁହା ତରଳା ଚୁଲି କରି ସାଧାରଣ ବାୟୁମଣ୍ଡଳକୁ ଅଧିକ ଗରମ ନିତ୍ୟ କରାଯାଉଛି। ବଡ଼ ବଡ଼ ଯନ୍ତ୍ର ଯନ୍ତ୍ରଯାନ ଦ୍ୱାରା ପରିବେଶକୁ ଦୂଷିତ କରାଯାଉଛି। ଏହା ବେଳକୁ ବେଳ ବଢୁଛି। ବାୟୁ ବିଶୁଦ୍ଧ ବୃକ୍ଷମାନେ କରନ୍ତି, ବୃକ୍ଷ ନାହିଁ ଜନପଦ ବଢ଼ି ବଢ଼ି ଚାଲିଛି। ଏଥିରେ ପ୍ରଦୂଷଣ ପ୍ରକ୍ରିୟା ଦ୍ୱାହିରେ ସରକାରୀ କର୍ମଚାରୀ ମୁତୟନ ଚାଲିଛି ସିନା କାହିଁ କେଉଁଠି ତ ପ୍ରଦୂଷଣ ବନ୍ଦ ହେଉନାହିଁ। ରେଲ ଗାଡ଼ିର ଗତି ବଢ଼ିଛି ଗମନାଗମନ ସୁବିଧା ଦୃଷ୍ଟେ ଅଧିକ ଯାତ୍ରୀ ସଂଖ୍ୟା ବଢ଼ିଛି ତାହା ସହିତ ଅଧିକ ରେଲଗାଡ଼ି ଏବେ ରାସ୍ତାରେ ପୂର୍ବଠାରୁ ଅନେକ ବଢ଼ିଛି। ଏଥିରେ ପଥବଡ଼ ମାଟିରେ କେତେ ଚାଷ ପଡୁଛି ଏହା ସହିତ ମାଟି ତଳୁ ବିଶୋଷିତରେ ଜଳ ପମ୍ପ ଯୋଗେ ଟଣାଯାଇ ମାଟି ତଳ ଫାଙ୍କା କରାଯାଉଛି ଏଣେ ଉପରୁ ପ୍ରବଳ ଚାପ ବେଳକୁ ବେଳ ବଢୁଛି। ଏପରିସ୍ଥଳେ ପରିବେଶ କେମିତି ରହିବ ବିଚାର କରନ୍ତୁ। ବହୁ ଦୂରରୁ ଆସିବା ଯାନ କେତେ ଗରମ ହୁଳା ଚକ୍ରମାନେ ଯାନରଖି ଦେଇ ଆସି କମ ସମୟ ଏକ ଷ୍ଟେସନରେ ରହିଲେ ବି ସେଠାରେ କେତେ ତାର ବିକିରଣ କରୁଛି କେହି ଭାବିଛନ୍ତି କି? ଏକ ଖଣି ଖୋଳାଇବା କାର୍ଯ୍ୟରେ କୋଇଲା କାଟିବା ପରେ ତାର ଫାଙ୍କା ସ୍ଥାନରେ ବାଲି ଭରିବା ଜରୁରୀ ଏପରି ସବୁ ଠିକ୍ କରାଯାଉଛି କି? କଳକାରଖାନାର ଦୂଷିତ ଜଳ ଦୂଷିତବାଷ୍ପ ନିର୍ଗମନ ଦିଗ ପ୍ରତି ବିଧି ଅଛି ମାତ୍ର ସଠିକ ତଦାରଖ ହେଉଛିକି? ଗଙ୍ଗାଜଳ ପାଇଁ ସରକାର ଯୋଜନା କରିବା ସମସ୍ତେ ଜାଣନ୍ତି ମାତ୍ର ହରିଦ୍ୱାର ଠାରୁ କଲିକତାର ଗଙ୍ଗା ମୁହାଣ ଯାଏ ଯଦି କେହି ନୌକାକରି ଆସିବେ ଜାଣିପାରିବେ କେତେ କାରଖାନାର ଦୂଷିତ ଜଳ ସହର ଆବର୍ଜନା ପାଣି ନୀଦଜଳକୁ ବିଷାକ୍ତ କରୁଛି। ଦଶାଶ୍ୱମେଧ ଘାଟ ବନାରସରେ କେହି ଅନୁଧ୍ୟାନ କଲେ ବୁଝିପାରିବେ, ବନାରସର ପରିତ୍ୟକ୍ତ ଜଳ କେମିତି ଘାଟଜଳକୁ ଶୁଦ୍ଧତା ନଷ୍ଟ କରୁଛି। ଆମ କଟକ ସହରର ବଡ଼ ଡାକ୍ତରଖାନାର ଆବର୍ଜନା ଜଳ ତାଳଦଣ୍ଡା କେନାଲକୁ ଛଡ଼ାଯାଇଛି ଏଥିରେ ତଳମୁଣ୍ଡକୁ ଯାଉଥିବା ଜଳ ତାଳଦଣ୍ଡା କେନାଲରେ ପାରାଦ୍ୱୀପ ଯାଏ ଓ ମାଛଗାଁ କେନାଲରେ ମାଛ ଗାଁ ପର୍ଯ୍ୟନ୍ତ ଯାଉଛି। ଏଥିରେ ଜଳ ବ୍ୟବହାରକାରୀଙ୍କ ଉପରେ କଣ ପ୍ରକ୍ରିୟା ପଡ଼େ କେହି ତଦନ୍ତ କରିଛନ୍ତିକି? ଏମିତି ସବୁ ନଦୀରେ ପରିତ୍ୟକ୍ତ ଦୂଷିତ ଜଳ ପଡୁଛି। ପୁରୀପରି ସହରରେ ସରକାର ଟୁରିଜିମ୍ ଦ୍ୱାରା ଆଜ୍ଞାପ୍ରାପ୍ତ ବହୁ ବଡ଼ ବଡ଼ ହୋଟେଲ କରାଯାଇଛି ଏହାର ପରିତ୍ୟକ୍ତ ଜଳ ମହୋଦଧି ପରି ସ୍ୱର୍ଗଦ୍ୱାର ସଂଲଗ୍ନ ଜଳରାଶିରେ ମିଶୁଛି। ଦିନେ ନୁହଁ କାଳେ ନୁହଁ ସର୍ବଦା ମିଶୁଛି। ଏମିତି ଚୀନ ଜାପାନ ଫ୍ରାନ୍ସ ବ୍ରିଟେନ ଆମେରିକା, ଆଫ୍ରିକା, ସିଂହଳ, ପାକିସ୍ଥାନ ପରି ବହୁଦେଶରେ ସେହି ଏକ ଅବସ୍ଥା। ପରିତ୍ୟକ୍ତ ପ୍ଲାଷ୍ଟିକ ବହୁ ଭଗ୍ନଯନ୍ତ୍ରପାତି ଜାପାନରେ ସମୁଦ୍ରରେ ଫିଙ୍ଗାଯାଏ। ଜାପାନରେ ବିଗତ କାଳରେ ଆସିଥିବା ସୁନାମୀରେ ଏହା ସମୁଦ୍ର ଜୁଆରରେ ମାଡ଼ି ଆସିବା ସମସ୍ତେ ଜାଣନ୍ତି ମାତ୍ର ସେ ଦେଶ କଣ କରିଛି ଓ ଅନ୍ୟ ଦେଶ କଣ ଏଥିରୁ ଶିକ୍ଷା କଲେ କେହି ବୁଝନ୍ତି ନାହିଁ।

ମୋର ଜଣେ ପୁରୋହିତ ଭାଇନା ଉପଦେଶ କର୍ତ୍ତା ଅଛନ୍ତି ସେ ପୁରୋହିତପୁରେ ଶାସ୍ତ୍ରରେ ଜ୍ଞାନୀ ସୁବେଦୀ ବ୍ରାହ୍ମଣ ମୋର ପାଠପଢ଼ା ବେଳେ ସେ ପିଲାକାଳର ଦେଖିଛନ୍ତି ସେ ଥରେ ମୋର ବହୁବର୍ଷ ପରେ ଦେଖାହେଲେ ମୋତେ ପଚାରିଲେ କିରେ କେମିତି ଅଛୁ? ବ୍ରାହ୍ମଣ ମାନେ ନିଷ୍ଟେ କୁଟାଳ ଗୁରୁ କରନ୍ତି। କୁଶଳପୁରୁ ଠାରେ ଆଶୀର୍ବଚନ ଥାଏ। ମୁଁ ସଂକ୍ଷିପ୍ତ ହିଁ ଟିଏ କହିବା ତାଙ୍କ ମନକୁ ହୁଏତ ଆସିଲା ନାହିଁ ସେ କହିଲେ ତୋର ସେ କାନ୍ଧଝୁଲା ବ୍ୟାଗ ବସ୍ତାନି ମନେ ଅଛି ମୁଁ ହଁ ପୁଣି କହିଲି ସେ ପୁଣି ପଚାରିଲେ ଯେ ତୁ ବିଦ୍ୟାଳୟରେ ଶୋଷ କଲେ କେମିତି ଶୋଷ ମାରୁଥିଲୁ। ମୁଁ କହିଲି ସ୍କୁଲରେ ବସିଥିବା (ଟିଭବୱେଲ) ନଳକୂପରୁ ହେଲେ ତୋ ପିଲା ଏବେ କେମିତି ବିଦ୍ୟାଳୟରେ ପାଣି ପିଇବା ବ୍ୟବସ୍ଥା କରିଛୁ? ମୁଁ କହିଲି ସେମାନେ ଏକ ପାଣିବୋତଲ ସାଥିରେ ନେଇ ଯିବା ବ୍ୟବସ୍ଥା କରିଛି। ତେବେ ମାତ୍ର ପନ୍ଦର କୋଡ଼ିଏ ବର୍ଷରେ ଜଳ ପାନରେ ବିଶ୍ୱାସ ନାହିଁ ତୁ ବୁଝି ପାରୁଛୁ କି? ପୁଣି ମୁଁ ହଁ କହିଲି, ସେ ପୁଣି କହିଲେ ତୋର ପିଲାର ପିଲା ବେଳକୁ ଆହୁରି ଅବିଶ୍ୱାସ ବଢ଼ିବ ଜାଣିଛୁକି? ମୁଁ ବାବା ହୋଇ ଭାଇନାଙ୍କୁ ଚାହିଲି ସେ କହିଲେ ସେମାନେ ସାଥିରେ ଅକ୍ସିଜେନ ସିଲିଣ୍ଡର ଟିଏ ନେଇ କରି ନିଷ୍ଟେ ଯିବେ? ତାପରେ ସମ୍ଭାଷଣରୁ ମୋର କ୍ଷାନ୍ତ ତାଙ୍କ ପଥରେ ସେ ଗଲେ ମୋ ପଥରେ ମୁଁ ଫେରିଲି ମାତ୍ର ପ୍ରକୃତରେ ଏପରି ଅବସ୍ଥା ବେଳକୁ ବେଳ ଆଗେଇ ଚାଲିଛି। ସେ ଭାଇନା ଏବେ ବି ଅଛନ୍ତି ତାଙ୍କ ନାମ ଶ୍ରୀ ଗୌରାଙ୍ଗ ଚରଣ ହୋତା, ଆମର ଗୋଉ ଭାଇନା। ବାୟୁମଣ୍ଡଳର ବିଶୁଦ୍ଧିକରଣର ପର୍ଯ୍ୟାୟ ଗୁଡ଼ିକ ଲୋକେ ବାରମ୍ବାର ନଷ୍ଟ କରିବା ସହିତ ଅନ୍ୟ ଭୌତିକ କ୍ଷତି ଅଗ୍ ତେଜ ମରୁତବ୍ୟୋମର ସନ୍ତୁଳନ କରିବାରେ ଲାଗିଛନ୍ତି। ନାମ ଟି ମଧୁ ମିଠା ସ୍ୱାଦର ନାମ ଟିଏ ମାତ୍ର ସେ ସୃଷ୍ଟିର ଉତ୍ସ ପଦ୍ମଯୋନି ବ୍ରହ୍ମାଙ୍କୁ ବିନାଶ ପାଇଁ ଚେଷ୍ଟିତ ହେବା ପୁରାଣ କହୁଛି। ପଦ୍ମଯୋନି ଅର୍ଥ ନାଭୀ କେନ୍ଦ୍ର। ସୃଷ୍ଟିର ମୂଳବସ୍ତୁ। ଏଇ ମଧୁଦୈତ୍ୟ ଯେ ଶେଷ ବିଷ୍ଣୁଙ୍କ ଦ୍ୱାରା ହେବା ଲେଖାରହିଛି ମାତ୍ର ମଧୁ ବହୁ ସଂସ୍କାରିତ ହୋଇ ସେ କେବେ ହାରିବ ନାହିଁ ସଂକଳ୍ପରେ ସୃଷ୍ଟିର ନାଭୀକୁ ନଷ୍ଟ ପାଇଁ ଆଗେଇ ଚାଲିଛି। ଆଧୁନିକ ପ୍ରଶାସନ ସର୍ବତ୍ର ଅଧିକାର ଲଗାଇ କର ଆଦାୟ ପ୍ରଚେଷ୍ଟାରେ ରହିଲେଣି। ମାଟି ଉପରେ ନିତ୍ୟଭରା ତ ସମସ୍ତେ ବୁଝୁଛନ୍ତି। ଜଳ ଭରା ତ ଜଳକର ଉପରେ ରାଜ ଦୃଷ୍ଟି। ନଦୀର ଜଳ ତଳକୁ ନିଷ୍ଟେ ଆସିବ ବାଷ୍ପହୋଇ ଉପରକୁ ଉଠିବ ହେଲେ ନଦୀଜଳକୁ ଉପରେ ବନ୍ଧାଇ ତଳପଟରେ ହାହାକାର ସୃଷ୍ଟି କରାଗଲାଣି। ହାତିଶୁଣ୍ଢପରି ପାଇପ ଲଗାଇ ପମ୍ପଯୋଗେ ଜଳ ଚାଲାଣ କରି କର ଆଦାୟ ଧନ୍ଦା ଲାଗିଗଲାଣି। ପୁଣି ବାୟୁ ପ୍ରଦୂଷଣ ଏପରି ହେଲାଣି ଲୋକେ ନିଶ୍ୱାସ ପ୍ରଶ୍ୱାସ ଜନିତ ରୋଗ ଭୋଗକୁ ଆସିଗଲେଣି। ଏଥିରେ କରୋନା ରୋଗ ପରି ସାଂଘାତିକ ରୋଗ ମାତ୍ର ଗୋଟିଏ ଧରାଯାଇପାରେ ଏହାପରେ ଆହୁରି ରୋଗ ଯେ ନଆସିବ କିଏ କହିବ। ଏହି ରୋଗ ଶ୍ରମ ଲୋକଙ୍କୁ ତୁରନ୍ତ ଅକ୍ସିଜେନ ଆବଶ୍ୟକ ପଡ଼ିବା ଦେଖାଯାଉଛି। ଅକ୍ସିଜେନ ବିକ୍ରୟକାରୀ ପ୍ରସ୍ତୁତକାରୀ ବହୁତ ଆବଶ୍ୟକ ଯେ ପଡ଼ିବ ଏହା ବୁଝାପଡ଼ିଲାଣି ଏଥିରେ ପୁଣି ରାଜକର ଭଲ ମିଳିପାରିବ। ବାୟୁ ପ୍ରବାହ ଧାରା ବାରମ୍ବାର ବଦଳି ଯାଉଛି ଘନ ଘନ ମହାବାତ୍ୟା ପ୍ରଳୟ ପରିସ୍ଥିତି ସୃଷ୍ଟି କରୁଛି। ଏହା ସ୍ଥାୟୀ ପ୍ରତିକାର ଦୀର୍ଘସ୍ଥାୟୀ ଯୋଜନା ଦ୍ୱାରା ହୋଇପାରେ, ପାଞ୍ଚବର୍ଷ ଯୋଜନା ଓ ଏକ ନିର୍ବାଚନକୁ ଦେଖି ଯୋଜନା ଜାରି ରଖିବା କେବେ ଠିକ୍ ଏ ପାଇଁ ହୋଇନପାରେ। ପ୍ରତ୍ୟେକ ରାଜନୈତିକ ଦଳ ମିଶି ଭବିଷ୍ୟତ ନିର୍ମାଣ ପାଇଁ ସହଯୋଗ ସଂକଳ୍ପ ଆବଶ୍ୟକ। ଲୋକ ନିଜର ଅଧିକୃତ ଭୂମିରେ ବୃକ୍ଷମାନ ରୋପଣ କରିବା ଭୁଲନ୍ତୁ ନାହିଁ। ନାତି ଅଣନାତିଙ୍କ ବଞ୍ଚିବା ପାଇଁ ଅର୍ଥ ସମ୍ପତି ଯୋଗାଡ଼ ସହିତ ବୃକ୍ଷରୋପଣକୁ ସାମିଲ କରନ୍ତୁ।

ତେଜମାନେ ଅଗ୍ନୀ, ମାଟିତଳ ଜାଳେଣୀରୁ ବହୁଧନ ମିଳୁଛି ବୋଲି ଏହା ମହାବଣିକ ଦ୍ରବ୍ୟ ଓ ସରକାରୀ ତହବିଲ ବୃକ୍ଷଙ୍କର ଏହା ବଡ଼ ଉତ୍ସ ପ୍ରକୃତିରେ ଅଳ୍ପ ଇନ୍ଧନରେ ଲୋକେ ଗ୍ରାମରେ ପଖାଳ ଖାଇବା ନିତ୍ୟ ଅଭ୍ୟାସରେ ଥିଲେ ଭାତରେ ଆଳୁ ସିଦ୍ଧ କରିବା ପତ୍ର ପୋଡ଼ାକରି ବାଇଗଣ ସାରୁ ଶୁଖୁଆ ମାଛ ଆଦି ଭାତ ସହିତ ଖାଉଥିଲେ ଏବେ ରନ୍ଧନ ଗ୍ୟାସ ଯୋଗୁ ସର୍ବତ୍ର କେତେ ତେଜ ବଢୁଛି। ମାଟି ଚୁଲି ମାଟିର ସହ୍ୟ ଥିଲା ଏବେ ଧାତବ ଚୁଲି ବାୟୁମଣ୍ଡଳକୁ ଉତ୍ତପ୍ତ ରଖାଉଛି। ସବୁଘରେ ଏହି ତାପ ଘରକୁ ଗରମ ଅଧିକ କରୁଛି। କୋଠାଘର ବହୁ ସୂର୍ଯ୍ୟକିରଣରେ ତାତି ତାପ ବିକରଣ କରୁଛି, ଯାନାବାହନର ଯାନର ଚକ୍ର ଯାନର ଶରୀର ଇଞ୍ଜିନର ତାପ ସ୍ଥାନଟିକୁ ବେଳକୁ ବେଳ ଗରମ ଲଦଇ କରୁଛି। ବଡ଼ ବଡ଼ ଲୋକେ ଏସି ଘରେ ରହିବା ଏସି ଯାନରେ ଯିବା ଦ୍ୱାରା ଏହା ଭିତର ଥଣ୍ଡା ବାହାର ଗରମ କରାଉଛନ୍ତି। ଡାକ୍ତର ବଢ଼ାଇଲେ ରୋଗ ଯେ ଶେଷ ହୋଇଯିବ ଏ ଧାରଣା ଛାଡ଼ି ବାୟୁମଣ୍ଡଳରୁ ତାପ ହ୍ରାସ ଚିନ୍ତା କରିବାକୁ ପଡ଼ିବ। ବ୍ୟୋମ ମହାଆକାଶ ଶୂନ୍ୟ ମଣ୍ଡଳ। ଆକଶରେ ଗ୍ରହ ନକ୍ଷତ୍ର ବସ ଥିଲା କିନ୍ତୁ ମନୁଷ୍ୟ ଏବେ ଆକାଶ ଦଖଲରେ ଆକାଶରେ ବ୍ୟୋମଯାନ ଚଳାଇ ବାଣିଜ୍ୟ ହେଉଛି। ରାଜକର ଆଦାୟ ଚାଲିଛି। ଶତ୍ରୁର ଆକାଶ ଲଙ୍ଘନ ଧର୍ତ୍ତବ୍ୟ ହେଲାଣି। ଆକାଶ ଯୁଦ୍ଧ ଭୟ ସର୍ବତ୍ର ଆକାଶରେ ଲକ୍ଷ ଲକ୍ଷ ମନୁଷ୍ୟକୃତ ଉପଗ୍ରହ ପୃଥ୍ୱି କଣ? ଅନ୍ୟ ଗ୍ରହ ପରିକ୍ରମଣ ଦିଗକୁ ମନୁଷ୍ୟ ପାଦ ରଖିଲାଣି। ଏଥିରେ ବହୁଯାନ ଯନ୍ତାଂଶ ଆକାଶରେ ଭାଙ୍ଗି ଯାଉଛି। ଯାହା ମହାକାଶ ପ୍ରଦୂଷଣ କରିଚାଲିଛି ଥରେ ସ୍କାଏଲାବ୍ ଭାଙ୍ଗି ଖସୁଥିଲା। ଏ ପାଇଁ ପୃଥିବୀରେ ଆତଙ୍କ ଖେଳୁଥିଲା। ଭଗ୍ନ ଖଣ୍ଡ କେବେ ପୃଥିବୀ ଆଡ଼କୁ ଯେ ନ ଆସିବ କିଏ କହିବ? ଏବେ ବି ଉଡାଯାହାଜରେ ପକ୍ଷୀମାଡ଼ ବିପଦ କରୁଛି। ଅତଏବ ମହାକାଶ ପୁରା ଆତଙ୍କ ଆଡ଼କୁ ଗତି କରୁଛନ୍ତି।

ଭୂତାଦି ଅଧିକାର ସାବ୍ୟସ୍ତ ମଧୁଦୈତ୍ୟର ଚେଷ୍ଟା ଯଦିବା ଏହା ବିନାଶର ପଥ ଅଛି ପ୍ରକୃତରେ ଏହା ମାଟିରେ ହୋଇନାହିଁ। ସାଗରରେ ହୋଇଥିଲା, ସାଗର ମନ୍ଥନରୁ ଅନେକ କିଛି ବାହାରିବା ବି ଜଣାଯାଏ। ଅର୍ଥପାଇଁ ସରକାର ବ୍ୟାକୁଳ ନ ହୋଇ ରସାତଳ ବିଦ୍ୟା ପ୍ରତି ଆକୃଷ୍ଟ ହୁଅନ୍ତୁ ସମୁଦ୍ର ଲକ୍ଷ୍ମୀଙ୍କର ବାପଘର ସାଗରରେ ବହୁଧନ ଅଛି। ଦେଖନ୍ତୁ ମାଛ ମାରି ନୋଳିଆ କୈବର୍ତ୍ତ ମାନେ କଣ ତାଙ୍କର ଗୁଜୁରାଣ ମେଣ୍ଟାଉ ନାହାନ୍ତି। ଜାମସେଦ ଜୀ ଟାଟା ଶିଳ୍ପପତି ହେବା ପୂର୍ବରୁ ସମୁଦ୍ର ବାଣିଜ୍ୟ କରୁଥିଲେ କି ନାହିଁ। ଓଡ଼ିଆ ସାଧବମାନେ କଣ ସାଗର ବାଣିଜ୍ୟ କରି ଦରିଦ୍ର ହୋଇଥିଲେ। ସମୁଦ୍ରରେ ଅନେକ ରୋଜଗାର ଉତ୍ସ ଅଛି। ତାକୁ ଖୋଜ କଲେ ବହୁ ଉନ୍ନତି ସମସ୍ତଙ୍କର ହୋଇପାରିବ। ଯୁଦ୍ଧ ଯାହାଜ ପ୍ରତି ଲୋକେ ଆଗ୍ରହୀ ନହୋଇ ସୌଦାଗର ବାଣିଜ୍ୟ ପ୍ରତି ଆଗ୍ରହୀ ହୁଅନ୍ତୁ। ତେଲ ଖଣିଜଦ୍ରବ୍ୟ ଅନେକ ସମୁଦ୍ରରୁ ମିଳିଯାଇପାରିବ। ଅଳ୍ପରେ ସନ୍ତୋଷ ହେବା ସମସ୍ତେ ହେବା ଆରମ୍ଭ କଲେ ସଂସାର ସୁଖମୟ ତୁରନ୍ତ ହୋଇଯିବ। ଏପରି ନକରି ବ୍ୟକ୍ତି ବ୍ୟକ୍ତି ଉପରେ ପ୍ରଜାରାଜ ଉପରେ ରାଜା ପ୍ରଜା ଉପରେ ଏକ ଅର୍ଥିକ ଅନ୍ୟ ଅର୍ଥଲ ଉପରେ ଏକ ଦେଶ ଅନ୍ୟ ଦେଶ ଉପରେ ଦୋଷ ଲଦିବା ଛାଡ଼ିବାକୁ ହେବ।

*ସମ୍ପାଦକ 'ବରେଣ୍ୟବାଣୀ',*
*ଅରୁଣୋଦୟ ନଗର, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*




*ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୁରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।*



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**

# ବେଳ ଭଲ ନାହିଁ

**ନା**ଇଁ-ନାଇଁ, ଆମ ପରିବାର ସମ୍ପର୍କିତ ଖବର ନୁହେଁ, ଖବରଟି ଥିଲା ଜଣେ ବୃଦ୍ଧଙ୍କର ନାତୁଣୀ ଉପରେ ବଳାତ୍କାର ଉଦ୍ୟମ। ସେ ଖବରଟି ପଢ଼ି ମୋର ବୋହୂ ମାନସିକ ସ୍ତରରେ ଏମିତି ବିକାରଗ୍ରସ୍ତ ହୋଇ ପଡିଛି ଯେ, ସେ ମୋର ନାତୁଣୀ ସହ ଖେଳାଖେଳି, ଥଟ୍ଟା ମଜାଟାକୁ ଆଦୌ ଠିକ୍ ଦୃଷ୍ଟି ଦେଖିପାରୁନାହିଁ।

ସେ କ'ଣ ଏ ବିଷୟରେ ଆପଣଙ୍କୁ କିଛି କହିଛନ୍ତି ନା ଆପଣ ନିଜ ମନକୁ ମନ ଏମିତି ଗୋଟେ ଭାବନା ନିଜ ଭିତରେ ସୃଷ୍ଟି କରିଛନ୍ତି?

ନା- ସେ ଯଦି ମୋତେ ସିଧାସଧି ଏ ବିଷୟରେ କହି ଦେଇଥାଆନ୍ତା ତ ମୋତେ ଭଲ ଲାଗିଥାଆନ୍ତା। ମାତ୍ର ମୁଁ ଦିନେ ଶୁଣିଲି ଆରପଟ ଘରୁ ଥାଇ ବୋହୂ ପୁଅକୁ କହୁଥିଲା - ମୁଁ ଭାବୁଛି ଝିଅକୁ ଆମର କୌଣସି ବୋର୍ଡିଂ ସ୍କୁଲରେ ରଖି ପଢ଼ାଇଲେ ଠିକ୍ ହେବ।

ପୁଅ ପଚାରିଲା - କାହିଁକି?

କାହିଁକି କ'ଣ ପଚାରୁଛ ମ? ସେଦିନ ଯେଉଁ ଖବରକାଗଜରେ ଖବରଟା ତମକୁ ଦେଖାଉଥିଲି କ'ଣ ଭୁଲିଗଲଣି?

କି ଖବର କହିଲ?

ଆରେ ଯେଉଁଥିରେ ଲେଖାଯାଇଥିଲା ଜେଜେର ନାତୁଣୀ ଉପରେ ପାଶବିକ ଅତ୍ୟାଚାର କଥା।

ସେ ଖବର ସହ ତମର ସମ୍ପର୍କ କ'ଣ?

କାହିଁକି କେଜାଣି ସେ ଖବରଟି ପଢ଼ିବା ଦିନରୁ ମୋ ମନକୁ ସବୁବେଳେ ପାପ ଛୁଉଁଛି।

ତମ ମୁଣ୍ଡ ଫୁଣ୍ଡ ଠିକ୍ ଅଛି ତ? ତମେ ଠିକ୍ କରି ଜାଉଛ ତ ତମେ କ'ଣ କହିବାକୁ ଚାହୁଁଛ?

ମୋ ମୁଣ୍ଡ ସମ୍ପୂର୍ଣ୍ଣ ଠିକ୍ ଅଛି। ମୁଁ ପୁରା ସୁସ୍ଥ ମସ୍ତିଷ୍କରେ ଏକଥା ଚିନ୍ତାକରି କହୁଛି। ବାପା ମୃତଦାର। ଗୋଟିଏ କ୍ୱାର୍ଟରରେ ସେ ଓ ଝିଅ ବହୁତ ସମୟ ଏକାଠି ରହୁଛନ୍ତି। କିଏ ଜାଣେ କେତେବେଳେ କ'ଣ ଘଟିବ?

ପୁଅ, ବୋହୂ ଉପରେ ବିରକ୍ତ ହୋଇ କଥାଟାକୁ ଏଡାଇ ଦେଇ ରହିଗଲା ସିନା ହେଲେ ମୋ ଭିତରେ ଏକ ବିସ୍ଫୋରଣ ସୃଷ୍ଟି ହୋଇଗଲା। ମୋତେ ଏବେ ସବୁବେଳେ ଲାଗୁଛି ମୁଁ ମୋ ବୋହୂର ମନ ଭିତରେ ସନ୍ଦେହର କାଠଗଡା ଭିତରେ ଠିଆ ହୋଇଛି ଓ ମୋ ଆଚରଣ ଓ ବ୍ୟବହାରକୁ ଗଭୀର ଭାବରେ ସେ ପରଖି ଚାଲିଛି। ମୁଁ ଦେଇପାରୁନାହିଁ ନିଜର ଶୁଦ୍ଧ ଚରିତ୍ରର ଜମାନ୍‌ବନ୍ଦୀ ଓ ଅଣନିଃଶ୍ୱାସୀ ହୋଇ ଚାଲିଛି ପ୍ରତି ମୁହୂର୍ତ୍ତରେ।

ମୁଁ କହିଲି ବୁଝିଲେ ଦୀନବନ୍ଧଉ ବାବୁ, ଏ ଘଟଣାରେ ତମେ ବୋହୂକୁ ଖରାପ ଭାବିବା ଉଚିତ୍ ନୁହେଁ। ଏମିତି ଗୋଟିଏ ଗୋଟିଏ ଅଖବର ଖବର ହୋଇ ଛପା ଯିବାରୁ ଏ ସମାଜରେ ବହୁତ କ୍ଷତି ହେଉଛି। ଦୋହଲି ଯାଉଛି ବିଶ୍ୱାସର ମୂଳଦୁଆ। ଆମେ ମାନେ ତ ହେଲେ ବୟସ୍କ ଲୋକ। କୋମଳମତି ଶିଶୁମାନଙ୍କ ଉପରେ ମଧ୍ୟ ଏସବୁ ଖବରର ବହୁ କୁପରିଣାମ ପଡୁଛି। ଥରେ ମୋ ନାତିକୁ ତା' ମାଆ କହିଲା- ମୁନ୍ନା ତୁ ସ୍କୁଲରେ କିମ୍ବା ସ୍କୁଲ ଗଲା ବେଳେ ବାଟରେ କାହାରି ଠାରୁ କୌଣସି ଖାଇବା ଜିନିଷ କିମ୍ବା ଅନ୍ୟ ଜିନିଷ ବି ନେବୁ ନାହିଁ।

କାହିଁକି? ସେ ପଚାରିଲା।

କହିଲି ପା' ନେବୁ ନାହିଁ।

ସ୍କୁଲ ଗଲାବେଳେ ତମେ ଯେଉଁ ଟିଫିନ୍ ବକ୍ସ ଦେଉଛ ତାକୁ ବି ନେବି ନାହିଁ?

ମୋ କଥା ନୁହଁ- କୌଣସି ଅଜଣା, ଅଚିହ୍ନା ଲୋକଙ୍କ ଠାରୁ କୌଣସି ଜିନିଷ ନେବୁ ନାହିଁ।

ନେଲେ କ'ଣ ହେବ ମାଆ?

ତୋତେ ଯେଉଁଟା କହିଲି, କରିବୁ, ଏତେ କଥା ପଚାରି ବୁଝିବା ତୋର ଦରକାର ନାହିଁ।

କୁହନା ମାଆ କାହିଁକି ନେବି ନାହିଁ? କୁହନା-କୁହନା, ମୁଁ ତା'ର ଏ ଜିଦ୍ ଶୁଣି ବୋହୂକୁ କହିଲି- ପିଲାମାନଙ୍କୁ ଯେଉଁ ଜିନିଷ ବିଷୟରେ ସତର୍କ କରାଉଛ ତାହାର କାରଣଟା କହିଦେଲେ ବରଂ ସେମାନେ ବେଶୀ ସଚେତନ ହୋଇଯିବେ।

ତା'ରେ ବୋହୂ ତାକୁ ଖବର କାଗଜରେ ବାହାରିଥିବା ସେ ସମ୍ବାଦଟା ଦେଖାଇ ବୁଝାଇ ଦେଲେ। ସେ କାରଣଟା କ'ଣ ବୁଝିଗଲା ସିନା ହେଲେ ତା'ର କୋମଳ ମନ ଭିତରେ ଦାଢ଼ିବାଳାଙ୍କ ପ୍ରତି ଏକ ଅହେତୁକ ଭୟ ସୃଷ୍ଟି ହୋଇଗଲା। ତା'ର ସେ ଭୟ ପାଇଁ ଢ଼େର ହୀନସ୍ତା ହେବାକୁ ପଡିଲା। ମୋ ପୁଅର ଜଣେ ଅଫିସ ସାଙ୍ଗ ସେ ଦାଢ଼ି ଛାଡିଥିଲେ। ଥରେ ସେ ଆମ ଘରକୁ ବୁଲି ଆସିଥିଲେ। ନାତି ପାଇଁ ଚକୋଲେଟ୍ ପ୍ୟାକେଟ୍‌ଟିଏ ମଧ୍ୟ ଧରି କରି ଆସିଥିଲେ। ସେ ଘରେ ପହଞ୍ଚି ବହୁ ଶ୍ରଦ୍ଧାରେ ମୋ ନାତି ହାତରେ ଧରାଇ ଦେଲେ ଚକୋଲେଟ୍ ପ୍ୟାକେଟ୍‌ଟିକୁ। **(କ୍ରମଶଃ)**

କିଶୋର କବିତା



## କ୍ରାନ୍ତି ଦିବସ

**କମଳିନୀ ମଲ୍ଲିକ**



ଆଉ ନା ଥିଲା ଭୟ ନା ଭ୍ରାନ୍ତି
ନା ଥିଲା ଅବଷାଦ ନା କ୍ଲାନ୍ତି
ସେଦିନ ସଂଗ୍ରାମୀଙ୍କ ବଜ୍ର ହୁଙ୍କାରରେ
ତାତି ଉଠିଥିଲା ପାଣି, ପବନ ଓ ମାଟି
ଯେଉଁଦିନ ଜଳି ଉଠିଥିଲା
ସ୍ୱାଧୀନତାର ବିରାଟ ମଶାଲ
କ୍ରାନ୍ତି ଆଉ କ୍ରାନ୍ତି।

ଉଣେଇଶ ବୟାଳିଶ ମସିହା
ନଅ ଅଗଷ୍ଟ, କ୍ରାନ୍ତିର ଦିବସ
ଗୋରା ସାହେବଙ୍କୁ ଶୁଣାଇଥିଲା
ବିଦ୍ରୋହର ମହାଘୋଷ
ସ୍ୱାଧୀନତା ପ୍ରାପ୍ତିର ପୂର୍ବାଭାଷ।

ଫେରିଯାଅ ହେ ବିଦେଶୀ
ଭାରତ ଛାଡ
ତୁମ ମନମୁଖୀ ଶାସନ ଶୋଷଣ
କେତେ ଆଉ ସହିବୁ
ତୁମର ସେ ସ୍ୱାର୍ଥାନ୍ୱେଷୀ ଆଇନକୁ
ଆଜିଠାରୁ ଅମାନ୍ୟ କରିବୁ
ବରଂ ଅଭାବ ଭଲ
ତୁମ ପଣ୍ୟଦ୍ରବ୍ୟକୁ ବର୍ଜନ କରିବୁ
ଆମେ ଯେ ଏଇ ମାଟିର ସନ୍ତାନ
ତୁମକୁ ଖଜଣା,କର କାହିଁକି ଦେବୁ
ନିଶ୍ଚୟ ଦିନେ ପୂର୍ବଦିଗେ
ସିନ୍ଦୂରା ଫାଟିବ
ବନ୍ଦୀଗୃହର କବାଟ ଓ
ପରାଧୀନତାର ଶିକୁଳି ଫିଟିବ
ସେହି ପଣ ନେଇ ଆମେ
କରିବୁ ଅବା ମରିବୁ।

ସେଦିନ ସେହି ତାରିଖ
ଦେଶବ୍ୟାପି ବୁଣି ଦେଇଥିଲା
ଯେଉଁ କ୍ରାନ୍ତିର ମୟୁଖ
ତାହା ହିଁ ଗଢିଦେଲା ସ୍ୱାଧୀନତାର
ମହା ରୂପରେଖ
ଦେଖାଇଥିଲା ଆଲୋକର ପଥ
ଆଜି ଆମେ ସ୍ୱାଧୀନ,ସ୍ୱୟଂଶାସିତ
ହେଲେ ଆଉ ତ ଫେରିଲେନି
ସେହି ବୀର ବିପ୍ଳବୀ
ସଂଗ୍ରାମର ମହାନାୟକ
ଏବେ ତ ଖୁବ୍ ଲୋଡା ପଡୁଛି
ସେଇ କ୍ରାନ୍ତିକାରୀଙ୍କ ହୃତ ଅତୀତ।

*ଘ.ନଂ. ଆଇ.ଭି. ୪୫/୧, ୟୁନିଟ - ୧*
*ଭୁବନେଶ୍ୱର-୭୫୧୦୦୯*
*ଦୂରଭାଷ : ୯୮୫୩୫୨୩୮୮୩*

*(ପୂର୍ବପ୍ରକାଶ ଉତ୍ତାରୁ)*

'ତୁମେ ସେଠାକାର ସ୍ଥାନୀୟ ପ୍ରଜାମାନଙ୍କର ମହାରାଜଙ୍କ ପ୍ରତି କିଛି ଭିନ୍ନ ମନୋଭାବ ଦେଖିବାକୁ ପାଇଲ କି?' ଶିଳ୍ପୀ ଜଣଙ୍କ ସାମାନ୍ୟ ଚିନ୍ତାକରି କହିଲେ, 'ମହାରାଜ, ସେଇ ପ୍ରଜାମାନେ ଅତ୍ୟନ୍ତ ସରଳ, ନିଷ୍କପଟ ଏବଂ ପ୍ରବଳ ପରିଶ୍ରମୀ। ସେମାନେ ଶାରୀରିକ ଶ୍ରମକୁ ଈଶ୍ୱରଙ୍କ ଆରାଧନା ବୋଲି ବିବେଚନା କରନ୍ତି। ମୋର ଅନୁଭବ ହେଲା, ସେମାନେ ଆପଣଙ୍କ ବିଷୟରେ ଆଦୌ ଅବଗତ ନୁହଁନ୍ତି। କାରଣ, ମୁଁ ସେମାନଙ୍କ ଗହଣରେ ଏତିକି ସମୟ ରହିବା ଭିତରେ ମୋର ଦୃଢ଼ ଧାରଣା ହେଲା ଯେ ଜଙ୍ଗଲ ଦେବତା ହେଉଛନ୍ତି ସେମାନଙ୍କର ମହାରାଜ ଏବଂ ବାହାରୁ ଯେଉଁମାନେ ସେଠାକୁ ଆସନ୍ତି ସେମାନେ ମହାରାଜଙ୍କର ପ୍ରତିନିଧି।'

ମହାରାଜ କହିଲେ, 'ଠିକ ଅଛି, ତୁମେ ଏବେ ସ୍ୱଗୃହକୁ ପ୍ରସ୍ଥାନ କରିପାର। ତୁମର ଚିତ୍ର ସର୍ବଶ୍ରେଷ୍ଠ ବିବେଚିତ ହେଲେ, ନିର୍ଦ୍ଧାରିତ ସମୟରେ ଦରବାରକୁ ଆସିବା ପାଇଁ ତୁମକୁ ନିମନ୍ତ୍ରଣ କରାଯିବ।'

ଚିତ୍ରକର କକ୍ଷତ୍ୟାଗ କରିବାପରେ ମହାରାଜ ତାଙ୍କର ମହାମନ୍ତ୍ରୀ ଓ ସେନାପତିଙ୍କୁ ଡକାଇ ପଶ୍ଚିମଖଣ୍ଡର ଅବସ୍ଥା ବିଷୟରେ ଆଲୋଚନା ଓ ବିଚାରବିମର୍ଷ କରି ସେ ଅଞ୍ଚଳରେ ରତ୍ନପଥର ମାଫିଆ ଓ ଶିକାରୀ ମାନଙ୍କୁ ଦମନ କରିବା ନିମନ୍ତେ ତୁରନ୍ତ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦେଶ ଦେଲେ।

କିଛିଦିନ ପରେ ଉତ୍ତର ଭାଗକୁ ଗମନ କରିଥିବା ତୃତୀୟ ଚିତ୍ରକର ମଧ୍ୟ ପ୍ରତ୍ୟାବର୍ତ୍ତନ କଲେ। ସେ ନିଜର ଚିତ୍ରଦ୍ୱୟ ମହାରାଜ କନକବର୍ଦ୍ଧନଙ୍କୁ ଅର୍ପଣ କଲେ। ଉଭୟ ଚିତ୍ରକୁ ଧ୍ୟାନ ସହକାରେ ଦେଖି ମହାରାଜ ବୁଝିପାରିଲେ ଯେ ସେଇ ପ୍ରାନ୍ତର ଯେଉଁ ପ୍ରଜାମାନେ ପୂର୍ବରୁ ସେମାନଙ୍କର କଳା ନୈପୁଣ୍ୟ, ସାହିତ୍ୟ-ସଂସ୍କୃତି, ଏବଂ କୁଟୀର ଶିଳ୍ପ ପାଇଁ ଖ୍ୟାତି ସମ୍ପନ୍ନ ଥିଲେ ପରବର୍ତ୍ତୀ ସମୟରେ ସେଇମାନେ କଳା-ଭାସ୍କର୍ଯ୍ୟ ଓ ଶିଳ୍ପ ପ୍ରତି ବିମୁଖ ହେଇ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ଉତ୍ପାଦନ ଓ ସେସବୁର ବ୍ୟବସାୟ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏସବୁ ଅନୈତିକ କାର୍ଯ୍ୟକଳାପ ପାଇଁ ସେଇ ଭାଗର ଦିଗପାଳ ସେମାନଙ୍କୁ ଉଭୟ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ଅନୁପ୍ରେରିତ କରୁଛନ୍ତି। କୌଳିକବୃତ୍ତିକୁ ହତୋତ୍ସାହିତ କରିବାପାଇଁ ସେମାନଙ୍କ ଉପରେ ଅତିରିକ୍ତ କର ବସାଯାଉଛି। ସେଇ ଭାଗର ଉତ୍ତରରେ ଥିବା ପଡୋଶୀ ରାଜ୍ୟର ନିଶା ବ୍ୟବସାୟୀମାନଙ୍କ ଠାରୁ ପର୍ଯ୍ୟାପ୍ତ ଅର୍ଥ ବିନିମୟରେ ସମ୍ପୃକ୍ତ ଦିଗପାଳ ନିଜ ରାଜ୍ୟର ସମ୍ମାନ ଓ ସ୍ୱାତନ୍ତ୍ର୍ୟକୁ ଜଳାଞ୍ଜଳି ଦେବାପାଇଁ ଆଦୌ କୁଣ୍ଠିତ ହେଉନାହାଁନ୍ତି।

ଚିତ୍ରକରଙ୍କ ସହ ବାର୍ତ୍ତାଳାପ ଶେଷ ହେଲାପରେ ମହାରାଜ କହିଲେ, 'ଠିକ ଅଛି, ତୁମେ ଏବେ ସ୍ୱଗୃହକୁ ପ୍ରସ୍ଥାନ କରିପାରନ୍ତି। ଯୋଗ୍ୟ ବିବେଚିତ ହେଲେ ପୁନର୍ବାର ନିର୍ଦ୍ଧାରିତ ସମୟରେ ଆସିବା ପାଇଁ ତୁମ ପାଖକୁ ନିମନ୍ତ୍ରଣ ପଠାଯିବ।'

## 'ଶ୍ରେଷ୍ଠ ଚିତ୍ରକର'

**ବିନୟ ଭୂଷଣ ପାଣିଗ୍ରାହୀ**





ଚିତ୍ରକର କକ୍ଷତ୍ୟାଗ କରିବାପରେ ମହାରାଜ ତାଙ୍କର ମହାମନ୍ତ୍ରୀ ଓ ସେନାପତିଙ୍କୁ ଡକାଇ ଉତ୍ତରଖଣ୍ଡର ସାମ୍ପ୍ରତିକ ସମସ୍ୟା ବିଷୟରେ ପ୍ରାପ୍ତ ସୂଚନା ଉପରେ ବିଶଦ ଭାବେ ଆଲୋଚନା ପର୍ଯ୍ୟାଲୋଚନା କରିବା ପରେ ସମ୍ପୃକ୍ତ ଦିଗପାଳଙ୍କୁ ତୁରନ୍ତ କ୍ଷମତାଚ୍ୟୁତ କରି ବନ୍ଦୀ କରି ଆଣିବାପାଇଁ ଆଦେଶ ଦେବା ସହିତ ସେଇ ଅଞ୍ଚଳର ପ୍ରଜାମାନେ ପୁନର୍ବାର କିପରି ନିଜନିଜର କୌଳିକବୃତ୍ତି, କଳା, ସାହିତ୍ୟ, ଭାସ୍କର୍ଯ୍ୟ ଓ କୁଟୀରଶିଳ୍ପ ପ୍ରତି ଆଗ୍ରହ ପ୍ରଦର୍ଶନ କରିବେ ସେ ଦିଗରେ ସମସ୍ତ ପ୍ରକାର ଗଠନାତ୍ମକ ଉଦ୍ୟମ ଆରମ୍ଭ କରିବା ପାଇଁ ଆଦେଶ ଦେଲେ ଏବଂ ସେଥିପାଇଁ ପର୍ଯ୍ୟାପ୍ତ ପୁଞ୍ଜି ଯୋଗାଣର ବ୍ୟବସ୍ଥା ମଧ୍ୟ କରାଇଲେ।

ସମୟ ଗଡିଚାଲିଲା। ଚତୁର୍ଥ ମାସ ପୁରି ପଞ୍ଚମ ମାସର ଅଧାଅଧି ହେଲାପରେ ମଧ୍ୟ ପୂର୍ବଦିଗକୁ ଯାଇଥିବା ଚିତ୍ରକର ଜଣକ ଫେରିଲେ ନାହିଁ। କନକବର୍ଦ୍ଧନଙ୍କ ମନରେ ବିଭିନ୍ନ ପ୍ରକାର ଆଶଙ୍କା ସୃଷ୍ଟି ହେଲା। ସେ ଚିନ୍ତାକଲେ, ଜଣେ ଅଭିଜ୍ଞ ଚିତ୍ରକରଙ୍କୁ ପୂର୍ବାପର ସଂଗତି ଥିବା ଦୁଇଟି ଚିତ୍ର ଆଙ୍କିବାକୁ ଦୀର୍ଘ ଚାରିମାସ କଦାପି କମ ଅବଧି ହେଇନପାରେ। ହେଇପାରେ, ଚିତ୍ରକର ଜଣଙ୍କ କୌଣସି ପଶୁଜନ୍ତୁର ଶିକାର ହେଇଛନ୍ତି କିମ୍ବା କୌଣସି କାରଣରୁ ଦିଗପାଳଙ୍କ ରୋଷର ଶିକାର ହେଇ ପ୍ରାଣ ହରିଛନ୍ତି। ଏମିତି ନାନାପ୍ରକାର ଭାବନାରେ ଛନ୍ଦିହେଇ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ନହେଇପାରିବାରୁ ସେ ଏବିଷୟରେ ମହାମନ୍ତ୍ରୀ ଏବଂ ଦରବାରୀ ପଣ୍ଡିତ ମାନଙ୍କ ସହ ସେ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ସ୍ଥିରକଲେ।

*(କ୍ରମଶଃ)*

## ପିଲାଙ୍କ ଦୁନିଆ





**ପ୍ରତ୍ୟାଶା ରଥ**
ଷ୍ଟାଣ୍ଡାର୍ଡ - ୭
ବି ଡି ମେମୋରିଆଲ ସ୍କୁଲ
କଲକତା

## କବିତାର କଥା
(ଭାଗ-୩୧)



**ଉମାକାନ୍ତ ରାଉତ**



## ଢଙ୍କା ତିଅଣର ସୁଆଦ ନିଆରା

ଲାଟିନ୍ ସାହିତ୍ୟରେ ଖ୍ରୀଷ୍ଟ ପୂର୍ବ ୭୦ ରୁ ୧୮ ଖ୍ରୀଷ୍ଟାବ୍ଦ ଯାଏଁ ସୁବର୍ଣ୍ଣ ଯୁଗ, ପରେ ପରେ ରୌପ୍ୟ ଯୁଗ ଆଦି ବାଟ ଦେଇ ଗଡିକରି ଜ୍ଞାନଯୁଗ (AGE OF ENLIGHTENED), ରୋମାଣ୍ଟିସିଜିମ୍, ବାସ୍ତବବାଦ (REALISM) ଆଦି ପରେ ଉନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଆରମ୍ଭ ହୋଇଗଲା ସାରସ୍ୱତ ଅଧଃପତନ ବା ଅବକ୍ଷୟର କାଳ। ଏହାକୁ ଇଂରାଜୀରେ କୁହାଯାଏ PERIOD OF DECLINE OR DETERIORATION OF ART LITERATURE ବା ଗୋଟିଏ ଶବ୍ଦରେ ଡିକାଡେଣ୍ଟ୍ ଆନ୍ଦୋଳନ (DECANDENT MOVEMENT) . ଏ ବିଷୟରେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରାଯାଇପାରେ। ଏହି ଉଚ୍ଛୃଙ୍ଖଳତା, ମାନସିକ ବିକୃତି, ଯୌନଗତ ଉତ୍କଟତା, ଅପରାଧପ୍ରବଣତା ଆଦି ଅବକ୍ଷୟମୁଖୀ ରଚନାଦିକୁ ବିରୋଧ ଓ ପରାସ୍ତ କରି ଏହାର ପ୍ରତିକ୍ରିୟାରେ ଅମୋଘ ଅସ୍ତ୍ରଭାବେ ବ୍ୟବହୃତ ପ୍ରତୀକବାଦ ବା SYMBOLISM ହିଁ ମୋର ପୂର୍ବ ଆଲୋଚନାର ପ୍ରସଙ୍ଗ ଥିଲା।

ଏବେ, ସାହିତ୍ୟରେ ପ୍ରତୀକର ବ୍ୟବହାର କିପରି ଡିକାଡାନ୍ସର ପୂର୍ଣ୍ଣଚ୍ଛେଦ ଟାଣିଲା ଏବଂ ବିଶେଷକରି ଆମ ଓଡିଆ ସାହିତ୍ୟରେ ତାହା କିଭଳିଭାବେ ବ୍ୟବହାର କରାଗଲା ସେ ବିଷୟରେ କିଞ୍ଚିତ ଆଲୋକପାତ ହେବା ଦରକାର। (ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଭାରତୀୟ ଓ ଓଡିଆ ସାହିତ୍ୟରେ ଏହା ପୂର୍ବରୁ ବ୍ୟବହାର ହୋଇନାହିଁ ବୋଲି ଭ୍ରାନ୍ତ ଧାରଣା ସୃଷ୍ଟି ହେବା ଉଚିତ୍ ନୁହେଁ। ସେ ପ୍ରସଙ୍ଗ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ)।

ପୂର୍ବରୁ କୁହାସରିଛି ଯେ ଡିକାଣ୍ଡାଣ୍ଟମାନେ ମାନସିକ ବିକୃତି, ଉତ୍କଟ ଯୌନତା, ଅପରାଧପ୍ରବଣତା, ଉଚ୍ଛୃଙ୍ଖଳତା ସହ କୌଣସିଟିକୁ ଢାଙ୍କି ନରଖି ସବୁକିଛିକୁ ଖୋଲାମେଲାଭାବେ ବିଶୃଙ୍ଖଳ କରିବାରେ ମାତିଲେ। ପୂର୍ବରୁ ରୋମାଣ୍ଟିସିଜିମ୍, ନେଚୁରାଲିଜିମ୍ (ସ୍ୱଭାବବାଦ), ରିଏଲିଜିମ୍ (ବାସ୍ତବବାଦ), ଆଦିକୁ ନେଇ ନାନା ବିରୋଧାଭାସ ଲାଗି ରହିଥିଲା। ଏହା ଅନେକ ସମୟରେ ସାମାଜିକ ବିଶୃଙ୍ଖଳାର କାରଣ ମଧ୍ୟ ହେଉଥିଲା। ଏହା ସାଙ୍ଗକୁ ଘୁଷୁରୀକୁ ପଙ୍କ ଓ କଙ୍କଡ଼ାକୁ ଗୋଳିଆପାଣି ସୁହାଇଲାଭଳି ଡିକାଣ୍ଡାଣ୍ଟମାନଙ୍କୁ ଏସବୁ ବିଶୃଙ୍ଖଳତା କେବଳ ସୁହାଇଲା ନାହିଁ; ବରଂ ମଲୁ ଖୋଜୁଥିଲା ଯାହା ବଇଦ ବତେଇଲା ସେଇଆ ରୀତିରେ ଅପୂର୍ବ ଖୋରାକ୍ ଯୋଗାଇଲା। ଶେଷରେ ପ୍ରତୀକବାଦ (SYMBOLISM) ଏସବୁର ଶକ୍ତ ପୂର୍ଣ୍ଣଚ୍ଛେଦ ଟାଣିଲା। ବିଶେଷକରି କାବ୍ୟ ସାହିତ୍ୟର ଶାଖାପ୍ରଶାଖାରେ ଏହା ଭାବମାଧୁର୍ଯ୍ୟର ଅପରୂପ ବିଭବ ଭରି କଳା ସାହିତ୍ୟ ଜଗତକୁ ଋଦ୍ଧିମନ୍ତ ଓ ଗାରିମାମୟ କଲା। ସୁତରାଂ , ପ୍ରତୀକବାଦକୁ ବିରୋଧ କରିବାର ଯୁକ୍ତିସମ୍ମତ କାରଣ କିଛି ନାହିଁ।

ମୁଁ ସ୍ପଷ୍ଟଭାବରେ କହିବାକୁ ଚାହେଁ ଯେ ନାରୀଟିଏ ଲୁଗା ଘୋଡ଼େଇ ହୋଇଥିବାରୁ ତାକୁ ବେଶି ବେଶି ଦେଖିବାକୁ ଇଚ୍ଛା ହୁଏ, ଯାହା ଆବରଣଶୂନ୍ୟ ଫୁଙ୍ଗୁଳା ଦେହରୁ ମିଳେନାହିଁ। ପର ଓ ମୁକୁଟ ଥିବା କୁକୁଡାଟିଏ କେତେ ସୁନ୍ଦର ଓ ଆକର୍ଷଣୀୟ ନ ଲାଗେ? ହେଲେ ପର ଛଡ଼େଇ ଦିଆଯାଇଥିବା କୁକୁଡାଟିକୁ କେବଳ ଖାଇବା (ତାମସିକ ଭୋଗ ବାସନା) ଛଡ଼ା, ତା'ର କିଛି ସୌନ୍ଦର୍ଯ୍ୟ ଥାଏ କି? ତାହା ଆଉ ଆକର୍ଷଣର ଯୋଗ୍ୟ ହୋଇ ରହିଥାଏ କି? ଏପରିକି ତା'ଆଡକୁ ଆଖି ଉଠେଇ ଚାହିଁ ହୁଏକି? ସୁତରାଂ, ଜଣେ ନିଜକୁ ସମ୍ପୂର୍ଣ୍ଣ ମୁକୁଳା ନକରି ଘୋଡ଼େଇ ହେବାଦ୍ୱାରା ସିଏ ତା'ର ସୌନ୍ଦର୍ଯ୍ୟ ପ୍ରତି ଅଧିକ ଆକର୍ଷଣ ସୃଷ୍ଟି କରିବା ସହ ତା'ର ସୌନ୍ଦର୍ଯ୍ୟପଣର ଗାରିମାକୁ ବହୁଗୁଣିତ କରିପାରେ।

ଅନୁରୂପଭାବେ ଏହା କାବ୍ୟକବିତାରେ ପ୍ରତୀକର ବ୍ୟବହାର ପ୍ରସଙ୍ଗରେ ମଧ୍ୟ ପ୍ରଜୁଜ୍ୟ। ସବୁ ମୁକୁଳା ନକରି ଆଂଶିକ ଇଙ୍ଗିତ ଓ ପ୍ରତୀକରେ ସୂଚେଇ ଦେବାଦ୍ୱାରା ସୌନ୍ଦର୍ଯ୍ୟର ବଳୟ ଫିଟିପଡୁଛି। ଲାବଣ୍ୟ ବହୁଗୁଣିତ ହେବାସହ କବିତାର କଳାତ୍ମକତା ଓ ସୌନ୍ଦର୍ଯ୍ୟ ବୃଦ୍ଧିରେ ଏହା ବେଶ୍ ସହାୟକ ହେଉଛି। ସୁତରାଂ, ଘୋଡ଼ା ହୋଇଥିବା ତିଅଣର ସୁଆଦ ବେଶି ଓ ନିଆରା। ଯେତେ ଯାହା ତତ୍ତ୍ୱ ଦର୍ଶନ, ବିମ୍ବ, ଇଜିମ୍ ଆଦିରେ ମାତିଲେ ବି ଶେଷତମ ସତ୍ୟ ହିଁ ମା', ମାଟି ଓ ମାନବୀୟତା। ସ୍ତମ୍ଭର ସୀମିତତା ଦୃଷ୍ଟିରୁ ଏହି ଭାଗରେ ତାହା ସୁବିସ୍ତୃତ କରିହେଲାନାହିଁ। ପରବର୍ତ୍ତୀ ଭାଗରେ ପ୍ରୟାସ ଜାରି ରହିବ।

*(କ୍ରମଶ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ବିନା ବିଶେଷଜ୍ଞରେ ଚାଲିଛି ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

**ଭଦ୍ରକ :** ଇତି ମଧ୍ୟରେ ଆଗରପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଟିକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପାଇବାର ୨୯ବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାରେ ଲାଗି ରହିଥିବା ସମସ୍ୟାର ସମାଧାନ ପ୍ରତି ନିର୍ବାଚିତ ଲୋକ ପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀ କେହି ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ । ବ୍ଲକର ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ କେବଳ ଏହି ବ୍ଲକର ୨୫ଗୋଟି ପଂଚାୟତ ବାସୀଙ୍କ ସମେତ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ଓ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଅଧିକାଂଶ ପଞ୍ଚାୟତବାସୀମାନେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି । ଏହାକୁ ଆଖି ଆଗରେ ରଖି ସରକାର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ୨୦୧୬ ମସିହାରେ ଏଫଆରୟୁ ମାନ୍ୟତା ପ୍ରଦାନ କରିଥିଲେ । ଜିଲ୍ଲାରେ ୨ଗୋଟି ଏଫଆରୟୁ ମାନ୍ୟତା ପାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟିରୁ ଏହା ଅନ୍ୟତମ । ଏଠାରେ ପ୍ରକାଶ ଥାଉକି : ଶିଶୁ ବିଭାଗର ବିଶେଷଜ୍ଞ ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ର ଭାରାପ୍ରାପ୍ତ ଅଧିକାରୀ ଦାୟୀତ୍ୱରେ ରହିଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ,ଅସ୍ତ୍ରୋପଚାର ଓ ମେଡ଼ିସିନ ବିଭାଗରେ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି । ୪ଜଣ ଏମବିବିଏସ ଡ଼ାକ୍ତର ନିଯୁକ୍ତି ପାଇଥିବା ସ୍ଥଳେ ଆୟୁଷ ଡ଼ାକ୍ତର ଓ ଫାର୍ମାସିଷ୍ଟ ରୋଗୀ ସେବା କରୁଥିବାରୁ ରୋଗୀମାନେ ଠିକ୍ ଭାବେ ସେବା ପାଉନଥିବାର ଅଭିଯୋଗ ହେଉଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଫଆରୟୁ ମାନ୍ୟତା ପାଇଥିବାରୁ ୩୨ଟି ରୋଗୀ ଶଯ୍ୟା ଥିବା ବଦଳରେ ୧୬ଟି ରହିଛି । ଯଦ୍ୱାରା ରୋଗୀମାନେ ଅଧିକାଂଶ ସମୟରେ ବାରଣ୍ଡାରେ ଚିକିତ୍ସିତ ହୋଇଥାନ୍ତି । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ନିର୍ମିତ ଗୋଟିଏ ଦ୍ୱିତଳ ବିଶିଷ୍ଟ ଓ ଆଉ ଗୋଟିଏ ଜୋଠାଗୃହ କାର୍ଯ୍ୟକ୍ଷମ ନହୋଇ ଚାବି ପଡ଼ି ରହିଛି । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସିବିସି ମେସିନ ଉପଲବ୍ଧ ଥିବା ବେଳେ କେଉଁ କାରଣରୁ ରୋଗୀ ମାନଙ୍କୁ ବାହାରେ ପରୀକ୍ଷା କରିବାକୁ କୁହାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ରହିଥିଲେ ସୁଦ୍ଧା ଏହାର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ରେ ବିଭିନ୍ନ ମୂଲ୍ୟବାନ ସରଞ୍ଜାମମାନ ରହିଛି । ମାତ୍ର ଏହାକୁ ଜଗିବା ପାଇଁ ସୁରକ୍ଷା କର୍ମୀମାନେ ୨୪ ଘଣ୍ଟିଆ ଡ୍ୟୁଟି କରୁଥିଲେ ସୁଦ୍ଧା ଗତ ୨୦୧୪ ମସିହା ଠାରୁ ଏହି ବ୍ୟବସ୍ଥା ନାହିଁ ବୋଲି ଜଣାପଡ଼ିଛି । ସୁରକ୍ଷା କର୍ମୀ ନଥିବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନାରେ ବାଇକ୍ , ସାଇକେଲ ରହିବା ଫଳରେ ଆମ୍ବୁଲାନ୍ସ କିମ୍ବା ଅନ୍ୟାନ୍ୟ ରୋଗୀ ଆସୁଥିବା ବାଇକ ଓ ଯାନବାହାନ ଗୁଡ଼ିକ ଯାଆଆସ କରିବାରେ ସମସ୍ୟା ସୃଷ୍ଟି ହେବା ସହ ରୋଗୀ ଟିକେଟ କାଉଣ୍ଟର ସମ୍ମୁଖରେ କୌଣସି ଛାଉଣୀ ବ୍ୟବସ୍ଥା ନଥିବାର ପରିଲକ୍ଷିତ ହେଉଛି ଯଦ୍ୱାରା ରୋଗୀମାନେ ଖରାବର୍ଷାରେ ଘଣ୍ଟାଘଣ୍ଟା ଧରି ଠିଆ ହେଉଛନ୍ତି । କୋଭିଡ଼ ପରି ମହାମାରୀ ସମୟରେ ଉକ୍ତ ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସରିଲା ରିମାଣ୍ଡ ...

ସେମାନେ ଚାକିରି କରିଛନ୍ତି କି ନାହିଁ ସେ ବାବଦରେ ତଦନ୍ତ ଚାଲିଛି । ମନି ଲଣ୍ଡ୍ରିଙ୍ଗ ନେଇ ଇଡି ତଦନ୍ତ କରୁଛି, ସେ ଦିଗରେ ଭିଜିଲାନ୍ସ ବି ନଜର ରଖିଛି । ଏବେ ଭିଜିଲାନ୍ସ ସ୍କାନରରେ ଅନେକ ଲୋକ ଅଛନ୍ତି । ସବୁ ଦିଗରୁ ତଦନ୍ତ ଚାଲିଛି, କେତେବେଳେ କାହାକୁ ବି ଡାକିକି ପଚରାଉଚରା କରାଯାଇପାରେ ବୋଲି ଭିଜିଲାନ୍ସ ଏସପି କହିଛନ୍ତି । ଓଏସ୍ଏସ୍ସି ଚାକିରିରେ ବଡ ଧରଣର ଦୁର୍ନୀତି ନେଇ ଯାହା ସନ୍ଦେହ କରାଯାଉଥିଲା, ତାହାର ଗୁମର ଏବେ ଖୋଲିବାରେ ଲାଗିଛି ।

ଭିଜିଲାନ୍ସ ବିଭାଗର ଅନୁମାନ ସତ ପ୍ରମାଣିତ ହୋଇଛି । ଓଡ଼ିଶା ଷ୍ଟାଫ୍ ସିଲେକସନ୍ କମିସନ୍ଙ୍କ ପିଏସ୍ ବିରଞ୍ଚି ସାହୁଙ୍କର ରହିଛି ପୁରୀ ଲିଙ୍କ୍ । ପୁରୀରେ ରହିଛି ତାଙ୍କର ବହୁ କେଳେଙ୍କାରୀ । ଚାକିରି କରାଇ ଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ବିରଞ୍ଚି । ଏପରିକି ବିରଞ୍ଚି ପୁରୀରେ ଏକାଧିକ ଫ୍ଲାଟ୍ ହାତେଇଥିବା ସାଂଘାତିକ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ପୁରୀ ସହର ଓ ଆଖପାଖ ଅଞ୍ଚଳର କିଛି ଯୁବକଯୁବତୀ ପୁରୀ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପୁରୀର ବସନ୍ତ କୁମାର ମିଶ୍ର, ସରୋଜ କୁମାର ଜେନା, ପ୍ରତାପ କୁମାର ପ୍ରଧାନ, ଶ୍ରୀତିରାଣୀ ଭଞ୍ଜ ପ୍ରମୁଖ ପୁରୀ ଭିଜିଲାନ୍ସରେ ଲିଖିତ ଅଭିଯୋଗ କରି କହିଛନ୍ତି ଯେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ(ଓଏସ୍ଏସ୍ସି)ରେ ଚାକିରି କରାଇ ଦେବାକୁ କହି ବିରଞ୍ଚି ୨୦୧୦ ମସିହାରୁ ଏଯାଏଁ ଲକ୍ଷ ଲକ୍ଷ ଟଙ୍କା ନେଇ ଅନେକଙ୍କୁ ଚାକିରି ଦେଇଛନ୍ତି । କନେଷ୍ଟବଳରୁ ଲୋକାଲ୍ ଫଣ୍ଡ୍ ଅଡିଟର ଚାକିରି କରିଥିବା ପୁରୀର ଜଣେ ବ୍ୟକ୍ତି ଏଥିରେ ମଧ୍ୟସ୍ଥି ସାଜିଛନ୍ତି । ବିରଞ୍ଚିଙ୍କ ଅନୁକମ୍ପା ପାଇ ୨୦୧୩ ମସିହାରେ ଏହି ବ୍ୟକ୍ତି ଲୋକାଲ୍ ଫଣ୍ଡ୍ ଅଡିଟର୍ ଚାକିରି ପାଇଥିଲେ । ଏବେ ସେ ବ୍ରହ୍ମପୁରରେ ଲୋକାଲ୍ ଫଣ୍ଡ୍ ଅଡିଟର ଭାବେ ଚାକିରି କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ଏପରିକି ଏହି ବ୍ୟକ୍ତି ଜଣକ ବିରଞ୍ଚିଙ୍କ ପାଇଁ ମଧ୍ୟସ୍ଥି ସାଜି ପିଲା ଯୋଗାଡ଼ କରୁଥିବା ଅଭିଯୋଗ ହୋଇଛି । ମଧ୍ୟସ୍ଥି ସାଜିଥିବା ବ୍ୟକ୍ତି ବିରଞ୍ଚିଙ୍କୁ ହାତ କରି ଛତ୍ରପୁରରେ ଯୋଗାଣ ନିରୀକ୍ଷକ ଭାବେ ଜଣେ ବ୍ୟକ୍ତିଙ୍କୁ ଚାକିରି ଦେଇଥିବା ଅଭିଯୋଗ ହୋଇଛି । ଏ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହୋଇଛି । ଏପରିକି ଯେଉଁମାନେ ଚାକିରି କରିଛନ୍ତି, ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ବୀମା କମ୍ପାନିରେ ଜୋରଜବରଦସ୍ତ ବୀମାଭୁକ୍ତ ହେବାକୁ କୁହାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ସେହିଭଳି ବିରଞ୍ଚିଙ୍କୁ ପୁରୀରେ ଏକ ଫ୍ଲାଟ୍ ଦେଇ ଜଣେ ବ୍ୟକ୍ତି ବ୍ରହ୍ମପୁରରେ ଜିପିଇଓ ଚାକିରି ପାଇଥିବା ଅଭିଯୋଗ ହୋଇଛି । ସେ ବେଗୁନିଆପଡ଼ାରେ ଚାକିରି କରିଥିବା, ସେହିଭଳି ବିରଞ୍ଚିଙ୍କୁ ଟଙ୍କା ଦେବା ପରେ ଜଣେ ବ୍ୟକ୍ତିଙ୍କୁ ଡାଟା ଏଣ୍ଟ୍ରି ଅପରେଟରରୁ କମନ୍ କ୍ୟାଡର ଅଡିଟର ନିଯୁକ୍ତି ମିଳିଥିବା ଅଭିଯୋଗ ସହ ପୁରୀ ମାର୍କେଟ୍ ଛକର ଦୁଇ ଭାଇଙ୍କୁ ଅସାଧୁ ଉପାୟରେ ବି ଚାକିରି ଦିଆଯାଇଥିବା ଅଭିଯୋଗ ହୋଇଛି । ୨୦୧୦ ମସିହାରେ ଜଣେ ଯୁବତୀଙ୍କୁ ପୁଲିସ ଏସ୍ଆଇ ଚାକିରି ମିଳିଥିବା ବି ଅଭିଯୋଗ ହୋଇଛି । ତଦନ୍ତ ହେଲେ ଏହି ଦୁର୍ନୀତିର ଖିଅ ତଥା ଗୁମର ଖୋଲିବ ବୋଲି ଯୁବକଯୁବତୀମାନେ କହିଛନ୍ତି ।

### 'ଖେଳରତ୍ନ ପୁରସ୍କାର' ...

କ୍ରୀଡ଼ାବିତ୍ମାନଙ୍କ ମଧ୍ୟରୁ ଜଣେ, ଯିଏ ଦେଶ ପାଇଁ ସମ୍ମାନ ଓ ଗୌରବ ଆଣିଥିଲେ । ତେଣୁ ଦେଶର ସର୍ବୋଚ୍ଚ ଖେଳ ସମ୍ମାନକୁ ତାଙ୍କ ନାଁରେ କରାଯିବା ଠିକ୍ ହେବ । ଧ୍ୟାନ ଚାନ୍ଦଙ୍କୁ ସର୍ବକାଳୀନ ସର୍ବଶ୍ରେଷ୍ଠ ହକି ଖେଳାଳି ବୋଲି କୁହାଯାଏ । ଦଶନ୍ଧି ଦଶନ୍ଧି ଧରି ହକିରେ ଭାରତ ପ୍ରାଧାନ ହାସଲ କରିଥିଲା । ଅଲିମ୍ପିକ୍ସ ପଦକୁ ଦେଖିଲେ ଏହା ସ୍ପଷ୍ଟ ହୋଇଯାଏ । ୧୯୨୮, ୧୮୩୨ ଓ ୧୯୩୬ ମସିହାରେ ଅଲିମ୍ପିକ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତି ଥିବା ବେଳେ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ମେଜର ଧ୍ୟାନ ଚାନ୍ଦ । ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ଏଯାବତ୍ ମୋଟ ୧୨ଟି ପଦକ ପାଇଛି । ସେଥିମଧ୍ୟରେ ରହିଛି ୮ଟି ସ୍ୱର୍ଣ୍ଣ ପଦକ । ଦଳ ୧୯୨୮, ୧୯୩୨, ୧୯୩୬, ୧୯୪୮, ୧୯୫୨, ୧୯୫୬, ୧୯୬୪ ଓ ୧୯୮୦ରେ ସ୍ୱର୍ଣ୍ଣ ପଦକ ଜିତିଥିଲା । ୧୯୬୦ ଅଲିମ୍ପିକ୍ସରେ ଦଳ ରୌପ୍ୟ ପଦକ ଜିତିଥିଲା । ୧୯୬୮ ଓ ୧୯୭୨ରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ପାଇଥିବା ବେଳେ ଟୋକିଓ ଅଲିମ୍ପିକ୍ସ ୨୦୨୦ରେ ମଧ ବ୍ରୋଞ୍ଜ ପଦକ ହାସଲ କରିଛି ।

### ଟିକା ନେଲେ ...

ନିଆଯିବା କଥା ନିଆଯିବ । ବର୍ତ୍ତମାନ ସରକାର ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ତେଣୁ କେଉଁ କ୍ଲାସ୍ ଖୋଲିବେ, ସେଥିପାଇଁ କେଉଁ ଉପଯୁକ୍ତ ପ୍ରୋଟୋକଲ ନେଇ କାମ କରିବେ, ସେଥିଲାଗି ଗାଇଡ଼ ଲାଇନ ଅଛି । ଆମର ଯଥେଷ୍ଟ ଟିକାକରଣ କେନ୍ଦ୍ର ଅଛି । ସହରାଞ୍ଚଳରେ ବି ଗ୍ରାମାଞ୍ଚଳରେ ବି ଅଛି । ଆମେ ଟିକାର ଉପଲବ୍ଧତା ଅନୁସାରେ ସବୁ ଜାଗାରେ ଟିକା ଦେବାକୁ ଚାହିଁବା । ଶିଶୁଙ୍କ ଟିକାକରଣ ଲାଗି ଷ୍ଟଡି ଚାଲିଛି । ଯେ ପର୍ଯ୍ୟନ୍ତ ଟେକ୍ନିକାଲ ଅନୁମତି ନ ମିଳିଛି, ଆମେ ପିଲାଙ୍କ ଟିକାକରଣ କରିପାରିବାନି । ଆମେ ସବୁଦିନ ଦେଖୁଛେ, କିଛି ରାଜ୍ୟରେ ସଂକ୍ରମଣ ବଢୁଛି । ଆମେ ପ୍ରସ୍ତୁତ ରହିବା । ଆମର ପଜିଟିଭିଟି ହାର ଉପରେ ନଜର ରହିଛି । ସବୁ ସ୍ଥାନରେ ଟେଷ୍ଟିଂ ଚାଲିଛି । କେଉଁଠି ବି ଟେଷ୍ଟିଂ ବନ୍ଦ ହୋଇନି । ଆଗକୁ ଆହୁରି ଅଧିକ ଟେଷ୍ଟ କରାଯିବ । ଯଦି ସଂକ୍ରମଣ ବଢ଼ିବ, ସରକାରଙ୍କ ନିଷ୍ପତ୍ତି ଅନୁସାରେ ଯାହା ପଦକ୍ଷେପ ନିଆଯିବା କଥା ନିଆଯିବ ।

ଭାଇରସ୍ କେତେ ସଂକ୍ରମଣକ୍ଷମ ତାହା ଆର ଭାଲ୍ୟୁ ଦେଖାଏ । ଆର ଭାଲ୍ୟୁ ୧ ଉପରେ ରହିଲେ କେସ୍ ସଂଖ୍ୟା ବଢ଼ି ବଢ଼ି ଚାଲିବ ବୋଲି ଥିଓରି କହୁଛି । କିନ୍ତୁ ଗତ ସପ୍ତାହରେ କଟକ, ପୁରୀ ଓ ଖୋର୍ଦ୍ଧାରେ ଯାହା ସଂକ୍ରମଣ ସଂଖ୍ୟା ଥିଲା, ଏବେ ତାହା କମିଛି । ତା'ମାନେ ଆର ଭାଲ୍ୟୁ ୧ରୁ କମ୍ ଅଛି । ଯେକୌଣସି ମହାମାରୀରେ କେସ୍ ବଢିବା, କମିବା ଏକ ନିୟମିତ ଧାରା । କିଛି ରାଜ୍ୟରେ ସଂକ୍ରମଣ ବଢ଼ିଛି, କିଛି ରାଜ୍ୟରେ କମୁଛି । ସାମଗ୍ରିକ ଭାବେ ଭାରତରେ ଗତ ୧୫ ଦିନ ହେଲା ସଂକ୍ରମଣ ସ୍ଥିର ରହିଛି ବୋଲି ଡିଏମ୍ଇଟି ସିବିକେ ମହାନ୍ତି କହିଛନ୍ତି । କୌଣସି ମହାମାରୀ ବେଳେ ଲଗାତାର ବା ସ୍ଥାୟୀ ଭାବେ ଲକଡାଉନ, ସଟଡାଉନ ବା କଟକଣା ରହେନି । ଲୋକଙ୍କ ଜୀବନ ଜୀବିକାକୁ ଦେଖି କିଛି ପରିମାଣରେ କୋହଳତା ଦରକାର । ଏହା ଭିତରେ ଟିକାକରଣ ଚାଲୁଛି । ଲୋକଙ୍କୁ ସଚେତନ କରାଯାଉଛି । ଯାହା ବି କୋହଳ ହେଉଛି, ତା ଉପରେ ବି ନଜର ଅଛି । ଟିକାକରଣ ପରେ କିଛି ଲୋକ ସଂକ୍ରମିତ ହେଉଛନ୍ତି । ଏହା କେବଳ କୋଭିଡ ଟିକାରେ ନୁହଁ, ସବୁ ଟିକାରେ ଏହା ଦେଖିବାକୁ ମିଳେ । ମିଳିମିଳା, ପୋଲିଓ ଭଳି ସର୍ବବୃହତ ଟିକାକରଣ ଅଭିଯାନରେ ମଧ ବିଫଳତା ଦେଖିବାକୁ ମିଳିଛି । ଏହାସତ୍ତ୍ୱେ ଏଥିରୁ ରକ୍ଷା ପାଇବାକୁ ହେଲେ ଆମକୁ ସଚେତନ ହେବାକୁ ପଡ଼ିବ । ସ୍ୱାସ୍ଥ୍ୟ ବିଭାଗ ଟିକା ଦେଇଦେଲା, ଆମେ ସଚେତନ ରହିବା । ଅଭିଭାବକ ଓ ସ୍କୁଲ କର୍ମଚାରୀ ଟିକା ନେଲେ, ଛାତ୍ରଛାତ୍ରୀଙ୍କ ପାଖକୁ ସଂକ୍ରମଣ ହେବନି । ପିଲା ସଂକ୍ରମିତ ହେଲେ ବି ସେତେ ଗୁରୁତର ହୁଅନ୍ତି ନାହିଁ । ଏହାର ଅର୍ଥ ନୁହେଁ ଯେ ସେମାନଙ୍କୁ ସଂକ୍ରମଣ ପାଇଁ ଛାଡ଼ି ଦେବା । ସେରୋ ସର୍ଭେ ଦର୍ଶାଇଛି, ବହୁତ ପିଲା ସଂକ୍ରମିତ ହୋଇଛନ୍ତି । ଏହାର ଅର୍ଥ ଅନେକ ପିଲା ଲକ୍ଷଣହୀନ ସଂକ୍ରମଣର ଶିକାର ହୋଇଛନ୍ତି । ତେଣୁ ଅନ୍ୟମାନେ ପ୍ରିକସନ ନେଲେ ପିଲା ସଂକ୍ରମିତ ହେବେନି । କଟକଣା ଅଧିକ କୋହଳ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଚେତାଇଛନ୍ତି । ଲୋକମାନେ ନ ମାନିଲେ, ସଂକ୍ରମଣ ବଢ଼ିବ, ତାହେଲେ ଲକଡାଉନ୍ ନିଶ୍ଚିତ ହେବ । ଏହା ମୁଖ୍ୟମନ୍ତ୍ରୀ ଚେତାଇ ଦେଇଛନ୍ତି ବୋଲି ଡିଏମଇଟି କହିଛନ୍ତି ।

### ନିୟମ ନମାନିଲେ ...

ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଏହାଦ୍ୱାରା ହିଁ ଆମେ ତୃତୀୟ ଲହରର ତୀବ୍ରତାକୁ କମ କରିଦେଇପାରିବା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦ୍ୱିତୀୟ ଲହରରେ ଆମେ ଦେଖିଲେ କରୋନା ଭାଇରସ କାହାରିକୁ ଛାଡିନାହିଁ । ବୁଢ଼ା ଠାରୁ ପିଲା ପର୍ଯ୍ୟନ୍ତ ସମସ୍ତେ ସଂକ୍ରମିତ ହୋଇଛନ୍ତି । ଟିକା କେବଳ ଗୁରୁତର ଅବସ୍ଥାରୁ ଆମକୁ ସୁରକ୍ଷା ଦେଉଛି । କିନ୍ତୁ ଟିକା ନେଲେ ମଧ ନିଜେ ସଂକ୍ରମିତ ହେବା ବା ଅନ୍ୟକୁ ସଂକ୍ରମିତ କରିବାର ଭୟ ରହୁଛି ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦ୍ୱିତୀୟ ଲହରରେ ଅନ୍ୟ ରାଜ୍ୟ ମାନଙ୍କର ଯେଭଳି ଅବସ୍ଥା ଆମେ ଦେଖିଲେ, ସେ ପରିସ୍ଥିତି ଓଡ଼ିଶାରେ ଘଟିନାହିଁ । ଆମର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କର କଠିନ ପରିଶ୍ରମ ଯୋଗୁଁ ଓଡ଼ିଶା ଆଜି ଭଲ ସ୍ଥିତିରେ ଅଛି । ଡାକ୍ତରମାନେ ଆମର ସୁରକ୍ଷା ପାଇଁ ଦିନରାତି କାମ କରୁଛନ୍ତି । ତେଣୁ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇ ଆମକୁ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରିବାକୁ ହେବ । ଦ୍ୱିତୀୟ ଲହରର ମୁକାବିଲାରେ ଜନସାଧାରଣ ଯେପରି ପ୍ରଶାସନକୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଲେ, ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏବେ ନିଷ୍ପତ୍ତି ଆପଣମାନଙ୍କ ହାତରେ ଦେଲେ, ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏବେ ନିଷ୍ପତ୍ତି ଆପଣମାନଙ୍କ ହାତରେ । ଜୀବନ ଅମୂଲ୍ୟ । ଆମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ହିଁ ତୃତୀୟ ଲହରକୁ ରୋକିପାରିବ । ତେଣୁ ଓଡ଼ିଶାକୁ ନିରାପଦ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଆପଣଙ୍କ ପ୍ରିୟଜନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ନିରାପଦ ଭାବରେ ଜୀବନଜୀବିକା ଯେପରି ଆଗକୁ ବଢ଼ିଚାଲିବ ସେଥିରେ ସହଯୋଗ କରନ୍ତୁ ।

### ଉପଭୋକ୍ତାଙ୍କୁ ଭୁଆଁ ...

ଭୋଳି ନାୟକ (ଅନନ୍ତା) , କିଶୋର ରାଉତ (ନାନପଡା), ସେବତି ବେଓ୍ୱା (ଟିମୋର) , ସେଖ୍ ମାସୁଦ୍ , ମିର ରହିମ୍ , ସେଖ୍ ମହମ୍ମଦ (ଗୁଣ୍ଡଲବା) ଏହି ଉପଭକ୍ତା ରହୁଛନ୍ତି ଚାଳ ଛପର ଘରେ ଏମାନଙ୍କର ପୂର୍ବରୁ ୧୦୦ ରୁ ୨୦୦ ଟଙ୍କା ବିଲ୍ ଅସୁଥିବା ବେଳେ ଟାଟା ପାଓ୍ୱର ମିଟର ଲାଗିବା ପରେ ହଜାରରୁ ଦୁଇ ହଜାର ପର୍ଯ୍ୟନ୍ତ ବିଲ୍ ଆସୁଅଛି । ନିୟମ ଅନୁସାରେ ବିଦ୍ୟୁତ୍ ବିଲ୍କୁ ୩ ଗୋଟି ସ୍ଲାପରେ ବିଭକ୍ତ କରାଯାଇଥାଏ । ମାସିକ ୧ ରୁ ୫୦ ୟୁନିଟ୍ ବିଲ ପାଇଁ ୩ ଟଙ୍କା ଓ ଥିବା ବେଳେ , ୫୦ ରୁ ୨୦୦ ୟୁନିଟ୍ ପିଛା ୪ ଟଙ୍କା ୮୦ ପଇସା, ୨ ଶହରୁ ୪ ଶହ ୟୁନିଟ୍ ପିଛା ୫ ଟଙ୍କା ୮୦ , ୪୦୦ ରୁ ଉର୍ଦ୍ଧ ୟୁନିଟ୍ ପିଛା ୬ ଟଙ୍କା ୨୦ ପଇସା ଥିବା ବେଳେ ବିଲିଂ କର୍ମଚାରୀ ମାନେ ଧାର୍ଯ୍ୟ ସମୟରେ ବିଲ ନଦେଇ ୧୫ ତାରିଖ ମଧ୍ୟରେ ବିଲ ଦେଉଥିବାରୁ ହଜାର ହଜାର ଉପଭକ୍ତା ଏବେ ଠକାମିର ଶିକାର ହେଉଛନ୍ତି । ସେହିପରି ବ୍ୟବସାୟୀ ମାନେ ମାସିକ ମାସିକ ୧ ରୁ ୫୦ ୟୁନିଟ୍ ବିଲ ପାଇଁ ୫ ଟଙ୍କା ୯୦ ପଇସା ଓ ଥିବା ବେଳେ , ୧୦୦ ରୁ ୩୦୦ ୟୁନିଟ୍ ପିଛା ୭ ଟଙ୍କା , ୩ ଶହରୁ ଉର୍ଦ୍ଧ ୟୁନିଟ୍ ପିଛା ୭ ଟଙ୍କା ୬୦ରହିଥିବା ବେଳେ ବ୍ୟବସାୟୀ ମାନଙ୍କୁ ମଧ ଏହି ଢ଼ଙ୍ଗରେ ଶୋଷଣ କରାଯାଉଥିବା ଅଭିଯୋଗ ହେଉଅଛି । ଭାତ ହାଣ୍ଡିରୁ ଗୋଟି ଭାତ ଚିପିବା ଭଳି ଏଭଳି ଉଦାହରଣ କମ୍ପାନି କିଭଳି ଉପଭକ୍ତାଙ୍କୁ ଲୁଟୁଛି ଅନୁସନ୍ଧାନ ବେଳେ ନଜରକୁ ଆସିଛି । ଅଧିକାଂଶ ଉପଭକ୍ତା ବିଲ୍ ନିୟମ ବାବଦରେ ସଚେତନ ନଥିବା ବେଳେ ସରଳ ବିଶ୍ୱାସରେ ଯେଉଁ ବିଲ୍ ଆସୁଛି ତାହା ଭୟରେ ପଇଠ କରି ଆସୁଛନ୍ତି । ଉପଭକ୍ତାଙ୍କ ସରଳତା ଓ ଅଜ୍ଞତାର ସୁଯୋଗ ନେଇ ଯଦି ଏଭଳି ଅସାଧୁ ଉପାୟରେ ଟାଟା ପାଓ୍ୱର କମ୍ପାନି ମାସିକ ବିଳମ୍ବିତ ବିଲ୍ କରି ୧୫ ହଜାର ୩ ଶହ ଉପଭୋକ୍ତାଙ୍କୁ ଚୂନ ଲଗାଇବାକୁ କାରସାଡି କରିଥିବ ତେବେ ଇତି ମଧ୍ୟରେ କୋଟି କୋଟି ଟଙ୍କା ଲୁଟି ସାରିବେଣି । ଏଭଳି ଅଭିଯୋଗ ସମ୍ପର୍କରେ ଆମ୍ଭେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲୁ ସେମାନେ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଅଭିଯୋଗ ଗୁଡିକର ସତ୍ୟାସତ୍ୟ ରହିଛି । କିନ୍ତୁ ମୂଖ୍ୟ ସମସ୍ୟା ହେଉଛି ଟାଟା ପାଓ୍ୱାର କମ୍ପାନି ଦ୍ୱାରା ଲାଗୁଥିବା ମିଟର୍ ଲାବ୍ରୋଟୋରି ଟେଷ୍ଟ କରାନାଯାଇ ମନ ଇଚ୍ଛା ଲାଗୁଥିବା କାରଣରୁ ଉପଭୋକ୍ତାଙ୍କର ବ୍ୟବହାର ମୁତାବକ ୟୁନିଟ୍ ଆସିବା ସ୍ଥାନରେ ଅହେତୁକ ଅଧିକ ୟୁନିଟ୍ ଆସୁଅଛି । ଯାହା ଫଳରେ ଉପଭୋକ୍ତା ମାନେ ମାସିକ ଦେୟ ପଇଠ କରିବା ପାଇଁ ଅସମର୍ଥ ହେଉଛନ୍ତି ।ଏ ସମ୍ପର୍କରେ ଟାଟା ପାଓ୍ୱର କମ୍ପାନିର ଅଧିକାରୀଙ୍କୁ ପଚାରିଲେ ସେ କହୁଛନ୍ତି ଯଦି କେଉଁଠି ଭୁଲ ହେଉଛି ଆମ ନଜରକୁ ଆସିଲେ ଆମେ ଠିକ୍ କରିଦେବୁ । ବିଲ୍ ବ୍ୟବସ୍ଥାକୁ ଯଥା ସମ୍ଭବ ଅପଡେଟ୍ କରିବା ପାଇଁ ଚେଷ୍ଟା କରୁଛୁ । ଆଗକୁ ଏଭଳି ସମସ୍ୟା ନହେବା ପାଇଁ ଟାଟା ପାଓ୍ୱାର ଉଦ୍ୟମ ଅବ୍ୟାହାତ ରଖିଛି । ଅଧିକାରୀ ମାନଙ୍କ ଏ ପ୍ରକାର ଉତ୍ତରରୁ ସ୍ପଷ୍ଟ ହେଉଛି କି ଉପଭୋକ୍ତା ମାନେ ଆଣୁଥିବା ଅଭିଯୋଗ ସମ୍ପୂର୍ଣ୍ଣ ସତ୍ୟ ଅଟେ । ଯେଉଁଠି ଅଭିଯୋଗ ନହେଉଛି , ସେଠାରେ ସଂସ୍ଥା ଉପଭୋକ୍ତାଙ୍କ ଝାଳଭୁଆ ଟଙ୍କାକୁ ଯୋଜନାବଦ୍ଧ ଭାବେ ଲୁଟି କମ୍ପାନିକୁ ମାଲାମାଲ କରିବା ପାଇଁ ଚେଷ୍ଟା ଜାର ରଖିଛନ୍ତି । ଚୋରା ବିଦ୍ୟୁତ୍ ଅପଚୟକୁ ରୋକିବା ପାଇଁ କମ୍ପାନି ଦ୍ୱାରା ଅନୁବନ୍ଧିତ ଏମ୍.ଆର.ଟି ସଂସ୍ଥାର କର୍ମଚାରୀ ମାନେ ଜୋର ଜବରଦସ୍ତ ଉପଭକ୍ତା ମାନଙ୍କ ଘରେ ପସି ମିଟର ରିଡିଂ ଓ ଟେଷ୍ଟିଙ୍ଗ ବାହାନାରେ ମହିଳା ଓ ପରିବାର ସଦସ୍ୟଙ୍କୁ ଦୁର୍ବ୍ୟବହାର କରିବା ସହିତ ବହୁ ସମଗ୍ରୀକୁ ଭଙ୍ଗା ତୁଟା କରୁଥିବା ଗୁରୁତ୍ୱର ଅଭିଯୋଗ ହେଉଅଛି । ବହୁ ଅଭିଯୋଗ ଆସିଛି ଯେ, ଘରେ ପୁରୁଷ ସଦସ୍ୟ ନଥିବା ବେଳେ ଏମ୍.ଆର.ଟି କର୍ମଚାରୀ ମାନେ କମ୍ପାନିର କେଉଁ ଆଇନ ଓ ଅଧିକାର ବଳରେ ଏପରି ଗୁଣ୍ଡଗିରୀ କାର୍ଯ୍ୟ କରୁଛନ୍ତି ତାହା ତଦନ୍ତ ସାପକ୍ଷ୍ୟ । ଅସ୍ତରଙ୍ଗ ଅଂଚଳରେ ଯଦି ଏମ୍.ଆର.ଟି କର୍ମଚାରୀ ମାନଙ୍କର ଏତାଦୃଶ୍ୟ କାର୍ଯ୍ୟ ଜାରିରୁହେ ସେମାନଙ୍କୁ ନାଗରୀକ ସଚେତନ ମଂଚ ପକ୍ଷରୁ ବିରୋଧ କରିବା ସହିତ ଆଇନକୁ ହାତକୁ ନିଆଯିବା ପାଇଁ ଧମକ ଦିଆଯାଇଅଛି । ଭବିଷ୍ୟତରେ କିଛି ଅଘଟଣ ଘଟିଲେ ଟାଟା ପାଓ୍ୱାର କମ୍ପାନି ଏଥିପାଇଁ ଉତ୍ତରଦାୟୀ ରହିବ ।

### ଟଙ୍କା ଦିଅ ...

ଡିସିପି ଓ ଶିଶୁ ସୁରକ୍ଷା ଆୟୋଗଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତେଣୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି । ସିବିଏସ୍ଇ ପରୀକ୍ଷାରେ ନମ୍ବର କମାଇବା ଅଭିଯୋଗ ହେବା ପରେ ଶିଶୁ ସୁରକ୍ଷା ଆୟୋଗ ନିଜ ଆଡୁ ମାମଲା ରୁଜ୍ଜୁ କରିଛନ୍ତି । ଏନେଇ ଆୟୋଗଙ୍କ ପକ୍ଷରୁ ସମ୍ପୃକ୍ତ ବିଦ୍ୟାଳୟର ଚେୟାରମ୍ୟାନ୍ ଓ ଅଧକ୍ଷ, ସିବିଏସ୍ଇର ଆଞ୍ଚଳିକ ନିର୍ଦ୍ଦେଶକ ଓ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଚଳିତ ମାସ ୧୩ ତାରିଖ ସୁଦ୍ଧା ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି । ଦଶମ ପରୀକ୍ଷାରେ ମାର୍କ କମିବାକୁ ନେଇ ଏଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି । ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ କରିବା ସହିତ ସିବିଏସ୍ଇ ଆଞ୍ଚଳିକ କାର୍ଯ୍ୟାଳୟ ମଧ ଘେରାଉ କରିଥିଲେ । କିନ୍ତୁ ସ୍କୁଲ କର୍ତ୍ତୃପକ୍ଷ ସମସ୍ତ ତଦନ୍ତ ପାଇଁ ପ୍ରସ୍ତୁତ ଥିବା ସୂଚନା ମିଳିଛି । ଆହୁରି ମଧ ଜଣାପଡିଛି ଯେ, ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି କମ୍ପ୍ୟୁଟରରେ ଭୁଲ ହୋଇଥାଇପାରେ । ସଂଶୋଧନ ପାଇଁ କେହି ଆସିଲେ ଏହା ନିଶ୍ଚୟ କରାଯିବ । ସବୁ ବିଷୟ ସିବିଏସ୍ଇ ପରୀକ୍ଷା ନିୟନ୍ତ୍ରକଙ୍କୁ ଅବଗତ କରାଯାଇଥିବା ନେଇ ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି ।

# ଜିଲ୍ଲାର ବିଭିନ୍ନ ସ୍ଥାନରେ ବିନା ଫିଟିନେସ୍ ବଳରେ ଚାଲିଛି ଟ୍ରକ୍, ଟ୍ରାକ୍ଟର ଓ ହାଇଓ୍ୱା

**ଜଗତ୍ସିଂହପୁର:** ଜଗତ୍ସିଂହପୁର ଜିଲ୍ଲାରେ ଦିନକୁ ଦିନ ଦୃଘଟଣା ମାନ ଘଟି ଲୋକମାନେ ମୃତ୍ୟୁବରଣ କରୁଥିବାବେଳେ ପରିବହନ ବିଭାଗ କର୍ମଚାରୀ ଓ ପୋଲିସ୍ କର୍ତ୍ତୃପକ୍ଷ ଏକପ୍ରକାର ନିରବଦ୍ରଷ୍ଟା ସାଜୁଥିବାର ଦେଖିବାକୁ ମିଳୁଛି । ଗାଁ ଗହଳି ଓ ରାସ୍ତାମାନଙ୍କରେ ବିନା ଫିଟ୍ନେସ୍ ଓ ପରମିଟ୍ ବଳରେ ବହୁ ଟକ୍ର, ଟ୍ରାକ୍ଟର ଓ ହାଇଓ୍ୱା ଗାଡି ଗୁଡିକ ମାଟି, ସିମେଣ୍ଟ, ବାଲି, ଗୋଡି ଓ ରଡ ବୋହୁଥିବା ବେଳେ ଚଳାଉଥିବା ବ୍ୟକ୍ତିମାନଙ୍କର ଲାଇସେନ୍ସ ନଥିବାର ମଧ ଦେଖିବାକୁ ମିଳୁଛି । ଗାଁ ଗହଳି ମାନଙ୍କରେ ଟ୍ରାକ୍ଟର ଗାଡି ଚଳାଉଥିବା କମ ବୟସର ପିଲାମାନେ ବାଲି, ମାଟି ଓ ଗୋଡି ଅତ୍ୟନ୍ତ ଖାମଖିଆଲ ମନୋଭାବ ନେଇ ଦ୍ରୁତ ଗତିରେ ଚଳାଉଥିବାରୁ ଦୃର୍ଘଟଣାମାନ ବୃଦ୍ଧି ହେବାରେ ଲାଗିଛି । ଟାକ୍ଟର ଓ ବାଇକ୍ ଗୁଡିକରେ ବେନାମୀ ନମ୍ବର ପ୍ଲେଟ୍ ଲଗାଇ ଓ ମଦ୍ୟପାନ କରି ଗାଡି ଚଳାଇବାରୁ ଦୃର୍ଘଟଣାମାନ ଘଟାଉଥିଲେ ବି ପରିବହନ ବିଭାଗ ଓ ଥାନା କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାଁନ୍ତି । ଯେଉଁସ୍ଥାନମାନଙ୍କରେ ଦୃର୍ଘଟଣା ଘଟି ମୃତ୍ୟୁବରଣ କରୁଥିବା ଲୋକମାନଙ୍କର ସମ୍ପର୍କୀୟ ତଥା ଜନସାଧାରଣ ରାସ୍ତାରୋକ କରି ଧାରଣା ଦେବାପରେ ପୋଲିସ୍ କର୍ତ୍ତୃପକ୍ଷ ପହଞ୍ଚି ଆଶୁ ସମାଧାନ କରୁଥିବାବେଳେ ଗାଡି ଚାଳକ ମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି । ଦିନକୁ ଦିନ ଗାଁ ରାସ୍ତାମାନଙ୍କରେ ଟ୍ରାକ୍ଟର ଚାଳକମାନଙ୍କ ପାଦୁର୍ଭାବ ବଢ଼ିଚାଲୁଥିବାବେଳେ ସେମାନଙ୍କର ଗାଡି କାଗଜପତ୍ର ଓ ଲାଇସେନ୍ସ ଦେଖିବା ଉପରେ ଗୁରୁତ୍ୱ ଦିଆଯାଉନାହିଁ । ଫଳ ସ୍ୱରୂପ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହିତ ଗାଁ ଗହଳି ମାନଙ୍କରେ ଦୃର୍ଘଟଣାମାନ ବଢ଼ି ବଢ଼ି ଚାଲିଛି । ବହୁ ସ୍ଥାନରେ ଓଭରଲୋଡିଂ ଯୋଗୁ ଗାଡି ଭାରସାମ୍ୟ ହରାଇ ଲୋକଙ୍କ ଉପରେ ବା ଦୋକାନ ଉପରେ ମାଡି ଯାଉଛି । ଗାଁ ଗହଳି ମାନଙ୍କରେ ଟ୍ରାକ୍ଟରଗୁଡିକ ବିଲବାଡି କାମ କରୁଥିଲେ ବି ଚାଳକମାନଙ୍କ ଖାମଖିଆଲ ପାଇଁ ରାସ୍ତା ଗୁଡିକ ମରଣଯନ୍ତା ପାଲଟି ଗଲାଣି । ବହୁସ୍ଥାନମାନଙ୍କରେ ଦେଖିବାକୁ ମିଳୁଛି କମ ବୟସର ପିଲାମାନେ ବାଇକ୍ ଗାଡି ଗୁଡିକ ଅତ୍ୟନ୍ତ ଖାମ୍ଖିଆଲଭାବେ ଗାଡି ଚଳାଇ ଜନସାଧାରଣମାନଙ୍କ ପାଇଁ ଚିନ୍ତାର କାରଣ ପାଲଟି ଗଲାଣି । ଏପରିକି କମ୍ ବୟସର ପିଲାମାନେ ସ୍କୁଲ, କଲେଜ ଓ ବାପାମାଆମାନଙ୍କୁ ବାଇକ୍ ସାହାଯ୍ୟରେ ନବାଆଣିବା କରୁଥିଲେ ବି ଥାନା କର୍ତ୍ତୃପକ୍ଷ ଓ ଆଞ୍ଚଳିକ ପରିବହନ କର୍ମଚାରୀଙ୍କ ଅତ୍ୟନ୍ତ ଖାମଖିଆଲ ମନୋଭାବଯୋଗୁ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି । କମ୍ ବୟସର ପିଲାମାନେ ଗାଡି ଚଳାଉଥିଲେ ସେମାନଙ୍କ ଗାଡି ସବୁକୁ ସିଜ୍ କରି ଫାଇନ୍ ଆଦାୟ କରିବାକୁ ସାଧାରଣରେ ଦାବି ହେଉଛି ।




# ବ୍ଲୁ-ଫ୍ଲାଗ୍ ବିଚ୍ର ମାନ୍ୟତା ପାଇଁ ପୀର ଜାହାନିଆ ବେଳାଭୂମୀରେ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳି



**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅଧିନସ୍ଥ ଅସ୍ତରଙ୍ଗ ବ୍ଲକର ପୀର ଜାହାନିଆଁ ବେଳାଭୂମୀ ହାସଲ କରିବ ବ୍ଲୁ -ଫ୍ଲାଗ୍ ବିଚ୍ର ମାନ୍ୟତା । ଏ ସମ୍ବନ୍ଧରେ ଗୁରୁବାର ଦିନ ଏକ ପ୍ରତିନିଧି ମଣ୍ଡଳି ଯାହାକି ବ୍ଲୁ-ଫ୍ଲାଗ ବିଚ୍ର କମିଟିର ସଦସ୍ୟ ବୃନ୍ଦ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନେତୃତରେ ବେଳାଭୂମୀ ପରିଦର୍ଶନ କରି ଜନସାଧାରଣ ଓ ବିଭିନ୍ନ ବିଭାଗୀୟ ସରକାରୀ ଅଧିକାରୀ , ମହିଳା ଗୃପ ସହ ଆଲୋଚନା କରି ଫେରିଥିବା ଜଣାପଡିଅଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ପୀର ଜହାନିଆଁ ବେଳାଭୂମୀର ବ୍ଲୁ-ଫ୍ଲାଗ ବିଚ୍ର ମାନ୍ୟତା ଓ ତାହାର ଉନ୍ନତି କରଣ ପାଇଁ ୧ କୋଟି ୩୬ ଲକ୍ଷ ଟଙ୍କା ରାଜ୍ୟ ସରକାର ବ୍ୟୟମଞ୍ଜୁର କରିଛନ୍ତି । ଏହି ଟଙ୍କା ଅଦ୍ୟାବଧି ଖର୍ଚ୍ଚ ହୋଇ ପାରିନଥିବା ବେଳେ, ଜିଲ୍ଲାପାଳ ଶ୍ରୀ ବର୍ମା ଉପସ୍ଥିତ ଥିବା ପୁରୀ ଜିଲ୍ଲାର ଡିଏଫ୍ଓ ପି. ରାମଶ୍ୱାମୀ ଙ୍କୁ ବିଭାଗୀୟ ଟେଣ୍ଡର ପାଇଁ ନିର୍ଦ୍ଦେଶ ଦେଇଥିଲେ । ଟେଣ୍ଡର ପରେ ଏହି କାର୍ଯ୍ୟ, ପୀର ଜାହାନିଆଁ ବେଳାଭୂମୀରେ ଅନୁଷ୍ଠିତ ହେଉଥିବା କାର୍ତ୍ତିକ ପୂର୍ଣ୍ଣିମା ବାଲିଯାତ୍ରା ପୂର୍ବରୁ ଶେଷ କରିବା ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି । ପୁରୀ ବିଚ୍ ଯେପରି ଗୋଲ୍ଡେନ୍ ବିଚ୍ର ମାନ୍ୟତା ପାଇଅଛି , ସେହିପରି ଆଗାମୀ ଦିନରେ ପୀର ଜାହାନିଆଁ ବିଚ୍ ସେହିପଲି ସମସ୍ତ ସୁବିଧା ତଥା କିପରି ଭିତ୍ତିଭୂମୀର ବିକାଶ ହୋଇ ପାରିବ ସେ ବିଷୟରେ ମଧ ସମିକ୍ଷା କରିଥିଲେ । ତତ୍ପରେ ଜିଲ୍ଲାପାଳ ୫-ଟି ଦ୍ୱାରା ଅନୁବନ୍ଧିତ ହୋଇଥିବା ସ୍କୁଲ ମଧ୍ୟରୁ ସୁନ୍ଦର ଠାରେ ଅବସ୍ଥିତ ସୁରେନ୍ଦ୍ର ନାଥ ବିଦ୍ୟାପୀଠ ପରଦର୍ଶନ କରିଥିଲେ ଓ ପାଟଳଦା ଗ୍ରାମ ପଂଚାୟତରେ ହୋଇଥିବା ପାର୍କ ମଧ ବୁଲି ଦେଖିଥିଲେ । ସେଠାରୁ ଫେରି ବ୍ଲକ ସମ୍ମିଳନି କକ୍ଷରେ ସମସ୍ତ ସରପଂଚଙ୍କ ସମେତ ସମସ୍ତ ସରକାରୀ କାର୍ମଚାରୀଙ୍କ ସହ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅସ୍ତରଙ୍ଗ ବ୍ଲକ କଂଗ୍ରେସ କମିଟି ତରଫରୁ , ବ୍ଲକର ବିଭିନ୍ନ ସମସ୍ୟା ନେଇ ସଭାପତି ସୁକାନ୍ତ ମହାନ୍ତି ୯ ଦଫା ଦାବି ସମ୍ମିଳିତ ଏକ ସ୍ମାରକ ପତ୍ର ଦେଇଥିଲେ । ଜିଲ୍ଲାପାଳ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦକୁ ଯାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଭାରାପ୍ରାପ୍ତ ଚିକିତ୍ସା ଅଧିକାରୀ ସଂଜୟ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲାପାଳ ଓ ଡିଏଫ୍ଓ ଙ୍କ ସମେତ ପିଡି ଜ୍ୟୋତି ମହାପାତ୍ର, ଏସିଏଫ୍ ଉତ୍ତମ କୁମାର ଗଡନାୟକ, ଜିଲ୍ଲା ପରିଷଦ ଅଧକ୍ଷ ଜ୍ୟୋର୍ତିମୟ ଦଳାଇ, ଅସ୍ତରଙ୍ଗ ବ୍ଲକ ଅଧକ୍ଷ ସ୍ୱାଧୀନ କୁମାର ନାୟକ, ରେଞ୍ଜର ହିମାନ୍ ନାୟକ, ବିଡିଓ ବେବିତା ମଞ୍ଜରୀ ନାୟକ, ସରପଂଚ ବିଦୁଲତା ବଶ୍ୱାଳ, ପରିବେଷବିତ୍ ଶୋଭାକର ବେହେରା, ଫରେଷ୍ଟର ପର୍ଶୁରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳଙ୍କ ନେତୃତରେ ଆସିଥିବା ପ୍ରତିନିଧି ମଣ୍ଡଳି ପୀର ବାବାଙ୍କୁ ଦର୍ଶନ କରି ତାଙ୍କର ସାନିଧ ଲାଭ କରିଥିଲେ ।

# କାଦୁଅ ପଚପଚ ମଙ୍ଗୁଲି ପତିସାହି ରାସ୍ତା



**ଭଦ୍ରକ :** ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ସ୍ଥିତ ମଙ୍ଗୁଲି ଗାଁ ଅର୍ନ୍ତଗତ ପତିସାହି ସ୍ୱାଧିନତାର ୭୩ବର୍ଷ ପରେ ମଧ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିମାନଙ୍କ ନଜର ଆଢୁଆଳରେ ରହିଯାଇଛି । ଏହି ସାହି କୁ ଆଜିଯାଏ ଭଲ ରାସ୍ତାଟିଏ ନିର୍ମାଣ ହୋଇନପାରିବା ବଡ ଦୁଃଖ ଓ ଅନୁତାପର ବିଷୟ ଅଟେ । ଭଲ ରାସ୍ତାଟିଏ ନଥିବାରୁ ଲୋକମାନେ ନାନାଦି ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି । ଏଠାରେ ଶହେରୁ ଉର୍ଦ୍ଧଲୋକ ଲୋକ ବସବାସ କରନ୍ତି । ରାସ୍ତା ଅବସ୍ଥା ଯୋଗୁଁ ଛୋଟ ଛୋଟ କୋମଳମତୀ ପିଲାମାନେ ଅଧ୍ୟୟନ କରିବାକୁ ସ୍କୁଲ,କଲେଜ କିମ୍ବା ଅଙ୍ଗନଓ୍ୱାଡ଼ି କେନ୍ଦ୍ରକୁ ଆସିବା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଖାଲଖମାରେ ଭର୍ତ୍ତି ଏହି ରାସ୍ତାଟି ଅତି ସଂକୀର୍ଣ୍ଣ ଥିବାରୁ ସାଇକେଲଟିଏ ମଧ ସୁବିଧା ଭାବେ ଯାଆଆସ କରିପାରିନଥାଏ । ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ଏହି ରାସ୍ତା ଦେଇ ଯିବା ଆଦୌ ସମ୍ଭବପର ହୋଇପାରୁ ନାହିଁ । ରାସ୍ତା ସାରା କାଦୁଅ ପଚପଚ । ଏପରି ଅବସ୍ଥାରେ ଖାଲିପାଦରେ ଯିବା ମଧ ସମ୍ଭବପର ନୁହେଁ । ରାତିରେ ଏହି ରାସ୍ତାରେ ଯିବା ଅର୍ଥ ମରଣକୁ ଡ଼ାକିବା । ଏହି ପରି ଅବସ୍ଥାରେ ଗାଁ ଲୋକମାନେ ଯାଆଆସ କରୁଛନ୍ତି । ସବୁ ସାହିକୁ କଂକ୍ରିଟ ରାସ୍ତା ହେଉଛି ବୋଲି ସରକାର ଡ଼ିଣ୍ଡିମ ପିଟୁଥିବା ବେଳେ ମଙ୍ଗୁଲି ଗାଁ ଅର୍ନ୍ତଗତ ପତି ସାହି ରାସ୍ତାରେ ମୋରମ ମୁଠାଏ ପଡ଼ିପାରୁନାହିଁ । ରାସ୍ତା ସମସ୍ୟାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଠାରେ ଅଭିଯୋଗ ହେବା ପରେ ଗତ ୫ ତାରିଖରେ ପଂଚାୟତ କନିଷ୍ଠ ଯନ୍ତ୍ରୀ ଉକ୍ତ ସ୍ଥାନକୁ ଆସି ସ୍ଥିତି ଆକଳନ କରି ଫେରିଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ସୁଫଳ ମିଳି ପାରିନାହିଁ । ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାହି ବାସୀ ଦାବି କରିଛନ୍ତି ।

# ପାଇକ ମାଟିର ମହକ - କେରଙ୍ଗ ଗଡ଼



## ମୌଲାନା ଫଜଲ ହକ ଖାଁ

ମଧୁସୂଦନ ଦାସ ଲେଖିଛନ୍ତି;
ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତି ପ୍ରାଣଧାର
ସେ ଧାରରୁ ନୀର ପିଉଛି ଯେ ନର
ସେ ହେବ ନିଶ୍ଚୟ ଜାତି କର୍ମବୀର ।।

ସେହିଭଳି କବିବର ରାଧାନାଥ ରାୟ କହିଛନ୍ତି;
ଅତୀତର ତୁହି ସାକ୍ଷୀ ପୁରାତନ
ଦେଖିଲୁ ନଗର ଓ ଉତ୍‌ଥାନ ପତନ
ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର
ଫିଙ୍ଗିପାରିଲେ ସେ ଲଭନ୍ତା ନିସ୍ତାର ।

ଅତୀତର ଅଭୁଲା ସ୍ମୃତି ବାସ୍ତବରେ ଆମ ଦେଶ, ମାଟି, ଗାଁ, ଜାତୀୟ ଚେତନା, ଭାବନା, ଗର୍ବ ଓ ଗୌରବ ହୋଇଥାଏ । ସେଇଥି ପାଇଁ ଗବେଷକମାନେ କହିଥାନ୍ତି ଯେ, ଯେଉଁ ଦେଶର ଅତୀତ ଇତିହାସ ନାହିଁ, ସେ ଦେଶର କିଛି ନାହିଁ। ଆମ ଦେଶର ଅନନ୍ୟ ଐତିହ୍ୟ ମଧ୍ୟରୁ କଳିଙ୍ଗ ବା ଓଡ଼ିଶାର ଐତିହ୍ୟ ଅନ୍ୟତମ ।

ଖୁରଧାର ଐତିହ୍ୟ ଏକ ଚମତ୍କାର ଏବଂ ସାହାସପୂର୍ଣ୍ଣ । ଖୁରଧା ତା ନିଜ ଶବ୍ଦ ମଧ୍ୟରେ ହିଁ



ଜଣାଇ ଦିଏ ଯେ, ସେ କେତେ ବୀର ଓ ସାହାସୀ। ପାଇକ, ଦଳେଇ, ଦଳବେହେରା ଏବଂ ସର୍ଦ୍ଦାରମାନେ ହେଲେ ଖୁରଧାର ବାହୁବଳୀ । ଅତିତ ଖୁରଧା ରାଜ୍ୟ ମଧ୍ୟରେ ୭୧ଟି ଗଡ଼ ରହିଥିଲା । କେରଙ୍ଗଗଡ଼ ସେଥି ମଧ୍ୟରୁ ଅନ୍ୟତମ। କେରଙ୍ଗଗଡ଼ ଖୁରଧାଗଡ଼ ଠାରୁ ଉତର-ପଶ୍ଚିମ ଦିଗକୁ ମାତ୍ର ୧୦ କି.ମି ଦୂରରେ ଅବସ୍ଥିତ । କେରଙ୍ଗ ଗଡ଼ ଏକ ପ୍ରସିଦ୍ଧ ପୁରାତନ ଗଡ଼ । ରାଜା-ରାଜୁଡ଼ା ଅମଳରେ ଏହାର ଗୁରୁତ୍ୱ ବେଶ ଉପଲବ୍ଧି କରାଯାଉଥିଲା । ଏହା ପ୍ରାୟ ଖୁରଧା ଗଜପତି ଶ୍ରୀ ଶ୍ରୀ ବୀରକିଶୋର ଦେବ(୧୭୩୭-୧୭୯୩)ଙ୍କ ସମୟର କଥା। ଉତର ଭାରତରୁ ଜଣେ ଯୁଦ୍ଧବିଦ୍ୟାରେ ନିପୁଣ ତକି ଖାଁ ନାମୀ ଖୁରଧାର ତତ୍‌କାଳିନ ରାଜାଙ୍କ ନିକଟରେ ତାଙ୍କର ସାମର୍ଥ୍ୟ ଦେଖାଇଲେ । ଯୁଦ୍ଧବିଦ୍ୟାରେ ପାରଙ୍ଗ୍ୟମତା ଦେଖି ମହାରାଜା ତାଙ୍କୁ ଦଳବେହେରା ଉପାଧିରେ ଭୁଷିତ କରି କେରଙ୍ଗ ଗଡ଼ରେ ଅଧିଷ୍ଠିତ କଲେ । ଏ ତକି ଖାଁ ନାମ ଶୁଣି କେହି ଭ୍ରମରେ ନ ପଡ଼ିଜାନ୍ତୁ । କାରଣ ମହମ୍ମଦ ତକି ଖାଁ ନାମୀ ଶାସକ(୧୭୨୭-୧୭୩୫) ଓଡ଼ିଶାରେ ଶାସନ କରି ନିଜ ଇତିହାସକୁ ନିଜେ ଖରାପ କରିଥିବାର ଅନେକ ଐତିହାସିକମାନଙ୍କ ଲେଖାରୁ ଜଣାପଡୁଛି । ଏ ତକି ଖାଁ ଖୁରଧା କେରଙ୍ଗ ଗଡ଼ର (ସର୍ଦ୍ଦାର)ଦଳବେହେରା ଥିଲେ । ଖୁରଧା ରାଜାଙ୍କ ଅଧିନରେ ରହି ତାଙ୍କୁ ସବୁ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ କରୁଥିଲେ । ସେ ସମୟରେ କେରଙ୍ଗ ଗଡ଼ ଅଧିନରେ ଥିଲା, କେରଙ୍ଗ, ଦିବ୍ୟସିଂହ ପ୍ରସାଦ, କୁଣ୍ଡିଲ, କୁମ୍ଭୀଲ, ଠାକୁରପଡ଼ା, ପତନୀବର, କାଠଖୁଂଟିଆ, ଗୌଡ଼ପୁଟ, ବରସାହି, ପାଇକତିଗିରିଆ, ଟାଙ୍ଗିଆପଡ଼ା, ନିଆଳ, ବିଂକୁଡ଼ିଆ, ନୂଆପଡ଼ା ଏବଂ ମୁକ୍ତାପୁର ଗ୍ରାମ।

ଦଳବେହେରା ତକି ଖାଁଙ୍କ ଜୀବନ ଚରିତ୍ର ବହୁତ ଭଲ ଏବଂ ଉଚ୍ଚକୋଟିର ଥିଲା । ହିନ୍ଦୁ ଓ ମୁସଲମାନ ମଧ୍ୟରେ ଭାଇଚାରା ସୃଷ୍ଟି କରିବାରେ ସେ ଜଣେ ଆଦର୍ଶବାଦୀ ଥିଲେ । ତାଙ୍କ ଜୀବନ ଚରିତ୍ରରେ ଏପରି ଅନେକ ନଜିର ରହିଛି ।

କେଦାରନାଥ ମହାପାତ୍ରଙ୍କ ପୁସ୍ତକ ଖୁରଧା ଇତିହାସ ପୃଷ୍ଠା ୧୭୬-୧୭୮ରେ କେରଙ୍ଗ ଗଡ଼ ବିଷୟରେ ଲେଖାଅଛି । ବାଙ୍କୀ ସୀମା ନିକଟସ୍ଥ ମୁକ୍ତାପୁର (ତରକାଇଗଡ଼)ତେର ଶଉରୀଗଡ଼ରୁ ଗୋଟିଏ ଗଡ଼ଥିଲା । ଏହି ଗଡ଼ ବାଙ୍କୀ ଡ଼ମପଡ଼ା ଓ ହଳଦିଆ ଗଡ଼କୁ ଲାଗି ରଣନଦୀ ପୂର୍ବ ଉପକୂଳ ତାଡ଼କୀମୁଣ୍ଡିଆ ପାଦଦେଶରେ ଅବସ୍ଥିତ । ଗଡ଼ର ଆଦ୍ୟ ଖଣ୍ଡାୟତ ଜଣେ ଶଉରୀ ଖଣ୍ଡାୟତ ଥିଲେ। ଏହି ଖଣ୍ଡାୟତ ତାଙ୍କର ଶଉରୀ ସମ୍ପ୍ରଦାୟକୁ ଘେନି ବାଙ୍କୀ ରାଜାଙ୍କ ପ୍ରରୋଚନାରେ ଖୁରଧା ମହାରାଜାଙ୍କ ବିରୋଧାଚରଣ କରୁଥିବା ପ୍ରକାଶ ହେବାରୁ ମହାରାଜା ବୀରକିଶୋର ଦେବ କେରଙ୍ଗଗଡ଼ର ମୁସଲମାନ ଦଳବେହେରାଙ୍କୁ ମୁଠା ଆଜ୍ଞା କଲେ ଯେ ତରକାଇଗଡ଼ର ଅବାଧ୍ୟ ଶଉରୀ ଖଣ୍ଡାୟତଙ୍କ ମୁଣ୍ଡ ଘେନି ଖୁରଧାଗଡ଼ ଠାରେ ଭେଟ। ପ୍ରେକ୍ତ ଦଳବେହେରାଏ ମହାରାଜାଙ୍କ ମୁଠା ଆଜ୍ଞା ପାଇ ସଦଳବଳେ ତରକାଇଗଡ଼କୁ ଅଭିଯାନ କରି ଖଣ୍ଡାୟତଙ୍କ ଘୋଷରା ପାହାଡ଼ ତଳେ ତାଙ୍କ ଗଡ଼ର ସାମନ୍ତମାନଙ୍କ ସୁସଜ୍ଜିତ ସାମରିକ କମାଣ ସହ ପହଂଚିଲେ ବୀରବାଦ୍ୟ ଓ ପଦାତିକମାନଙ୍କ ହର୍ଷରବରେ ବିବ୍ରତ ହୋଇ ଖଣ୍ଡାୟତ ଗୋଟିଏ ସୁବର୍ଣ୍ଣ ଥାଳିରେ ମହାପ୍ରସାଦ ଘେନି ସପରିବାର ଆତ୍ମସମର୍ପଣ କଲେ । ଏହା ଦେଖି ଦଳବେହେରାଙ୍କ ହୃଦୟ ତରଳିଗଲା । ତହୁଁ ସେ ସସୈନ୍ୟେ ଫେରି ମହାରାଜଙ୍କ ଦରବାରରେ ପହଂଚି ସେହି ସୁସଜ୍ଜିତ ମହାପ୍ରସାଦ ଓ ଅନ୍ୟାନ୍ୟ ଉପକରଣମାନଙ୍କ ସହ ସୁବର୍ଣ୍ଣ ଥାଳିଟିକୁ ଘେନି ଦଣ୍ଡାୟମାନ ହୋଇ ମହାପ୍ରସାଦ ମାନ୍ୟରେ ରାଜାଙ୍କୁ ରାଜୋଚିତ ସମ୍ମାନ ଦେଖାଇ କହିଲେ,“ ମଣିମା ! ତରକାଇଗଡ଼ର ଅଭିଯାନର ଫଳ ଏହି । ମଣିମା; ସେ ଗଡ଼ର ରାଜଦ୍ରୋହୀ ଖଣ୍ଡାୟତଙ୍କ ମୁଣ୍ଡ ଘେନି ଦର୍ଶନ କରିବାକୁ ଯେ ଆଜ୍ଞା ହୋଇଥିଲା, ମୁଁ ତାହା ଅବଜ୍ଞାକରି ମହାପ୍ରସାଦ ଥାଳି ଘେନି ଦର୍ଶନ କରୁଛି, ମୋ ମୁଣ୍ଡ ବଦଳ ନିଅନ୍ତୁ ।” ମହାରାଜ ସତ୍ୱରେ ମହାପ୍ରସାଦର ଗୌରବ ରକ୍ଷାକରି ଭକ୍ତି ସହକାରେ ଦଣ୍ଡାୟମାନ ଏବଂ ଦରବାରର ସଦସ୍ୟଗଣ ଆସନ ପରିତ୍ୟକ୍ତ; ତହୁଁ ମହାରାଜଙ୍କ ଶ୍ରୀମୁଖସ୍ଥ ଆଜ୍ଞା--“ ଦଳବେହେରାଏ ତୁମେ ଯେ ମୁସଲମାନ ଧର୍ମାବଲମ୍ବୀ ହୋଇ ଜଗନ୍ନାଥଙ୍କ ଶ୍ରୀ ମହାପ୍ରସାଦ ପ୍ରତି ଏତେଦୂର ମାନ୍ୟକରି ଏଡ଼େ ରାଜଦ୍ରୋହୀର ମୁଣ୍ଡ ଛାଡ଼ି ଆସିଲ, ଏଥି ପାଇଁ ତୁମେ ଅବଶ୍ୟ କ୍ଷମାର ପାତ୍ର । ଏହି ହିନ୍ଦୁମାନଙ୍କ ପରି ସକଳ ଧର୍ମର ପକ୍ଷପାତୀ ବିଶେଷତଃ ହିନ୍ଦୁମାନଙ୍କ ପକ୍ଷପାତୀ ଆମ ମୁସଲମାନ ଦଳବେହେରା, ଦଳେଇ ପାଇକ ପ୍ରଭୃତି ସ୍ରେନ୍ୟସାମନ୍ତଙ୍କ ମଧ୍ୟରେ ମାଲଦର ଜମିଦାରଙ୍କ ପରି ସମାନ ପରୀକ୍ଷା ଯେ ଦେଲ ଏଥିପାଇଁ ହିନ୍ଦୁ ସମାଜର ତୁମେ ପୁରୁଷାନୁକ୍ରମିକ ସମ୍ମାନାସ୍ପଦ ହେଲ ।”

୧୮୧୭ ମସିହାରେ ପାଇକ ବିଦ୍ରୋହ ଆରମ୍ଭ ହୋଇଥିଲା । ତକି ଖାଁ ନିଜ ପାଇକ ଦଳକୁ ନେଇ ବକ୍ସିଙ୍କ ସହ ମିଶି ଇଂରେଜଙ୍କ ସହ ଲଢିଥିଲେ । ଐତିହାସିକ, ଗବେଷକ ତଥା ଖୁରଧା ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ମୁରଲୀଧର ପ୍ରଧାନଙ୍କ ପୁସ୍ତକ ଅନ୍ୱେଷଣରେ ଲେଖା ଅଛି ଯେ, ତକି ଖାଁ ସେ ସମୟରେ ଇଂରେଜଙ୍କ ଦୁଇ ଜଣ ସେନାପତିଙ୍କୁ ଯୁଦ୍ଧରେ ନିପାତ କରିଥିଲେ । ଅନେକ ଐତିହାସିକଗଣ କୁହନ୍ତି, ଖୁରଧାସ୍ଥିତ ଖ୍ରୀଷ୍ଟିଆନ କବରସ୍ତାନରେ ଥିବା ଏକ ଉଚ୍ଚତା ବିଶିଷ୍ଟ ସ୍ମାରକସ୍ତମ୍ଭଟି ଥୋମସଙ୍କର ଯାହାଙ୍କୁ ତକି ଖାଁ ଯୁଦ୍ଧରେ ହତ୍ୟା କରିଥିଲେ । ସେହିଭଳି ଖୁରଧା ଗୁରୁଜଙ୍ଗ ସ୍ଥିତ ଧବଳେଶ୍ୱର ମନ୍ଦିରର ଉତର ଦିଗ ପଟେ ଆଉ ଏକ ଖ୍ରୀଷ୍ଟିଆନ କବରସ୍ତାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ସେଠି ମଧ୍ୟ ଏକ ଉଚ୍ଚତା ବିଶିଷ୍ଟ ସ୍ମାରକସ୍ତମ୍ଭ ରହିଛି, କୁହାଯାଏ ସେ ସ୍ତମ୍ଭ ଟେଲରଙ୍କର ଯାହକୁ ସେହି ଯୁଦ୍ଧରେ ତକି ଖାଁ ହତ୍ୟା କରିଥିଲେ । ପାଇକ ବିଦ୍ରୋହ ୧୮୨୦ ମସିହାରେ ଭୟଙ୍କର ରୂପ ନେଲା ସେହି ସମୟରେ ତକି ଖାଁ ଏକ ଯୁଦ୍ଧରେ ସହିଦ ହୋଇଥିଲେ । କିନ୍ତୁ ତାଙ୍କର କୌଣସି ସ୍ମାରକ ସ୍ଥାନ ନାହିଁ । ସେ ଏ ପର୍ଯ୍ୟନ୍ତ ଅଜ୍ଞାତ । ତା’ ପରେ କେରଙ୍ଗରେ ପିଢି ପରେ ପିଢି ଦଳେଇ, ଦଳବେହେରା, ସର୍ଦ୍ଦାର ବଂଶଗତ ବଢିଚାଲିଲା। ୧୯୬୬ ମସିହାରେ ଓଡ଼ିଶାରେ ଭୟଙ୍କର ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା। କୁହାଯାଏ ଯେ ସେ ସମୟରେ ଥିବା କେରଙ୍ଗ ଗଡ଼ାଧିଶଙ୍କୁ ମହାରାଜଙ୍କ ତରଫରୁ ଆଦେଶ ଥିଲା କି ଆଖପାଖ ଲୋକମାନଙ୍କ ପାଇଁ ଅନ୍ନଛତ୍ର ଖୋଲି ଦିଆଯାଉ । ଦଳବେହେରା ଜଣେ ଉଦାରଭାବାପନ୍ନ ବ୍ୟକ୍ତି ଓ ବହୁତ ଦାନଧର୍ମ କରୁଥିବାର ବି ଲୋକକଥା ରହିଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ଭୟଙ୍କର ସମୟରେ ଅନ୍ନଛତ୍ରରୁ ଭୋଜନ ଗ୍ରହଣ କରିଥିଲେ ବୋଲି କୁହାଯାଏ।

ବ୍ରିଟିଶରାଜ ସମୟରେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ କେରଙ୍ଗଗଡ଼ର ଦଳବେହେରା ଥିଲେ, ଜାଫର ଖାଁ । କଲେକ୍ଟର ଖାନବାହାଦୁର ମୁସାହେବ ଖାଁ ଥିଲେ, କେରଙ୍ଗଗଡ଼ର ସେହି ଦଳବେହେରାଙ୍କ ଦାୟଦ। ଏବେ ବି କେରଙ୍ଗ ଗାଁରେ ପାଇକ ଆଖେଡ଼ା କରାଯାଉଛି । ପାଇକ ଆଖେଡ଼ା ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନେ ଏ କଳା ଓ ସଂସ୍କୃତିକୁ ଏବେ ମଧ୍ୟ ବଜାୟ ରଖିଛନ୍ତି ।




କେରଙ୍ଗଗଡ଼ ବିଷୟରେ ଅନେକ ମହାତ୍ମାମାନେ କହିଯାଇଛନ୍ତି ଯେ, କେରଙ୍ଗ କେତେ ରଙ୍ଗ । ପ୍ରକୃତରେ କେରଙ୍ଗଗଡ଼ ଅନେକ ପ୍ରତିଭାକୁ ନେଇ ପ୍ରସିଦ୍ଧି ଲାଭ କରିଛି । ଏଇ କେରଙ୍ଗଗଡ଼ ମାଟି ଶତାଧିକ ପାଇକ ମଣିଷକୁ ଜନ୍ମ ଦେଇଛି, ଯେଉଁମାନେ ଦେଶର ସୁରକ୍ଷା ପାଇଁ ବିଭିନ୍ନ ସେନାବାହିନୀରେ ଯୋଗଦେଇ ଦେଶମାତୃକା ସହ ପ୍ରେମ ଓ ଅନୁରକ୍ତିର ଜ୍ୱଳନ୍ତ ପ୍ରମାଣ ଦେଉଛନ୍ତି । କେରଙ୍ଗ ପାଇକମାଟିରେ ସେକ ଶଫିକ(ଆସିଷ୍ଟାଂଟ କମାଣ୍ଡେଂଟ), ବେଶାରତ ଅହମଦ ଖାଁ(ଆସିଷ୍ଟାଂଟ କମାଣ୍ଡେଂଟ), ଖ୍ୱାଜା କମାଲୁଦ୍ଦିନ ଖାଁ(ଆସିଷ୍ଟାଂଟ କମାଣ୍ଡେଂଟ), ଜଲାଲୁଦ୍ଦିନ ଖାଁ(ଆସିଷ୍ଟାଂଟ କମାଣ୍ଡେଂଟ), ଶଫିକୁଦ୍ଦିନ ଖାଁ (ସୁବେଦାର), ସମଦ ଖାଁ(ସୁବେଦାର), ମୋତାଲିବ ଖାଁ(ସୁବେଦାର), ହମିଦ ମହମ୍ମଦ(ସୁବେଦାର), ସମଦ ଖାଁ(ସୁବେଦାର), ମୁମତାଜ ଖାଁ(ସୁବେଦାର), ଆରିଫ ଖାଁ (ଡ଼ିଏସପି), ସେକ ହଲିମୁଦ୍ଦିନ ଖାଁ(ଡ଼ିଏସପି), ହୟାତ ଖାଁ(ଡ଼ିଏସଆଇ), ଇବ୍ରାହିମ ଖାଁ(ଡ଼ିଏସଆଇ), ମୁଜଫର ଅହମଦ ଖାଁ (ଡ଼ିଏସଆଇ), ହୈଦର ଖାଁ(ଡ଼ିଏସଆଇ), ଏଜାବୁଲ ଖାଁ(ଡ଼ିଏସଆଇ), ମୁବଶିର ଖାଁ (ନାଏବ ସୁବେଦାର-ଆର୍ମି), ସେକ ଲତିଫ(ନାଏବ ସୁବେଦାର-ଆର୍ମି), ଫାରୁକ ଅହମଦ (କ୍ୟାପଟେନ-ଆର୍ମି), ଓସିମ ଅହମଦ ଖାଁ(ସୁବେଦାର ମେଜର, ଏସିପି-ଆର୍ମି), ଜଫୁଲ୍ଲାଃ ଖାଁ(ନାଏବ ସୁବେଦାର-ଆର୍ମି), ଶଫିକତୁଲ୍ଲାଃ ଖାଁ (ଇନିସପେକ୍ଟର-ସିଆରପିଏଫ୍), ମହିବୁର ରହମାନ(ଇନିସପେକ୍ଟର-ସିଆରପିଏଫ୍), ମୁସ୍ତଫା ଖାଁ (ଏସଆଇ-ସିଆରପିଏଫ୍), ଜହୁର ଖାଁ (ଏୟାରଫୋର୍ସ), କଲିମ ଖାଁ (ଏୟାରଫୋର୍ସ), ଜିୟାଉଦ୍ଦିନ ଖାଁ(ଏୟାରଫୋର୍ସ), ଅବ୍ଦୁର ରହିମ ଖାଁ(ନେଭାଲ), ଇଦ୍ରିସ ଖାଁ (ନେଭାଲ), ମହମ୍ମଦ କମରୁଲ ହକ(ନେଭାଲ) । ଅଜିଜୁଦ୍ଦିନ ଖାଁ (ଏସଆଇ), ଏହେସାନୁଲ ହକ(ଏସଆଇ), ଏବଂ ଶବିର ଅହମଦ(ଏସଆଇ), ଅହମଦ ଖାଁ(ଏଏସଆଇ-ସିଆଇଏସଏଫ୍), ଦେଶ ସେବା କରିଆସିଛନ୍ତି।

ଏତଦ୍‌ବ୍ୟତୀତ ଦେଶମାତୃକାର ସେବା ପାଇଁ ସୁରକ୍ଷାବାହିନୀର ବିଭିନ୍ନ ବିଭାଗରେ କେରଙ୍ଗଗଡ଼ର ଶତାଧିକ ଯବାନ ଏବେ ମଧ୍ୟ କାର୍ଯ୍ୟରତ। କେରଙ୍ଗଗଡ଼ର ଯବାନମାନେ ଚାଇନା ଯୁଦ୍ଧ ୧୯୬୨, ୧୯୬୫ ଏବଂ କାର୍ଗିଲ ଯୁଦ୍ଧରେ ମଧ୍ୟ ଦେଶ ପାଇଁ ଲଢିଛନ୍ତି । ଶହୀଦ ରହିମତୁଲ୍ଲାଃ ଖାଁ (ସିଆରପିଏଫ୍)ବି ଦେଶମାତୃକାର ସେବା କରିବା ସମୟରେ ଆତଙ୍କବାଦୀଙ୍କ ଦ୍ୱାରା ୨୭-୦୧-୧୯୮୭ରେ ଶହୀଦ ହୋଇଥିଲେ । ଏହା ଦେଶ ଓ ଗାଁ ମାଟି ପାଇଁ ଗର୍ବ ଓ ଗୌରବ । ଏପରିକି ୧୯୯୨ ମସିହାରେ ଯେତେବେଳେ ହାଇଦ୍ରାବାଦରେ ନିଜାମ ସରକାର ଏକ ଅଲଗା ରାଜ୍ୟ ଗଠନ କରିବାର ସ୍ୱପ୍ନ ଦେଖିଥିଲା, ଯେତେବେଳେ ତା’ ସ୍ୱପ୍ନକୁ ଖଣ୍ଡବିଖଣ୍ଡ କରିବା ପାଇଁ ଓଡ଼ିଶାରୁ ଯେଉଁ ସନ୍ୟବାହିନୀ ଭାରତ ସରକାରଙ୍କୁ ସାହାଯ୍ୟ କରିବା ପାଇଁ ଯାଇଥିଲେ ସେମାନଙ୍କ ମଧ୍ୟରେ କେରଙ୍ଗଗଡ଼ର ୧୦/୧୨ ଜଣ ସୈନିକ ମଧ୍ୟ ସାମିଲ ଥିଲେ । ଏହା ସହିତ ହସନ ଖାଁ ଏବଂ ଖ୍ୱାଜା କମାଲୁଦ୍ଦିନ ଖାଁ କେରଙ୍ଗଗଡ଼ର ପହଲୱାନ ଥିଲେ । ଆଖ ପାଖ ଅଂଚଳରେ ତାଙ୍କ କୀର୍ତିର ବହୁତ ଚର୍ଚ୍ଚା ଥିଲା ।

ସେହିଭଳି କେରଙ୍ଗଗଡ଼ ଫୁଟବଲ ଖେଳାଳିଙ୍କ ନାମରେ ମଧ୍ୟ ବେଶ ପରିଚିତ । ଏପରିକି ଅନେକ ଏହି କ୍ରୀଡ଼ାର ପ୍ରତିଭା ଯୋଗୁଁ ଭଲ ଚାକିରି ମଧ୍ୟ କରିପାରିଛନ୍ତି । ଏହି ଗାଁର କେତେକ ମହାନ ଖେଳାଳିଙ୍କ ସ୍ମୃତିରେ ପ୍ରତିବର୍ଷ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟର ଆୟୋଜନ କରାଯାଉଛି । ଖୁରଧା ଫୁଟବଲ ଷ୍ଟାଡ଼ିୟମରେ ନଜିର ଖାଁ ଫୁଟବଲ ଟୁର୍ଣ୍ଣାମେଂଟ ଏବଂ କେରଙ୍ଗସ୍ଥିତ ଅହମଦୀୟା ମୁସଲିମ ଫୁଟବଲ ପଡ଼ିଆରେ ଖ୍ୱାଜା କମାଲୁଦ୍ଦିନ ଫୁଟବଲ ଟୁର୍ଣ୍ଣାମେଂଟର ଆୟୋଜନ କରାଯାଉଛି । କେରଙ୍ଗଗଡ଼ର ପୂର୍ବତନ ଫୁଟବଲ ଖେଳାଳି ଜଲାଲ ମହମ୍ମଦ, ରଣବାଜ ଖାଁ, ଶରିଫ ଖାଁ, ଖ୍ୱାଜା କମାଲୁଦ୍ଦିନ ଖାଁ, ଅତାଉର ରହମାନ ଖାଁ, ନଜିର ଖାଁ, ରହିମ ଖାଁ, ଅମିର ଅହମଦ, ସଗିର ଅହମଦ, ସେକ ମସି, ମହମ୍ମଦ ଏହେସାନ, ମୁସ୍ତାକ ଅଲ୍ଲି ଏବଂ ଶୌକତ ଅହମଦ ଖାଁ । ଏମାନେ ଘରୋଇ ଟୁର୍ଣ୍ଣାମେଂଟରେ ଖେଳିବା ସହ ଜିଲ୍ଲା ସ୍ତରୀୟ, ରାଜ୍ୟ ସ୍ତରୀୟ ଏବଂ ଜାତୀୟ ସ୍ତରୀୟ ଖେଳ ମଧ୍ୟ ଖେଳିବାର ସୁଯୋଗ ପାଇଛନ୍ତି । ଏତଦ୍‌ବ୍ୟତୀତ ଭଲିବଲ ଏବଂ କ୍ରିକେଟ ଖେଳରେ ମଧ୍ୟ କେରଙ୍ଗଗଡ଼ର ଯୁବକମାନେ ବେଶ ଦକ୍ଷତା ହାସଲ କରି ସୁନାମ ଅର୍ଜନ କରିପାରିଛନ୍ତି ।

ଶିକ୍ଷା କ୍ଷେତ୍ରରେ ମଧ୍ୟ କେରଙ୍ଗଗଡ଼ରେ ଅଧିକାଂଶ ଶିକ୍ଷିତ ପରିବାର । ଇଂଜିନିୟରିଙ୍ଗ, ଟିଚରସିପ୍ ଏବଂ ଡ଼କ୍ଟରେଟ, ଓକିଲାତି ବ୍ୟତୀତ ବାଣିଜ୍ୟ ଓ ବ୍ୟବସାୟ, ଡ୍ରାଇଭର, ମେକାନିକାଲ ତଥା ଅନ୍ୟାନ୍ୟ ବିଭାଗରେ ରୋଜଗାର କରିଥାନ୍ତି । ଅନେକ ଯୁବକମାନେ ଭଲ ରୋଜଗାର କରିବା ଉଦ୍ଦେଶ୍ୟରେ ଦେଶ ବାହାରକୁ ମଧ୍ୟ ଚାଲିଯାଉଛନ୍ତି। ଏହାବ୍ୟତୀତ କେରଙ୍ଗଗଡ଼ରେ ଏକ ବଡ଼ ପରିବାର ଚାଷ ଉପରେ ମଧ୍ୟ ନିଜ ଜୀବିକା ନିର୍ଭର କରିଥାଏ । କର୍ମକ୍ଷେତ୍ର ବ୍ୟତୀତ କେରଙ୍ଗଗଡ଼ ପୂର୍ବରୁ ଧାର୍ମିକ କ୍ଷେତ୍ରରେ ମଧ୍ୟ ଉନ୍ନତଶୀଳ ଗାଁ । କେରଙ୍ଗ ଗଡ଼ ଏକ ମୁସଲିମ ବହୁଳ ଗାଁ । ଏଥିରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ ଲୋକ ବସବାସ କରିଥାନ୍ତି। କେରଙ୍ଗଗଡ଼ ଭାରତବର୍ଷରେ ଥିବା ଅହମଦୀୟା ମୁସଲିମ ଧର୍ମବିଶ୍ୱାସୀ ଲୋକମାନଙ୍କର ସର୍ବ ବୃହତ ଗାଁ ଅଟେ । ଏହି ଧର୍ମବିଶ୍ୱାସୀଙ୍କ ରାଷ୍ଟ୍ରୀୟ କେନ୍ଦ୍ର ପଞ୍ଜାବର କାଦିଆନ ପାବନ ଭୂମି। ଯେଉଁଠି ଏହି ଧର୍ମବିଶ୍ୱାସୀଙ୍କ ମତରେ କଲକୀ ଅବତାର ତଥା ଏହି ମତବାଦର ପ୍ରତିଷ୍ଠାତା ଏବଂ ତାଙ୍କ ମତରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ହଜରତ ମିର୍ଜା ଗୁଲାମ ଅହମଦ(୧୯୩୫-୧୯୦୮)ଜନ୍ମ ଗ୍ରହଣ କରିଥିଲେ । ଏବେ ଏହି ସଂପ୍ରଦାୟ ବିଶ୍ୱର ୨୧୪ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ବିଶ୍ୱଶାନ୍ତି ଓ ବିଶ୍ୱଭାଇଚାରା ପ୍ରତିଷ୍ଠା କରିବା ଏମାନଙ୍କର ମୂଳ ଲକ୍ଷ । କେରଙ୍ଗଗଡ଼ ଶତାଧିକ ଏପରି ଧାର୍ମିକ ଗୁରୁ, ପଣ୍ଡିତ ଏବଂ ମୌଲାନାମାନଙ୍କୁ ମଧ୍ୟ ଜନ୍ମ ଦେଇଛି, ଯେଉଁମାନେ ଇସଲାମର ବାସ୍ତବ ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ବିଶ୍ୱମାନପଟରେ ପଚାର ଓ ପ୍ରସାର କରିବାରେ ପ୍ରୟାସ କରିଆସୁଛନ୍ତି । ଭାରତବର୍ଷର କୋଣ ଅନୁକୋଣେ କେରଙ୍ଗଗଡ଼ର ଧାର୍ମିକ ପଣ୍ଡିତମାନେ ପାଣ୍ଡିତ୍ୟ, କଳା ଓ ସଂସ୍କୃତିରେ ସୁନାମ ଅର୍ଜନ କରିଛନ୍ତି । ମୌଲାନା ମୋହସିନ ଖାଁ, ମୌଲାନା ଶରାଫତ ଖାଁ, ମୌଲାନା ଶମସୁଲ ହକ ଖାଁ, ମୌଲାନା ଫଜଲେ ଉମର, ମୌଲାନା ଇସମାଇଲ ଖାଁ, ମୌଲାନା ଫରଜାନ ଖାଁ, ମୌଲାନା କମରୁଲ ହକ ଖାଁ ଶାସ୍ତ୍ରୀ, ମୌଲାନା ଇଫତେଖାର ଅହମଦ ଖାଁ, ମୌଲାନା ସେକ ଇସହାକ ଅଲ୍ଲି, ମୌଲାନା ମକସୁଦ ଅଲ୍ଲି ଅହମଦ, ମୌଲାନା ଫଜଲ ହକ ଖାଁ, ମୌଲାନା ହଲିମ ଅହମଦ ଖାଁ, ମୌଲାନା ଅକବର ଖାଁ, ମୌଲାନା ଜମାଲ ଶରିୟତ ଅହମଦ, ମୌଲାନା ରହମାନ ଖାଁ, ମୌଲାନା ତୟବ ଖାଁ, ମୌଲାନା ଖେଜର ହୟାତ, ମୌଲାନା ସେକ ଫୁରକାନ ଅହମଦ, ମୌଲାନା ମହମ୍ମଦ ଫଜଲେ ଉମର, ମୌଲାନା ଫହିମ ଅହମଦ ଭଳି ଶତାଧିକ କେରଙ୍ଗ ଗଡ଼ର ସୁପୁତ୍ର ମୌଲାନାମାନେ ମାନବସେବା ଓ ଧର୍ମ ସେବା କରିଆସୁଛନ୍ତି । ଏମାନେ ପଂଚାୟତ ସ୍ତରୀୟ, ବ୍ଲକ ସ୍ତରୀୟ, ଜିଲ୍ଲା ସ୍ତରୀୟ, ରାଜ୍ୟ ସ୍ତରୀୟ, ଜାତୀୟ ସ୍ତରୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅନୁଷ୍ଠିତ ସର୍ବଧର୍ମ ଶାନ୍ତି ସମ୍ମିଳନୀ ତଥା ସର୍ବଧର୍ମ ସମନ୍ୱୟବାଦ ସଭାରେ ବସୁଧୈବକୁଟୁମ୍ବକମର ଅମୂଲ୍ୟବାର୍ତା ବହନ କରିଆସୁଛନ୍ତି ।






କେରଙ୍ଗଗଡ଼ ଓଡ଼ିଶାର ସାହିତ୍ୟ, କଳା ଓ ସଂସ୍କୃତିକୁ ବାଜାୟ ରଖିବା ପାଇଁ ମଧ୍ୟ ଅନେକ କବି, ଲେଖକ ଏବଂ ସ୍ତମ୍ଭକାରମାନଙ୍କୁ ଜନ୍ମ ଦେଇ ପ୍ରଶଂସୀତ ହୋଇଛି । କେରଙ୍ଗ ଗଡ଼ର ସେକ ମୁକରମ, ମହମୁଦ ଅହମଦ, ଅହମଦ ନୁର ଖାଁ, ସେକ ଫଜଲୁର ରହମାନ, ସେକ ଅଜିଜ, ଜଫରୁଲ୍ଲାଃ ଖାଁ, ଡ଼ଃ.ସେକ ସମସୁର, ଏହେସାନୁଲ ହକ, ମୁସ୍ତାକ ଅହମଦ, ଫଜଲୁର ରହମାନ ଖାଁ, ସୁଜାଅତ ଅଲ୍ଲି , ରୋକିଆ ବାନୁ, ଇଂ.ରୌଶନ ଖାଁ, ଜିଲୁର ରହମାନ, ମୌଲାନା ମକସୁଦ ଅଲ୍ଲି, ମୌଲାନା ଜମାଲ ଶରିଅତ ଅହମଦ, ମୌଲାନା ଫଜଲ ହକ ଖାଁଙ୍କର ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ବଜାୟ ରଖିବାରେ ବହୁତ ବଡ଼ ଅବଦାନ ରହିଛି ।

ରାଜନୀତି କ୍ଷେତ୍ରରେ କେରଙ୍ଗ ଗଡ଼ ଅଧିବାସୀଙ୍କ ଯଦିଓ କି ବିଶେଷ ରୁଚି ନାହିଁ । କିନ୍ତୁ ସର୍ବଦା ଶାସକ ଓ ପ୍ରଶାସନଙ୍କ କଥା ମାନି ଚଳନ୍ତି। କେରଙ୍ଗ ଗଡ଼ ଏକ ପଂଚାୟତ ଗ୍ରାମ । ଏଠାରେ ପୁରୁଷ ଏବଂ ମହିଳାମାନେ ମଧ୍ୟ ସରପଂଚ ପଦବି ପାଇଛନ୍ତି । ବିଧାୟକ ଓ ସାଂସଦ ତଥା ମନ୍ତ୍ରୀମାନଙ୍କ ସହ ସର୍ବଦା ଭଲ ସଂପର୍କ ରଖିଥାନ୍ତି । ଏପରିକି ଅନେକ ସମୟରେ ମଧ୍ୟ କେରଙ୍ଗଗଡ଼ର ଲୋକମାନେ ମନ୍ତ୍ରୀଙ୍କ ବିଶ୍ୱସ୍ତ ଭାବେ ରାଜନୀତି କାମରେ ସାହାଯ୍ୟ ଓ ସହଯୋଗ କରିଥାନ୍ତି । ଅନେକ ସମୟରେ ବଡ଼ ବଡ଼ ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ବଡ଼ ବଡ଼ ଧର୍ମ ପଣ୍ଡିତମାନେ ଏ ଗଡ଼କେରଙ୍ଗଙ୍କୁ ଆସି ସେଇ ପାଇକମାଟିରୁ ଆଶୀର୍ବାଦ ପାଇଛନ୍ତି ।

ତେଣୁ ଆମ୍ଭେମାନେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଧର୍ମନିରପେକ୍ଷବାଦର ଅନୁଢ଼ିଶାଳ ହେଉଛି କେରଙ୍ଗଗଡ଼। ସମଗ୍ର ଦେଶ ଏହି ଉଦାର ଗୁଣଟି ଏଠାରୁ ଶିକ୍ଷା କରିବା ଏକାନ୍ତ ଆବଶ୍ୟକ । ଆଜି ବି କେରଙ୍ଗଗଡ଼ରେ ସେହି ପାଇକମାନଙ୍କର ରଣହୁଙ୍କାର ଶୁଣିବାକୁ ମିଳୁଛି, ସେ ଶକ୍ତି ଓ ବଳ ଏବେ ବି ରହିଛି । କିନ୍ତୁ ଶାସକ ଓ ପ୍ରଶାସନର ଯଦି ଉଦାରତା ଓ ଦୂରଦର୍ଶିତାର ନଜର ପଡ଼ିବ ତେବେ ସେହି ପାଇକ ପୂନଃ ଜାଗି ଉଠିବ । ବିକାଶର ସ୍ରୋତରେ ଗଡ଼କେରଙ୍ଗଙ୍କୁ ମଧ୍ୟ ସାମିଲ କରାଗଲେ, ସେ ନିଶ୍ଚିତ ତା’ର କୀର୍ତିକୁ ପୁନରାବୃତି କରିପାରିବ । ପୁଣି ସେ ଦେଶର ମହାନତାକୁ ଉଚ୍ଚ ଶିଖରରେ ପହଂଚାଇବାରେ ସାହାଯ୍ୟ ଓ ସହଯୋଗ କରିପାରିବ । ଏଇ ମୋର ଗାଁଟି କେରଙ୍ଗ ତାର ନାଁଟି । ଆମ ଗାଁ ଆମ ପରିଚୟ ହେଉ ।

*ହିନ୍ଦୁ, ମୁସଲିମ, ଶିଖ୍, ଇସାଇ,*
*ହମ୍ ସବ୍ ହେଁ ଭାଇଭାଇ,*
*ଭାଇକୋ ହେ ଭାଇ ପ୍ୟାରା*
*ଐସା ଓ୍ୱତନ୍ ରହେ ହମାରା ।।*
*ଏହା ହିଁ ଆମର କାମନା ।*
*ସର୍ବେଭବନ୍ତୁ ସୁଖିନଃ ।*

**ଭୁବନେଶ୍ୱର**
**ଦୂରଭାଷ : ୯୬୯୨୨୨୫୦୫୭**

# ପ୍ରତିମୂର୍ତ୍ତି ଉଦ୍‌ଘାଟନକୁ ନେଇ ବିଜେଡି ନେତାଙ୍କ ଆମିଷ-ନିରାମିଷ ଲଢ଼େଇ : ଛାଡ଼ଖାଇକୁ ଅପେକ୍ଷା

**ଜଗତସିଂହପୁର(ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ତିର୍ତ୍ତୋଲ ସଂରକ୍ଷିତ ନିର୍ବାଚନ ମଣ୍ଡଳିଟି ୨୦୦୫ ମସିହାରେ ଆରମ୍ଭ ହେଲା ପରଠାରୁ ଆଜି ପର୍ଯ୍ୟନ୍ତ ତିନିଗୋଟି ବ୍ଲକ୍ ମଧ୍ୟରୁ ରଘୁନାଥପୁର ବ୍ଲକ୍‌ଟି ସଦାସର୍ବଦା ଚର୍ଚ୍ଚାରେ ଥିବା ବେଳେ ଏବେ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ନିର୍ମାଣକୁ ନେଇ ବି କେଁ ଉଠିଛି । ଏହି ସଂରକ୍ଷିତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳଟି ଆରମ୍ଭ ହେବାପରେ ବିଜୁ ଜନତା ଦଳ ଯାହାଙ୍କ ନାମକୁ ନେଇ ୨୨ବର୍ଷ ଧରି ଶାସନ କଲେଣି ସେହି ବର୍ଷିଆନ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏଠାରେ ତା୨୮ ଜୁଲାଇ ୨୦୦୬ରିଖରେ ଉଦ୍‌ଘାଟନ ହେବା ଦିନ ନିଷାର୍ଦ୍ଧ ରାତ୍ରିରେ କିଛି ଦୃର୍ବୃତ୍ତ ଭାଙ୍ଗି ଦେଇଥିଲେ। ସେତେବେଳେ ଆରକ୍ଷୀ ଅଧିକ୍ଷକଭାବେ ଯଶୋବନ୍ତ ଜେଠ୍ୱା ଓ ଜିଲ୍ଲାପାଳ ଭାବେ ସତ୍ୟବ୍ରତ ସାହୁ ଥିବାବେଳେ ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ହେଲେ ବର୍ତ୍ତମାନର ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲାର ବାସିନ୍ଦା ହେବା ସହିତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଭୋଟର ଭାବେ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ ନହେବାକୁ ନେଇ ତାଙ୍କ ଉପରେ ସନ୍ଦେହ ପ୍ରକାଶ ପାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗତ ଦାସଙ୍କ ବିୟୋଗ ୦୬ଜୁଲାଇ ୨୦୨୦ରେ ହୋଇଥିଲା ଓ ପ୍ରଥମ ଶ୍ରାଦ୍ଧବାର୍ଷିକ ଭାବେ ନିର୍ଦ୍ଧାରିତ ତାରିଖରେ ପାଳନ କରାଯାଇଥିଲା, ହେଲେ କେଉଁ ନେତା ବା କାହା ଇଙ୍ଗିତରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ତିନିଗୋଟି ବ୍ଲକ୍ ମଧ୍ୟରେ ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳନ ପରେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ତାରିଖ ନିର୍ଦ୍ଧାରଣ କରାଗଲା ଓ ୨ଗୋଟି ବ୍ଲକ୍‌ରେ ଉଦ୍‌ଘାଟନ ସରିଲା ପରେ ରଘୁନାଥପୁରରେ କାହିଁକି କେଁ ପସିଲା ସେ ନେଇ ଜିଲ୍ଲା ପ୍ରଶାସନ ବା ରାଜନୈତିକ ବ୍ୟକ୍ତିବିଶେଷ ସଠିକ ଉତ୍ତର ଦେଇପାରୁନାହାଁନ୍ତି । ସବୁଠାରୁ କୌତୁହଳର ବିଷୟ ଉଠୁଛି ଯେ ରଘୁନାଥପୁର ବଜାରରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଢ଼େର ସ୍ଥାନ ଥିବା ବେଳେ ସେଠାରେ ପ୍ରତିମୂର୍ତ୍ତି ସ୍ଥାପନ କରାନଯାଇ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ଥାପନ ହେବାକୁ ନେଇ କନ୍ଦଳ ସୃଷ୍ଟି ହୋଇଛି । ବିଜେଡି ଶିବିରରେ ଦଳୀୟ କନ୍ଦଳ ଘଟଣା କାର୍ତ୍ତିକ ମାସର



ଆମିଷ ଓ ନିରାମିଶ ଲଢ଼େଇ ଆରମ୍ଭ କରି ଆସନ୍ତା ପଂଚାୟତ ନିର୍ବାଚନ ବେଳକୁ ଛାଡଖାଇର କାହିଁକି ରୂପ ନନେବ ବୋଲି ବୃଦ୍ଧିଜୀବୀ ମହଲରେ ମଧ୍ୟ ଆଲୋଚନା ହେଉଛି । ଏହି ପ୍ରତିମୂର୍ତ୍ତିର ଉଦ୍‌ଘାଟନ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଉଦ୍‌ଘାଟନ ହେବାକୁ ନେଇ ବ୍ଲକ୍ ଅଞ୍ଚଳର କଂଗ୍ରେସ୍ ଓ ବିଜେପିଦଳର ନେତାମାନେ ଧାରଣା ଦେଇ ଲଢ଼େଇ ଜାରିରହିଥିବା ବେଳେ ସମଗ୍ର ରାଜ୍ୟଠାରୁ ଆରମ୍ଭ କରି ଦିଲ୍ଲୀ ଦରବାର ପର୍ଯ୍ୟନ୍ତ ଋଷୀମାନଙ୍କ ପ୍ରତି ହେଉଥିବା ଅବହେଳାକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ନବନିର୍ମାଣ କୃଷକ ସଙ୍ଗଠନ ଏଥିରେ ସାମିଲ ହେବାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇବା ସହିତ ଘୃଣ୍ୟ ରାଜନୀତିର ମୁଖଶାଳା ହେଲା ବୋଲି ଚର୍ଚ୍ଚା ମଧ୍ୟ ହେବାରେ ଲାଗିଛି । ଏପରି ଉତ୍ତେଜନା ମୂଳକ ପରିସ୍ଥିତି ଓ ଦଳୀୟ କନ୍ଦଳ ଦୃଷ୍ଟି କୋଣରୁ ଆଜକୁ ୧୦ଦିନ ହେଲା ପୋଲିସ୍ କର୍ତ୍ତୃପକ୍ଷ ପ୍ରତିମୂର୍ତ୍ତି ଉପରେ ଖବର କାଗଜ ଘୋଡାଇ ଜଗିରହିଛନ୍ତି । ଏପରି ଘଟଣା ଦେଖିଲେ ବିଜେଡି ନେତାଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଛି । ଆଗାକୁ ପଞ୍ଚାୟତ ନିର୍ବାଚନ ଘଣ୍ଟି ବାଜିବାକୁ ଥିବା ବେଳେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକଙ୍କ ପିତା ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିବା ଘଟଣା ବାସ୍ତବରେ ଦଳୀୟ ବିଶୃଙ୍ଖଳାକୁ ପଦାରେ ପକାଇଛି । ସ୍ଥାନୀୟ ନେତା ନା ବିଧାୟକଙ୍କ ଇଙ୍ଗିତରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନ ନିରୂପଣ କରାଗଲା ସେ ନେଇ ସନ୍ଦେହ ପ୍ରକାଶ ପାଉଥିବା ବେଳେ ପ୍ରଶାସନର ଅନୁମତି ମିଳିଛି ନା ନାହିଁ ସେ ନେଇ ବି ଆଶଙ୍କା ସୃଷ୍ଟି ହେଲାଣି । ଆଗାମୀ ପଞ୍ଚାୟତ ନିର୍ବାଚନ ବେଳକୁ ଏହି ରାଜନୈତିକ ମାହୋଲ ଜାରି ରହିବ । ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳୁଛି ଯେ, ଯଦି ଏହି ସ୍ଥାନରେ ପ୍ରତିମୂର୍ତ୍ତିଟିର ଉଦ୍‌ଘାଟନ କରାଯାଏ ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରି ଏଥିରେ ବି ସମଦଶା ଭୋଗିବାକୁ ପଡିବ । ଶାସକ ଦଳର କିଛି ନେତା ଓ ସରକାରୀ ଅଧିକାରୀମାନଙ୍କ ଚାପ ବଳରେ ପ୍ରତିମୂର୍ତ୍ତିଟିର ଉଦ୍‌ଘାଟନ ହେବା ଘଟଣା ସଙ୍କଟରେ ପଡିଗଲାଣି । ଏହି ପ୍ରତିମୂର୍ତ୍ତିଟିର ଉଦ୍‌ଘାଟନକୁ ନେଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଦୁଇ ଗୋଷ୍ଠୀର ନେତା ଏବଂ କର୍ମୀ ଭୁବନେଶ୍ୱର ଗସ୍ତକରି ମନ୍ତ୍ରୀ ଓ ବିଧାୟକମାନଙ୍କୁ ବୁଝାଇ ଆସିଥିଲେ ବି ସଙ୍କଟର ପୂର୍ଣ୍ଣଛେଦ ନପଡିବା ଘଟଣା ଆହୁରି ବି ଅଡୁଆରେ ପକାଉଛି । ଜିଲ୍ଲାପାଳ ଶ୍ରୀ ମହାପାତ୍ର ଏଥିପ୍ରତି ଗୁରୁତ୍ୱ ଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରୁ ଶ୍ରୀ ଦାସଙ୍କ ପ୍ରତିମୂର୍ତ୍ତି ଉଠାଇ ନେଇ ଅନ୍ୟତ୍ର ଏକ ସ୍ଥାନରେ ଉଦ୍‌ଘାଟନ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି ।





ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ଅନୁସୟା ମାଝୀ**
ସଭାନେତ୍ରୀ ବିଜୁ ମହିଳା ଜନତା ଦଳ, ରାୟଗଡ଼ା



ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ଜ୍ୟୋତି ପ୍ରସାଦ ସାହୁ**
ରାଜ୍ୟ ଯୁବ ଜନତା ଦଳ ସମ୍ପାଦକ ତଥା ଜିଲ୍ଲା ବିଜୁ କୃଷକ ସଭାପତି, ରାୟଗଡା



ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ପୂର୍ଣ୍ଣଚନ୍ଦ୍ର ଗୌଡ଼**
ଜିଲ୍ଲା ବିଜେଡି ସମ୍ପାଦକ, ମୁନିଗୁଡା, ରାୟଗଡା



ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ରତ୍ନଲାଲ୍ ଜୈନ୍**
ସଭାପତି, ବିଜେଡି ମୁନିଗୁଡା ବ୍ଲକ୍, ରାୟଗଡା



ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ଗଗନ ଆଚାର୍ଯ୍ୟ**
ଜିଲ୍ଲା ବି.ଜେ.ଡି ସମ୍ପାଦକ, , ରାୟଗଡା



ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ଅଶ୍ୱିନୀ ଗୋମାଙ୍ଗ**
ଜିଲ୍ଲା ପରିଷଦ ସଭ୍ୟ, ଗୁଣୁପୁର, ରାୟଗଡ଼ା



ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ଶିବପ୍ରସାଦ କଣ୍ଡାଗୋରୀ**
ସରପଞ୍ଚ, ମୁକୁନ୍ଦପୁର, ରାୟଗଡା



ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ଗଙ୍ଗାଧର ପୁଆଲା**
ଅଧକ୍ଷ, ଜିଲ୍ଲାପରିଷଦ, ରାୟଗଡ଼ା



ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ଧୀରେନ୍ଦ୍ର ପାଣିଗ୍ରାହୀ (ପିରୁଭାଇ)**
ବିଜୁଜନତା ଦଳ ନେତା, ଆମ୍ବାଦୋଳା, ରାୟଗଡା



ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ଅମିତ କୁମାର ମହାରଣା**
ବିଜୁଜନତା ଦଳ ନେତା, ରାମନାଗୁଡା, ରାୟଗଡା



ଏକମାତ୍ରର ଅଗଣିତ ପାଠକ ପାଠିକାଙ୍କୁ ଅଭିନନ୍ଦନ ସହିତ ରାୟଗଡା ଜିଲ୍ଲାର ଆବାଳବୃଦ୍ଧ ବନିତା ମାନଙ୍କୁ ମୋର ଅନୁରୋଧ ଏହି କୋରନାରୁ ରକ୍ଷା ପାଇବା ପାଇଁ ସଦାସର୍ବଦା ମାସ୍କ ବ୍ୟବହାର କରନ୍ତୁ ଏବଂ ଘରେ ରୁହନ୍ତୁ କୋରନାକୁ ହଟାନ୍ତୁ ।

**ରଘୁନାଥ ଗୋମାଙ୍ଗ**
ବିଧାୟକ, ଗୁଣୁପୁର, ରାୟଗଡ଼ା

PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286

## ସ୍ୱାଧିନତା ଦିବସ ପାଇଁ ପ୍ରସ୍ତୁତି ବୈଠକ



**ରେଢାଖୋଲ :** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ କାର୍ଯ୍ୟାଳୟ ସ୍ଥିତ ରାଜୀବ ଗାନ୍ଧୀ ସଭା ଗୃହ ଠାରେ ମଙ୍ଗଳବାର ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ରେଢାଖୋଲ ଉପଜିଲ୍ଲାପାଳ ପବିତ୍ର ମୋହନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରୀ ଗାଇଡ ଲାଇନ ମୁତାବକ କଟକଣା ସହ ନିରାଡମ୍ବର ଭାବେ ପାଳନ ପାଇଁ ଆଲୋଚନା ହୋଇଥିଲା। ଚଳିତ ବର୍ଷ ରେଢ଼ାଖୋଲ ଉପଖଣ୍ଡରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉତ୍ସରେ ପ୍ୟାରେଡ ହେବନାହିଁ। ସ୍ଥାନୀୟ କଦମ୍ବ ପଡିଆରେ ଉତ୍ସବ ପାଳନ ସହ କେବଳ କରୋନା ଯୋଦ୍ଧା ଯଥା ସାମ୍ବାଦିକ, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀ, ସଫେଇ କର୍ମଚାରୀ ସାମିଲ ହେବେ। ଉକ୍ତ ବୈଠକରେ ବିଡ଼ିଓ ପରୀକ୍ଷିତ ସାହୁ, ତହସିଲଦାର ବେର୍ସିୟସ ଡୁଙ୍ଗ୍ ଡୁଙ୍ଗୁ, ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, ଏଇଇ ବୀରବର ବେହେରା, ଡାକ୍ତରଖାନା ସୁପରିଟେଣ୍ଡେଟ ଡଃ ରାମକୃଷ୍ଣ ପତି, ଓକିଲ ସଂଘ ସଭାପତି ଗଣେଶ୍ୱର ପ୍ରଧାନ, ଏନଏସି ନୀର୍ବାହୀ ଅଧିକାରୀ (ଇଓ)କନିକା ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ପ୍ରଧାନ, ସୁଶାନ୍ତ ନାଗ, ଅନିଲ ପୃଷ୍ଟି, ତପନ ବିଶ୍ୱାଳ, ସରୋଜ ସାହୁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହାରାଧନ ମେଣ୍ଡୁଲୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମି ଚିହ୍ନଟ ପାଇଁ ଲାଞ୍ଚ ମାଗି ୪ ପୋଲିସ ସସ୍‌ପେଣ୍ଡ

**ଜୟପାଟଣା, (ସନ୍ତୋଷ ସିଂ) :** ୫-ଟି' ଅଧିନକୁ ଆସିଥିବା ଥାନା ଗୁଡିକ ଉପରେ ଏବେ ରାଜ୍ୟ ସରକାରଙ୍କର କଡା ନଜର। ଥାନାକୁ ଆସୁଥିବା ଲୋକମାନଙ୍କୁ ଥାନା କର୍ମଚାରୀ କିଭଳି ସେବା ଯୋଗାଇ ଦେଉଛନ୍ତି ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ଯେଉଁଠାରେ ଅଭିଯୋଗ ଆସୁଛି ସେଠାରେ ତତ୍କାଳ ଖୋଳତାଡ କରାଯିବା ସହିତ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏକ ଅଭିଯୋଗ ଅନୁଯାୟୀ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଜୟପାଟଣା ଥାନାର ୪ ପୋଲିସ କର୍ମଚାରୀ ଲାଞ୍ଚ କାରବାରରେ ସମ୍ପୃକ୍ତ ରହିଥିବା ହେତୁ ସେମାନଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ଏଏସ୍ଆଇ ସନ୍ତୋଷ ସାହୁ, କନଷ୍ଟେବଳ ସୂର୍ଯ୍ୟ ମିଶ୍ର, ହେମନ୍ତ ବାଗ ଏବଂ ଓପିଏଫ୍ ଯବାନ ଦେବରାଜ ନାୟକ। ସୂଚନା ଅନୁସାରେ କପୁରମାଲ ଗାଁର ଘାସିରାମ ମାଝୀ ନିଜ ଜମି ଚିହ୍ନଟ ପାଇଁ ପୋଲିସର ସହାୟତା ନେଇଥିଲେ। ସହାୟତା କରିବା ବଦଳରେ ପୋଲିସ ତାଙ୍କ ଠାରୁ ଲାଞ୍ଚ ଟଙ୍କା ନେଇଥିଲେ। ମୋ ସରକାର ପକ୍ଷରୁ ଯାଇଥିବା କଲ୍‌ରେ ଘାସିରାମ ଏହି ଘଟଣା ବିଷୟରେ ଅଧିକାରୀଙ୍କୁ ତୁରନ୍ତ ଜଣାଇବା ପରେ ଏହି ଲାଞ୍ଚୁଆ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

GURUKUL

CBSE New Generation School




Gothapatna, Malipada, Bhubaneswar

Contact : 9438782020

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି